ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com



ଯା ଦେବୀ ସର୍ବଭୂତେଷୁ............

ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

ବାଲେଶ୍ୱର ■ ରବିବାର ୧୨ ନଭେମ୍ବର ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 12 NOVEMBER 2023
Vol.No. 34 ■ No. 297■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019

DADLS-48

ପବିତ୍ର ଦୀପାବଳି-୨୦୨୩
ଉପଲକ୍ଷେ ମାନ୍ୟବର ରାଜ୍ୟପାଳଙ୍କ
ବାର୍ତ୍ତା

ଆଲୋକର ପର୍ବ ପବିତ୍ର ଦୀପାବଳିର ଶୁଭ ଅବସରରେ ମୁଁ ରାଜ୍ୟବାସୀ ଭାଇଭଉଣୀମାନଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହ ସମସ୍ତଙ୍କର ସୁଖ, ଶାନ୍ତି ଓ ସମୃଦ୍ଧି କାମନା କରୁଛି ।

(ରଘୁବର ଦାସ)

OIPR: 15001/13/0185/2324

# କୋଲକତାରୁ ଓଡ଼ିଶା ଆସୁଥିବା ବସ୍‌ରେ ଲାଗିଲା ନିଆଁ: ଜଳିଗଲେ ମହିଳା ଯାତ୍ରୀ



ବାଲେଶ୍ୱର, ୧୧/୧୧ (ନି.ପ୍ର): ଗତକାଲି ରାତିରେ ପଶ୍ଚିମବଙ୍ଗର ଖଡ଼ଗପୁର ଗ୍ରାମୀଣ ଥାନା ମାଦପୁର ନିକଟରେ ଏକ ବସରେ ଭୟଙ୍କର ଅଗ୍ନିକାଣ୍ଡ ଘଟିଥିବା ଜଣାଯାଇଛି । ଏହି ଅଗ୍ନିକାଣ୍ଡରେ ଓଡ଼ିଶାର ଜଣେ ମହିଳା ଜୀବନ୍ତ ଦଗ୍ଧ ହୋଇ ଯାଇଥିବା ଜଣାଯାଇଛି । ମୃତକଙ୍କ ନାଁ ପୁଷ୍ପାଞ୍ଜଳି ଦାସ । ତାଙ୍କ ଘର କେନ୍ଦ୍ରାପଡା ଜିଲ୍ଲା ନୋଳିଆ ଗାଁରେ । ତାଙ୍କ ସ୍ୱାମୀ କୋଲକତାରେ ଚାକିରି କରିଥିଲେ । ମହିଳାଜଣକ କୋଲକତାରେ ରହୁଥିବା ବେଳେ ଦୀପାବଳି ପାଇଁ ନିଜ ସ୍ୱାମୀ ଓ ପୁଅଙ୍କ ସହ ଘରକୁ ଯାଉଥିବା ବେଳେ ଏହି ଅଗ୍ନିକାଣ୍ଡରେ ସମ୍ପୂର୍ଣ୍ଣ ଜଳି ଯାଇଛନ୍ତି । ନିଆଁ ଲାଗିଥିବା ବସରେ ସମୁଦାୟ ୩୮ ଜଣ ଯାତ୍ରୀ ଥିଲେ । ସେମାନଙ୍କ ମଧ୍ୟରୁ ୩୧ ଜଣ ଓଡିଶାର ଥିବା ସୂଚନା ମିଳିଛି । କେନ୍ଦ୍ରାପଡାର ୧୬, ଯାଜପୁରର ୬ ଓ ପାରାଦୀପର ୨ଜଣ ଯାତ୍ରୀ ଅଛନ୍ତି । ଅଗ୍ନିକାଣ୍ଡ ପରେ ଆହତମାନଙ୍କୁ ଉଦ୍ଧାର କରାଯାଇ ମେଦିନାପୁର ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ ଓ ଖଡପୁର ଗ୍ରାମୀଣ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ବସରେ କେମିତି ନିଆଁ ଲାଗିଲା ତାହା ସ୍ପଷ୍ଟ ସୂଚନା ମିଳିପାରୁନାହିଁ । କିନ୍ତୁ ମିଳୁଥିବା ସୂଚନା ଅନୁଯାୟୀ, ଗାଡ଼ି ଭିତରେ ବାଣ, ମହମବତି ଥିଲା ।

▶▶ପୃଷ୍ଠା ୭

## ୧୪ରେ ଲଘୁଚାପ

ଭୁବନେଶ୍ୱର, ୧୧/୧୧ (ନି.ପ୍ର): ଆସନ୍ତା ୧୪ ତାରିଖରେ ବଙ୍ଗୋପସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି । ଭୁବନେଶ୍ୱର ସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଆଜି ଏନେଇ ସୂଚନା ଦିଆଯାଇଛି । ଏହି ସୂଚନା ଅନୁଯାୟୀ, ନଭେମ୍ବର ୧୪ ତାରିଖ ବେଳକୁ ଦକ୍ଷିଣ-ପୂର୍ବ ବଙ୍ଗୋପସାଗର ଅଞ୍ଚଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି । ଏହା ପରବର୍ତ୍ତୀ ସମୟରେ ପଶ୍ଚିମ-ଉତ୍ତର-ପଶ୍ଚିମ ଦିଗରେ ଗତି କରି ୧୬ ତାରିଖ ବେଳକୁ କେନ୍ଦ୍ରୀୟ ପାର୍ଶ୍ୱବର୍ତ୍ତୀ ଦକ୍ଷିଣ ବଙ୍ଗୋପସାଗର ଅଞ୍ଚଳରେ ଆହୁରି ଘନୀଭୂତ ହୋଇ ଏକ ଅବପାତର ରୂପ ନେବାର ସମ୍ଭାବନା ରହିଛି । ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ କୁହାଯାଇଛି, ଗତ ୨୪ ଘଣ୍ଟାର ରାଜ୍ୟରେ ପାଗ ମୁଖ୍ୟତଃ ଶୁଖିଲା ରହିଛି । ବର୍ତ୍ତମାନ କୌଣସି ନିର୍ଦ୍ଦିଷ୍ଟ ପାଣିପାଗର ପ୍ରଭାବ ରାଜ୍ୟ ଉପରେ ନାହିଁ । ତେଣୁ ଆଗାମୀ ୪ ଦିନ ଯାଏଁ ପାଗ ମୁଖ୍ୟତଃ ଶୁଖିଲା ରହିବ । ତେବେ ୧୫ ତାରିଖରେ ଦକ୍ଷିଣ ଉପକୂଳ ଓଡ଼ିଶାର କିଛି ଜିଲ୍ଲା ସମେତ ରାୟଗଡ଼ା, କୋରାପୁଟ ଓ ମାଲକାନଗିରି ଜିଲ୍ଲାର କିଛି ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି । ସେହିପରି ଉତ୍ତର ଉପକୂଳ ଓଡ଼ିଶାର ଗୋଟିଏରୁ ଦୁଇଟି ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହୋଇପାରେ ।

# ମଧ୍ୟପ୍ରଦେଶ ପାଇଁ ବିଜେପିର ନିର୍ବାଚନୀ ଇସ୍ତାହାର

## ବିପିଏଲ କାର୍ଡଧାରୀଙ୍କୁ ୫ବର୍ଷ ପର୍ଯ୍ୟନ୍ତ ମିଳିବ ମାଗଣା ରାସନ
## ଲାଡଲି ଲକ୍ଷ୍ମୀ ଯୋଜନାରେ ଝିଅଙ୍କୁ ମିଳିବ ୨ଲକ୍ଷ ଟଙ୍କା



ନୂଆଦିଲ୍ଲୀ, ୧୧/୧୧ : ମଧ୍ୟପ୍ରଦେଶ ନିର୍ବାଚନ ପାଇଁ ବିଜେପି ପକ୍ଷରୁ ଇସ୍ତାହାର ପତ୍ର ଜାରି । ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନଡ୍ଡା କୁଶଭାଓ ଠାକରେ ଅଡିଟୋରିୟମରେ 'ମୋଦିଙ୍କ ଗ୍ୟାରେଣ୍ଟି ବିଜେପିର ଭରସା' ଶୀର୍ଷକ ଇସ୍ତାହାର ପତ୍ରର ଉନ୍ମୋଚନ କରିଛନ୍ତି । ଇସ୍ତାହାରରେ ମାଗଣା ରାସନ ସହିତ ମୁଖ୍ୟମନ୍ତ୍ରୀ ଜନ ଆବାସ ଯୋଜନା କାର୍ଯ୍ୟକାରୀ କରିବା ନେଇ ପ୍ରତିଶ୍ରୁତି ଦେଇଛି ବିଜେପି । ୫ବର୍ଷ ପାଇଁ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନା କାର୍ଯ୍ୟକାରୀ କରାଯିବ । ଏହି ସମୟରେ ସମସ୍ତ ପରିବାରକୁ ମାଗଣା ରାସନ ସହିତ ରିହାତି ଦରରେ ଡାଲି, ସୋରିଷ ତେଲ ଓ ଚିନି ଯୋଗାଇ ଦିଆଯିବ । ମଧ୍ୟପ୍ରଦେଶରେ କୌଣସି ପରିବାର ବାସହୀନ ରହିବେ ନାହିଁ । ଏଥିପାଇଁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ସହିତ ମୁଖ୍ୟମନ୍ତ୍ରୀ ଜନ ଆବାସ ଯୋଜନା କାର୍ଯ୍ୟକାରୀ କରାଯିବ ବୋଲି ଇସ୍ତାହାର ପତ୍ରରେ ଘୋଷଣା କରାଯାଇଛି । ଲାଡଲି ଯୋଜନାରେ ରାଜ୍ୟର ଯୁବତୀ ମାନଙ୍କୁ ଆର୍ଥିକ ସହାୟତା ଦେବା ସହ ଧାନ ଓ ଗହମର ସର୍ବନିମ୍ନ ସହାୟକ ମୂଲ୍ୟ ଯଥାକ୍ରମେ ୨୭୦୦ ଓ ୩୧୦୦ଟଙ୍କାକୁ ବୃଦ୍ଧି କରାଯିବ ବୋଲି ପ୍ରତିଶ୍ରୁତି ଦେଇଛି ଦଳ ।

DADLS-48

ମୁଖ୍ୟମନ୍ତ୍ରୀଙ୍କ ଦୀପାବଳି ଶୁଭେଚ୍ଛା

ଆଲୋକ ଓ ଆନନ୍ଦର ପର୍ବ ଦୀପାବଳି ଅବସରରେ ଆପଣମାନଙ୍କୁ ମୋର ଶୁଭେଚ୍ଛା । ସମସ୍ତଙ୍କ ଜୀବନକୁ ରୂପାନ୍ତରର ଆଲୋକରେ ଆଲୋକିତ କରିବା ପାଇଁ ଆସନ୍ତୁ, ସମସ୍ତେ ସଂକଳ୍ପବଦ୍ଧ ହୋଇ କାମ କରିବା ଏବଂ ଶ୍ରେଷ୍ଠ ଓଡ଼ିଶା ଗଠନ କରି ଓଡ଼ିଶାର ସମ୍ମାନକୁ ନୂତନ ଶିଖରରେ ପହଞ୍ଚାଇବା ।

ନବୀନ ପଟ୍ଟନାୟକ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR: 15001/13/0185/2324

# ଅଯୋଧ୍ୟାର ୫୧ ଘାଟରେ ଜଳିଲା ୨୪ଲକ୍ଷ ଦୀପ: ପ୍ରଜ୍ଞାପନ ମେଢ଼ରେ ଶ୍ରୀରାମଙ୍କ ଜୀବନୀ ପ୍ରଦର୍ଶିତ



ନୂଆଦିଲ୍ଲୀ, ୧୧/୧୧ : ପ୍ରତିବର୍ଷ ଯେଉଁଦିନକୁ ଅପେକ୍ଷା ଥାଏ ସେହି ଶୁଭ ମୁହୂର୍ତ୍ତ ଆଜି ଆସିଛି । ମର୍ଯ୍ୟାଦାପୁରୁଷ ଶ୍ରୀରାମଙ୍କ ଜନ୍ମଭୂମି ଅଯୋଧ୍ୟାରେ ଆୟୋଜିତ ହୋଇଛି ଭବ୍ୟ ଦୀପୋତ୍ସବ କାର୍ଯ୍ୟକ୍ରମ । ବର୍ଷ ବର୍ଷ ଧରି ମନରୁ ନଲିଭିବା ପରି ପ୍ରସ୍ତୁତି ଦେଖିବାକୁ ମିଳିଛି । ୫୧ ଘାଟରେ ଜଳିଛି ୨୪ ଲକ୍ଷ ଦୀପ । ଯାହା ପାଇଁ ହଜାର ସଂଖ୍ୟକ ଭଲ୍ୟୁଣ୍ଟର ଅଂଶଗ୍ରହଣ କରିଛନ୍ତି । ବୋହୂ ପରି ସଜେଇ ହୋଇଛି ଅଯୋଧ୍ୟା ନଗରୀ । ଯେଉଁଠି ନଜର ପଡୁଛି ସେଠି କେବଳ ଦେଖିବାକୁ ମିଳିଛି ରଙ୍ଗ ବିରଙ୍ଗ ଆଲୋକମାଳା ଓ ଦୀପ ପ୍ରଜ୍ୱଳନ । ବନବାସ ଶେଷ କରି ଅଯୋଧ୍ୟାକୁ ଫେରିବା ପରେ ପ୍ରଭୁ ଶ୍ରୀରାମ, ମାତା ସୀତା ଓ ଲକ୍ଷ୍ମଣ । ତେଣୁ ପ୍ରତିବର୍ଷ ପରି ଏଥରକ ମଧ୍ୟ ଏଇ ରାମଲୀଳାର କାର୍ଯ୍ୟକ୍ରମରେ ଆୟୋଜନ କରାଯାଇଛି । ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପ୍ରଭୁ ଶ୍ରୀରାମଙ୍କ ରାଜତିଳକ କରିଛନ୍ତି । ସବୁଠୁ ବଡ କଥା ହେଉଛି ଦୀପୋତ୍ସବ କାର୍ଯ୍ୟକ୍ରମକୁ ଅଧିକ ଆକର୍ଷଣ ଓ ମନୋଲୋଭା କରିବାକୁ ସ୍ଥାନୀୟ ପ୍ରଶାସନ

▶▶ପୃଷ୍ଠା ୭

DADLS-48

ପବିତ୍ର ଦୀପାବଳି – ୨୦୨୩ ଉପଲକ୍ଷେ
ବାର୍ତ୍ତା

ଆଲୋକ ଓ ଆନନ୍ଦର ପର୍ବ ଦୀପାବଳିର ଶୁଭ ଅବସରରେ ମୁଁ ରାଜ୍ୟବାସୀ ଭାଇଭଉଣୀମାନଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି । ଓଡ଼ିଶାର ସର୍ବାଙ୍ଗୀନ ଉନ୍ନତି ସହ ସମସ୍ତଙ୍କର ସୁଖ, ଶାନ୍ତି ଓ ସମୃଦ୍ଧି କାମନା କରୁଛି ।

ପ୍ରଦିପ କୁମାର ଅମାତ
(ପ୍ରଦିପ କୁମାର ଅମାତ)
ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ,
ପଞ୍ଚାୟତିରାଜ ଓ ପାନୀୟଜଳ,
ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ, ଓଡ଼ିଶା

OIPR: 15001/13/0185/2324

## ଛାତ୍ରୀଙ୍କୁ ଦୁଷ୍କର୍ମ ମାମଲା: ବନ୍ଧା ହେଲେ ଦୁଇ ଶିକ୍ଷକ

ଗୁରୁ ପରି ପବିତ୍ର ନାଁରେ ଲଗାଇଲେ କଳଙ୍କ । ଶିକ୍ଷକ ହୋଇ ଛାତ୍ରୀଙ୍କ ଉପରେ ପକାଇଲେ ଲୋଲୁପ ଦୃଷ୍ଟି । ଶେଷରେ ନିଜ କୃତକର୍ମର ଫଳ ସ୍ୱରପ ଜେଲ୍ ଗଲେ ଦୁଇ ଶିକ୍ଷକ । ନବରଙ୍ଗପୁର ଜିଲ୍ଲା ଉମରକୋଟ ଛାତ୍ରୀଙ୍କୁ ଦୁଷ୍କର୍ମ ଅଭିଯୋଗ ମାମଲାରେ ଜେଲ୍ ଗଲେ ଦୁଇ ଶିକ୍ଷକ । ଗିରଫ ଶିକ୍ଷକଦ୍ୱୟ ସେହି ସ୍କୁଲର ପ୍ରଧାନ ଶିକ୍ଷକ ସୁଚନ୍ଦ୍ର ବିଶ୍ୱାସ ଓ ସହକାରୀ ଶିକ୍ଷକ କେଶବ ମାଝୀ । କୁନ୍ଦେଇ ପୁଲିସ ସେମାନଙ୍କୁ ଗିରଫ କରିବା ପରେ ନବରଙ୍ଗପୁର ଅତିରିକ୍ତ ଜିଲ୍ଲା ପୋକ୍ସୋ କୋର୍ଟରେ

▶▶ପୃଷ୍ଠା ୭

# ଆଲୋକର ପର୍ବ ଦୀପାବଳି

## କାଳି ଦାସ

ଅମାବାସ୍ୟାର ଅନ୍ଧକାରକୁ ଦୂର କରିବାପାଇଁ ସହ ସହ ଦୀପ ପ୍ରତ୍ୟେକ ଘରେ ଲାଗିଥାଏ । ଭାରତର ପ୍ରତ୍ୟେକ ପର୍ବ ଆଧାତ୍ମିକ ଚେତନା, ମାନବିକ ମୂଲ୍ୟବୋଧକୁ କେନ୍ଦ୍ର କରି ହୋଇଥାଏ । ଅନ୍ଧକାର ଅଜ୍ଞାନକୁ ପ୍ରତିନିଧିତ୍ୱ କରେ । ଆଲୋକ ଜ୍ଞାନକୁ ପ୍ରତିନିଧିତ୍ୱ କରିଥାଏ । କୁହାଯାଏ ପ୍ରଥମେ ଦୀପାବଳି ଅଯୋଧାରେ ପାଳନ କରାଯାଇଥିଲା । ପ୍ରଭୁ ଶ୍ରୀରାମଚନ୍ଦ୍ର ୧୪ ବର୍ଷ ବନବାସ ଶେଷ କରି ଛୋଟ ଭାଇ ଲକ୍ଷ୍ମଣ ଓ ସ୍ତ୍ରୀ ସୀତାକୁ ନେଇ ଅଯୋଧ୍ୟା ଫେରିଥିଲେ । ଅଯୋଧ୍ୟା ବାସୀ ରାମଚନ୍ଦ୍ରଙ୍କ ସ୍ୱାଗତ ପାଇଁ ଦୀପରେ ଘର ସଜାଇ ଥିଲେ । ସେଠାରୁ ଏହି ପରମ୍ପରା ଚାଲିଛି । କାଶ୍ମୀରଠାରୁ କନ୍ୟାକୁମାରୀ ଯାଏଁ ସବୁଠି ଦୀପାବଳିର ଭବ୍ୟ ସମାରୋହ ଦେଖିବାକୁ ମିଳିଥାଏ। ଦୀପାବଳି ହେଲା ଆଲୋକର ପର୍ବ, ବନ୍ଧୁ ମିଳନର ପର୍ବ । ଜ୍ଞାନ ଓ ବୈରାଗ୍ୟର ପର୍ବ।

ଲୋକମାନେ ଦୀପାବଳିର ସ୍ୱାଗତ ହୃଦୟର ସହିତ କରିଥାନ୍ତି। ଘର ଲିପା ପୋଛା ସଫା ସୁତୁରା କରାଯାଇଥାଏ । ଫୁଲମାଳ ଘରେ ଘରେ ଲାଗିଥାଏ । ଉତ୍ତରଭାରତରେ ଦୀପାବଳିର ମହତ୍ୱ ଅଲଗା ରହିଛି । ଦୀପାବଳି କେବଳ ଗୋଟିଏ ଦିନର ପର୍ବ ନୁହେ ବରଂ ଏହା ପାଞ୍ଚ ଦିନ ଯାଏଁ ଚାଲିଥାଏ। ଧନତରସ ତ୍ରୟୋଦଶୀ ତିଥିକୁ କୁହାଯାଏ । ଏହି ଦିନ ଧନ୍ୱନ୍ତରୀଙ୍କ ଜନ୍ମ ହୋଇଥିଲା ।

ସମୁଦ୍ର ମନ୍ଥନ ବେଳେ ଧନ୍ୱନ୍ତରୀ ଅମୃତର କଳସ ଧରି ସମୁଦ୍ର ମନ୍ଥନରୁ ବାହାରି ଆସିଥିଲେ ତେଣୁ ଧନ୍ୱନ୍ତରୀଙ୍କ ଜନ୍ମକୁ ଧନତରସ କୁହାଯାଇଥାଏ। ଏହି ଦିନ ଲୋକମାନେ ସୁନା, ରୂପା ଓ ବାସନ ପତ୍ର କିଣିଥାନ୍ତି ଏହା ଦ୍ୱାରା ଘରର ଆର୍ଥିକ ପରିସ୍ଥିତି ସୁଧୁରିଥାଏ ବୋଲି ବିଶ୍ୱାସ ରହିଛି । ତା ପରଦିନ କୁ ଛୋଟ ଦୀପାବଳି ବୋଲି କୁହାଯାଏ । ଘରେ ଘରେ ଦୀପ ଲାଗିବା ଆରମ୍ଭ ହୋଇଯାଇଥାଏ । ତାପର ଦିନକୁ କୁହାଯାଏ ଦୀପାବଳି। ଏହି ଦିନ ଉତ୍ତରଭାରତରେ ଲୋକମାନେ ଲକ୍ଷ୍ମୀ ଏବଂ ଗଣେଶଙ୍କ ଆରାଧନା ବା ପୂଜା କରିଥାନ୍ତି । ଓଡିଶାରେ ଏବଂ ପଶ୍ଚିମବଙ୍ଗରେ କାଳୀପୂଜା ମେଢ ହୋଇଥାଏ । ଦୀପାବଳି ପରଦିନକୁ ଗୋବର୍ଦ୍ଧନ ଉତ୍ସବ କୁହାଯାଏ । ଏହି ଦିନ ଭଗବାନ ଶ୍ରୀ କୃଷ୍ଣ ଗୋବର୍ଦ୍ଧନ ପର୍ବତକୁ ନିଜ କାଣୀ ଆଙ୍ଗୁଠିରେ ଉଠାଇଥିଲେ ଏବଂ ବୃନ୍ଦାବନରେ ବସାବାସ



କରିଥିବା ଲୋକଙ୍କୁ ଇନ୍ଦ୍ରଙ୍କ କୋପରୁ ବଞ୍ଚାଇଥିଲେ । ତାପର ଦିନ ହେଲା "ଭାଇଦୁଜ" ବା ଭାତୃଦ୍ୱିତୀୟା। ଏହି ଦିନ ଭଉଣୀମାନେ ଭାଇଙ୍କ ପାଇଁ ଉପବାସ କରିଥାନ୍ତି ଭାଇର ଦୀର୍ଘ ଜୀବନ କାମନା କରିଥାନ୍ତି ଓ ଭାଇଠାରୁ ଉପହାର ପାଇଥାନ୍ତି । ଭାଇ ଭଉଣୀଙ୍କା ସ୍ନେହର ପ୍ରତୀକ ଭାଇଦୁଜ । ଓଡିଶାରେ ଦୀପ ଦାନ ଓ ପୟା ଶ୍ରାଦ୍ଧ କରାଯାଇଥାଏ । ବିଶ୍ୱାସ ଏହି ଯେ ପିତୃ ପକ୍ଷ ବା ଉପର ପକ୍ଷରେ ପିତୃମାନେ ନିଜର ପରିବାର ପାଖକୁ ଆସିଥାନ୍ତି ଏବଂ ଦୀପାବଳି ଦିନ ପୁଣି ପିତୃଲୋକ ଫେରିଯାଇଥାନ୍ତି ତେଣୁ ପିତୃଙ୍କୁ ଅମାବାସ୍ୟାର ଅନ୍ଧକାର ସେମାନଙ୍କ ଗତିରେ ବାଧା ନ ସୃଷ୍ଟି କରୁ ସେଥିପାଇଁ ପିତୃଲୋକଙ୍କ ଉଦ୍ଦେଶ୍ୟରେ ଆଲୋକ ଦେଖା ଯାଇଥାଏ । ଏହା ପରଠାରୁ କାର୍ତ୍ତିକ ମାସର ଅନ୍ୟ ପର୍ବ ଆସିଯାଏ ।

ଦୀପାବଳିର ଆଲୋକ ସଜ୍ଜା ଆମକୁ ଅନେକ କିଛି ଶିଖାଏ । ଆସୁରିକ ଶକ୍ତି ଉପରେ ଦୈବିକ ଶକ୍ତିର ବିଜୟ ଏବଂ ଅସତ୍ୟ ଉପରେ ସତ୍ୟର ବିଜୟକୁ ଦର୍ଶାଇଥାଏ ।

ଦୀପାବଳି ଦିନ ଲୋକମାନେ ଆତସବାଜି କରିଥାନ୍ତି କିନ୍ତୁ ଏଥିପାଇଁ ଧ୍ୱନିପ୍ରଦୂଷଣ ଏବଂ ବାୟୁ ପ୍ରଦୂଷଣ ହୋଇଥାଏ । ଧ୍ୱନିପ୍ରଦୂଷଣ କେବଳ ମଣିଷର ସାମସ୍ୟା ନୁହେଁ ବରଂ ଏହା ଜୀବଜନ୍ତୁ ପଶୁପକ୍ଷୀ ସମସ୍ତଙ୍କପାଇଁ ସମସ୍ୟା ସୃଷ୍ଟି କରେ । ବାୟୁ ପ୍ରଦୂଷଣ ସମସ୍ତ ଜୀବଜଗତ ପାଇଁ ଏକ ସମସ୍ୟା। ଅନେକ ରାଜ୍ୟ ସରକାର ଆତିସବାଜି ବା ବାଣ ଫୁଟାଇବାରେ ଆଙ୍କୁଶ ଲଗାଇଛନ୍ତି। କିଛି ନିର୍ଦ୍ଦିଷ୍ଟ ସମୟ ଭିତରେ ବାଣ ଫୁଟାଇବେ ଏବଂ ତାପରେ ଫୁଟାଇଲେ ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଘୋଷଣା କରିଛନ୍ତି । ଦିଲ୍ଲୀ ବର୍ତ୍ତମାନ ପ୍ରଦ୍ୟୁଷଣର ସମସ୍ୟା ଘେରରେ ରହିଛି ତେଣୁ ଦିଲ୍ଲୀ ସରକାର ସବୁଜ ଦିଲ୍ଲୀ କରିବା ପାଇଁ ବାଣକୁ ବ୍ୟାନ କରିଛନ୍ତି । ବାଣ ଫୁଟେଇବା ଦ୍ୱାରା ବାୟୁମଣ୍ଡଳରେ ରାସାୟାନିକ ପ୍ରତିକ୍ରିୟା ଦେଖିବାକୁ ମିଳେ ଯାହା ଦ୍ୱାରା ଧୂଆଁ ଭାରିଥାଏ ଏବଂ କାର୍ବନ ଡାଇଅକ୍ସାଇଡ, କାର୍ବନ ମୋନୋକ୍ସାଇଡ ଏବଂ ନାଇଟ୍ରୋଯନ ଗ୍ୟାସ ସୃଷ୍ଟି ହୋଇଥାଏ । ଏହା ସବୁଜ ଘରର ଗ୍ୟାସ। ଏହା ଦ୍ୱାରା ବାୟୁମଣ୍ଡଳରେ ଉତ୍ତାପ ବଢିଥାଏ। ବେଳେ ବେଳେ ବାଣ ଫୁଟାଇବା ଦ୍ୱାରା କିଛି ପ୍ରଦ୍ୟୁଷଣ ବାୟୁମଣ୍ଡଳରେ ମିଶିଯାଏ ଯାହା ସିଧାସଳଖ ଆମର ଫୁସଫୁସ ଓ ରକ୍ତରେ ମିଶିଯାଏ ଏବଂ ଆମକୁ ଅସୁସ୍ଥ କରିଥାଏ । ଧ୍ୱନି ପ୍ରଦ୍ୟୁଷଣ ବଧିର କରିଦେଇଥାଏ। ଏଥିପାଇଁ ରକ୍ତ ଚାପ ବଢିଥାଏ । ନିଦ ହୁଏନାହି। ଦୀପାବଳିର ଆନନ୍ଦ ଆମେ ସେତେବେଳେ ନେଇପାରିବା ଯେତେବେଳ ଯାଏଁ କୌଣସି ଦୁର୍ଘଟଣା ଘଟିନାହି । ଘରେ ଦୀପ ଲାଗିଥାଏ ବାଣ ଫୁଟାଯାଇଥାଏ ଏହି ସବୁ ପାଇଁ ଦୁର୍ଘଟଣା ଘଟିବାର ବହୁତ ସମ୍ଭାବନା ରହିଥାଏ ତେଣୁ ସମସ୍ତେ ସତର୍କତା ଅବଲମ୍ବନ କରି ପର୍ବ ପାଳନ କରିବା କଥା।

ଦୀପ ଲଗାଇବାର ପରମ୍ପରାରେ କିଛି କାରଣ ମଧ ରହିଛି । ବର୍ଷା ଦିନ ପରେ ଦୀପାବଳି ଆସିଥାଏ । ବର୍ଷା ଦିନରେ ଅନେକ ପ୍ରକାର କୀଟପତଙ୍ଗ ଜନ୍ମ ନେଇଥାନ୍ତି । ଅବାଞ୍ଛିତ କୀଟପତଙ୍ଗ ଏହି ଦୀପର ନିଆଁରେ ଝାସ ଦେଇଥାନ୍ତି । ଆଜିକାଲି ଦୀପ ପରିବର୍ତ୍ତେ ଘରେ ଘରେ ଲିଚୁ ଲାଇଟ ଲଗାଉଛନ୍ତି ଏଥିରେ କୀଟପତଙ୍ଗର କୌଣସି ହାନି ହେଉନାହି ବରଂ ପରିବେଷ ଆଧିକ ଦୂଷିତ ହେଉଛି । ଆମର ସମସ୍ତ ପର୍ବ ପର୍ବାଣି ବା ଉତ୍ସବ ଆମ ଜୀବନରେ ଆନନ୍ଦ ଆଣିଥାନ୍ତି । ଭାରତୀୟ ସଂସ୍କୃତିରେ ସମସ୍ତ ପର୍ବ ପର୍ବାଣି ଆଧ୍ୟାତ୍ମିକ ଭିତ୍ତିଭୂମି ଉପରେ ଆଧାରିତ । ସମସ୍ତ ନକାରାତ୍ମକ ବିଚାର ଧାରାଠୁ ଅଲଗା ହୋଇ ସକାରାତ୍ମକ ବିଚାର ସହିତ ଏକାକାର ହୋଇଯିବାର ଗୋଟିଏ ପ୍ରୟାସ।


+ବ୍ରହ୍ମପୁର, ଖୋଡ଼ାସିଙ୍ଗ
କଳିଙ୍ଗନଗର ,
ମୋ: ୭୨୦୫୧୦୦୮୩୯




## ଦୀପାବଳି

### ଶିବପ୍ରସାଦ ବାହିନୀପତି

ଅଭିନନ୍ଦନ ଘେନ ଅଭିନନ୍ଦନ
ଦୀପାବଳି ପରବ କର ପାଳନ ।
ଜାଳିଦିଅ ପ୍ରଦୀପ ଯାଉ ତମସା
ମନେ ସଞ୍ଚରୀ ବନ୍ଧୁ ନବୀନ ଆଶା ।
ଉଆଁସ ରଜନୀରେ ଉଇଁବ ଜହ୍ନ
ଉତ୍‌ଫୁଲ୍ଲିତ ହେବ ସବୁରି ମନ ।
ଦେଖିଚାହିଁ ବନ୍ଧୁ ଜାଳିବ ଦୀପ
କିଛି ଅଘଟଣ କେବେ ନ ହୋଇବ ।
ଧପଧପି ଫୁଲଝରି ଚକ୍ରିବାଣ
କଲିରିଫୁଲ ବାଣ ଦୋକାନୁ କିଣ ।
ସାପବାଣ କୁମ୍ଭିବାଣ ସାଥେ ଦିଆସିଲି
ବାଣ ସବୁ କିଣି ପାଳ ଏଇ ଦୀପାବଳି ।
ଉଚ୍ଚଶକ୍ତି ସମ୍ପନ୍ନ ଯେତେକ ବାଣ
ଫୁଟାଅନି ଶବ୍ଦ ହେବ ପ୍ରଦୂଷଣ ।
ଏ ବାଣରେ ଅଛି କେତେ ଯେ ବିପଦ
ଭାଷାରେ କହିବା କେବେ ନୁହଁଇ ସମ୍ଭବ ।
ତେଣୁ ହେ ବନ୍ଧୁ ମୋର କଥାଟି ଘେନ
ଛୋଟ ବାଣ ଫୁଟାଇ ରଖ ନିଜ ଜୀବନ ।
ଜୀବନ ଆମର ବହୁ ମୂଲ୍ୟବାନ
ଅକାରଣେ କାହିଁ ହାରିବ ପରାଣ ।
ସୂତା ପୋଷାକ ପିନ୍ଧି ଫୁଟାଅ ବାଣ
ପାଶେ ରଖ ପାତ୍ର କରି ଜଳପୂର୍ଣ୍ଣ ।
ଦୀପାବଳିର ଏଇ ଶୁଭ ଦିନରେ
ଅଭିନନ୍ଦନ ମୋର ଘେନ ସାଦରେ ।
ଆଉ କରୁନାହିଁ ମୁଁ ବେଶି ବର୍ଣ୍ଣନା
ଜଣାଉଛି ମୁଁ ଶିବ ଶୁଭକାମନା ।
କାଳୀ ମା' ସଭିଙ୍କୁ ହୁଅନ୍ତୁ ସଦୟ
ତାଙ୍କ ପାଦେ ମୋର ଏତିକି ବିନୟ ।


+ସୁଦେଷ୍ଣା ପ୍ରମୋଦ ସାହିତ୍ୟ ସଂସଦ
ଭାଟପଡ଼ା, ନିରାକାରପୁର, କଣାସ, ପୁରୀ
ମୋ: ୮୨୪୯୭୭୨୩୬୧




# ପ୍ରଦୂଷଣ ମୁକ୍ତ ଦୀପାବଳି



## ଡ଼ଃ.ଅରୁନ୍ଧତୀ ଦେବୀ

ପୌରାଣିକ କଥା କାହାଣୀ ଅନୁଯାୟୀ ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମଚନ୍ଦ୍ର ଚଉଦ ବର୍ଷର ବନବାସ ପରେ ନିଜ ଅଯୋଧ୍ୟା ଜନ୍ମମାଟିକୁ ପ୍ରତ୍ୟାବର୍ତ୍ତନ କରିବା ସମୟରେ ସମଗ୍ର ଅଯୋଧ୍ୟାବାସୀ ଶୁଭ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଆଲୋକମାଳାରେ ଏହି ଦିନଟିକୁ ସ୍ମରଣୀୟ କରିଥିଲେ। ପରବର୍ତ୍ତୀ ସମୟରେ ସମଗ୍ର ଭାରତ ବର୍ଷରେ ଆନନ୍ଦ, ଉଲ୍ଲାସ, ଭାଇଚାରାର ମହାପାର୍ବଣ ରୂପରେ ଏହି ଦିବସଟିକୁ ପାଳନ କରାଯାଉଛି। ଆମ ପ୍ରାଚୀନତମ ସଂସ୍କୃତି ସବୁବେଳେ ଜ୍ଞାନ, ସେବା ଓ କର୍ମମୟ ଆଦର୍ଶଣୀୟ ଜୀବନର ପ୍ରଦୀପକୁ ଆମ ମାନଙ୍କ ହୃଦୟ ଭିତରେ ଚେତନାସିକ୍ତ କରି ଅହରହ ପ୍ରଦୀପକୁ ପ୍ରଜ୍ୱଳିତ କରୁଥାଏ। ତେବେ ପରବର୍ତ୍ତୀ ସମୟରେ ଏହି ଦୀପାବଳିର ଆକାର ପ୍ରକାର ଓ ବ୍ୟାପକତା ବୃଦ୍ଧି ପାଇଲା, ଯାହାର ପରିଣାମ ସ୍ୱରୂପ ଏହି ଆନନ୍ଦ ଓ ଉଲ୍ଲାସର ପାର୍ବଣ ପ୍ରଦୂଷଣର ପାର୍ବଣ ଭାବେ ପରିଚିତ ହେବାକୁ ଯାଉଛି। ଆଜି ନିକଟରେ ମାନ୍ୟବର ସୁପ୍ରିମକୋର୍ଟ ନୂଆଦିଲ୍ଲୀ ଓ ନିକଟବର୍ତ୍ତୀ ଅଞ୍ଚଳରେ କେବଳ ବାଣ ବିକ୍ରି ଉପରେ ରୋକ ଲଗାଇ ନାହାଁନ୍ତି ବରଂ ସମଗ୍ର ଦେଶରେ ଚଳିତ ବର୍ଷ ବାଣ ଫୁଟା ଉପରେ ରୋକ ଲଗାଇଛନ୍ତି। ଯାହାକି ନିଶ୍ଚିନ୍ତ ଭାବେ ଏକ ଉଲ୍ଲେଖନୀୟ ଓ ଐତିହାସିକ ରାୟ କୁହାଯିବ। ଆଲୋକର ପର୍ବ ଦୀପାବଳିରେ ବାଣ ଫୁଟିଲେ ଦିଲ୍ଲୀରେ ପ୍ରଦୂଷଣ ବୃଦ୍ଧି ପାଉଛି। ଗତବର୍ଷ ଦୀପାବଳି ପରେ ଦିଲ୍ଲୀ ସହରରେ ପ୍ରଦୂଷଣର ମାତ୍ରା ଏତେ ବଢ଼ିଗଲା ଯେ ଏକ ପ୍ରକାର ବିଷାକ୍ତ ବଳୟ ସୃଷ୍ଟି ହେଲା। ଏହା କେବଳ ଦିଲ୍ଲୀର କଥା ନୁହେଁ ସମଗ୍ର ଭାରତରେ ଦୁଃଖଦାୟକ ପରିବେଶକୁ ସମସ୍ତେ ଗ୍ରହଣ କରିବା ପାଇଁ ଏକ ପ୍ରକାର ବାଧ ହେଉଛନ୍ତି। ସବୁଠାରୁ ବଡ଼ କଥାଟି ହେଉଛି ଭାରତରେ ଚଳିତ ବର୍ଷ କ୍ରିକେଟ ବିଶ୍ୱକପ ଚାଲୁଥିବାବେଳେ ଦିଲ୍ଲୀର ଏହି ଭୟାବହ ପ୍ରଦୂଷଣ କୁହୁଡ଼ି ମିଶା ଧୂଆଁ ପାଇଁ ଦୁଇ କ୍ରିକେଟ ଦଳ ନ ଖେଳିବା ପାଇଁ କ୍ରିକେଟ କଣ୍ଟ୍ରୋଲବୋର୍ଡ଼କୁ ଅନୁରୋଧ କରିଛନ୍ତି। ଅନେକ ହୁଏତ ଜାଣିନଥାନ୍ତି ଯେ ଏହି ପ୍ରଦୂଷଣର ସଂସ୍ପର୍ଶରେ ଆସିବା ଦ୍ୱାରା ଗର୍ଭବତୀ ମହିଳାଙ୍କ ଠାରୁ ଛାତ୍ରଛାତ୍ରୀ, ଶିଶୁ ଓ ରୋଗୀମାନେ ନାନା ସମସ୍ୟାର ସମ୍ମୁଖୀନ ହୁଅନ୍ତି। ଏହା ହୃଦ୍‌ରୋଗ, ଅନିଦ୍ରା, ଟେନ୍‌ସନ, ଶ୍ରବଣଶକ୍ତି ପରି ବିଭିନ୍ନ ରୋଗର ମଧ କାରଣ ପାଲଟୁଛି। ବ୍ୟସ୍ତବହୁଳ ସହରୀ ଜୀବନରେ ଏହାର ପ୍ରଭାବ ଗୁରୁତର ହୋଇଥାଏ। କେବଳ ନୂଆଦିଲ୍ଲୀ ନୁହେଁ କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ର ତଥ୍ୟ ଅନୁଯାୟୀ ମୁମ୍ବାଇ, ଚେନ୍ନାଇ, ହାଇଦ୍ରାବାଦ ଓ ଲକ୍ଷ୍ନୌ ପରି ବଡ଼ ବଡ଼ ସହରରେ ଏହି ପ୍ରଦୂଷଣ ଅତ୍ୟନ୍ତ ଭୟଙ୍କର ପରିସ୍ଥିତି ସୃଷ୍ଟି କରୁଛି। ବାଣ ବିକ୍ରି ଉପରେ ପ୍ରତିବନ୍ଧକ ଲାଗିବା ଦ୍ୱାରା ବାଣ ବ୍ୟବସାୟୀମାନେ ନିଶ୍ଚିନ୍ତ ଭାବରେ କ୍ଷତିଗ୍ରସ୍ତ ହେବେ। କିନ୍ତୁ ଏହି ଆଲୋକର ପାର୍ବଣରେ ବାଣ ଯେଉଁପରି ରୋଗ ଓ ପ୍ରଦୂଷଣକୁ ବଢ଼ାଇଥାଏ ତାହା ଆମ ମାନଙ୍କ ପାଇଁ ଯେ କେତେ ବିପଦଜନକ ତାହା ପରବର୍ତ୍ତୀ ସମୟରେ ଜାଣିଥାଉ। କେବଳ ଦିଲ୍ଲୀର କଥା ନୁହେଁ ଓଡ଼ିଶା ଓ ଓଡ଼ିଶାର ବିଭିନ୍ନ କଳକାରଖାନା ଥିବା ଅଞ୍ଚଳ, ଖଣି ଅଞ୍ଚଳ ଓ ବ୍ୟସ୍ତବହୁଳ ରାସ୍ତା ଏହିପରି ଅନେକ ସ୍ଥାନରେ ଭୟାବହ ଧୂଳିର ଧୂଆଁ ଲୋକମାନଙ୍କୁ ଅସ୍ତବ୍ୟସ୍ତ କରିଦିଏ ଓ ଏହା ଗାଡ଼ି ଦୁର୍ଘଟଣାର ମଧ ବଡ଼ କାରଣ ପାଲଟିଥାଏ। ଦ୍ୱୈତନଗରୀ କଟକ-ଭୁବନେଶ୍ୱରରେ ଏହି ସମସ୍ୟା ଅତ୍ୟନ୍ତ ଉଦବେଗଜନକ ଭାବେ ଦିନକୁ ଦିନ ବଢ଼ି ବଢ଼ି ଚାଲିଛି। ତେବେ ଏହାର ନିରାକରଣ ପାଇଁ ପ୍ରଚୁର ପରିମାଣରେ ବୃକ୍ଷ ରୋପଣ କରିବା ଅତ୍ୟନ୍ତ ଜରୁରୀ, ଗଛ କଟା ଠାରୁ ଦୂରେଇ ରହିବା ବାଞ୍ଛନୀୟ। ଧୂଳି ଓ ଧୂଆଁ ସୃଷ୍ଟି ହେଉଥିବା କାର୍ଯ୍ୟକ୍ରମକୁ ଯଥାସମ୍ଭବ ନିରାପଦ ଭାବେ କରିବା ସହ ସରକାରୀ ନିୟମ କାନୁନ ମାନି ଏହି କାର୍ଯ୍ୟକ୍ରମକୁ ଆଗେଇ ନେଲେ ଆମେ ଧୂଳି ଓ ଧୂଆଁ ବ୍ୟାପକ ଭାବେ, ଏହାକୁ ସାମ୍ନା କରିବା ନାହିଁ। ସେହିପରି ଦିନକୁ ଦିନ ଅନେକ ନିର୍ମାଣଧୀନ କାର୍ଯ୍ୟ ଚାଲୁ ରହୁଥିବାରୁ ଓ ଅନେକ ସ୍ଥାନରେ ପୁରୁଣା ଆବର୍ଜନା, ଗଛପତ୍ର ଓ ଦହନଶୀଳ ପଦାର୍ଥକୁ ଆମେମାନେ ପୋଡ଼ି ଦେଉଥିବାରୁ ଏଥିରୁ ନିର୍ଗତ ଧୂଆଁ ବ୍ୟାପକ ଭାବେ ସମଗ୍ର ଅଞ୍ଚଳକୁ ପ୍ରଦୂଷିତ କରୁଛି। ତେଣୁ ଏ କ୍ଷେତ୍ରରେ କେବଳ ସରକାର ବା ପ୍ରଶାସନ ଉପରେ ଦାୟିତ୍ୱ ନ୍ୟସ୍ତ କଲେ ହେବନାହିଁ। କାରଣ ଏ ଦାୟିତ୍ୱ ଆମ ସମସ୍ତଙ୍କର।

ନିକଟରେ ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ ତତ୍କାଳ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିକ୍ରମେ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସମ୍ବିଧାନର ଧାରା ୨୧ ଓ ୪୮ ଅନୁଯାୟୀ ନାଗରିକ ମାନଙ୍କୁ ସ୍ୱଚ୍ଛ ବାତାବରଣର ହକ ଦେବାର ଦାୟିତ୍ୱ ସମ୍ପର୍କରେ ଟ୍ରିବ୍ୟୁନାଲ ସରକାରଙ୍କୁ ସୂଚୀତ କରିଛନ୍ତି। ସରକାର ଲୋକଙ୍କ ଠାରୁ ବଞ୍ଚିବାର ଅଧିକାର ଛଡ଼ାଇ ନେଉଛନ୍ତି ବୋଲି କହିଛନ୍ତି। କେନ୍ଦ୍ରୀୟ ପଲ୍ୟୁସନ୍ କଣ୍ଟ୍ରୋଲ ବୋର୍ଡ଼ର ତଥ୍ୟ ଅନୁଯାୟୀ ବିପଜ୍ଜନକ ଭାବେ ବାୟୁର ମାନ ବଢୁଛି। ଯେଉଁ ପିଏମ୍‌ସ୍ତର କେବଳ ୧୦୦ ହେବା ଆବଶ୍ୟକ ହୋଇଥିବାବେଳେ ତାହା ଗତ ସପ୍ତାହରେ ୯୮୬ ଥିଲା। ସେହିପରି ପିଏମ୍ ୨.୫ର ସ୍ତର ୬୦ ବଦଳରେ ୪୨୦ ହୋଇଯାଉଛି ବୋଲି ଟ୍ରିବ୍ୟୁନାଲ ଦର୍ଶାଇଥିଲେ। ସେହିପରି ୧୦ ବର୍ଷରୁ ପୁରୁଣା ଡିଜେଲ ଗାଡ଼ି ଓ ୧୫ ବର୍ଷର ପୁରୁଣା ପେଟ୍ରୋଲ ଗାଡ଼ିକୁ ଦିଲ୍ଲୀରେ ପ୍ରବେଶର ସୁଯୋଗ ନ ଦେବାକୁ ଟ୍ରିବ୍ୟୁନାଲ କହିଛନ୍ତି। ଗତ ସପ୍ତାହରେ ପଞ୍ଜାବୀବାଗରେ ଏୟାର କ୍ୱାଲିଟି ଇଣ୍ଡେକ୍ସ ୭୯୯ ରେକର୍ଡ଼ କରାଯାଇଥିଲା। ଏ ନେଇ ବିଶେଷଜ୍ଞମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ପ୍ରଦୂଷଣରୁ ରୋକିବା କେବଳ ସରକାର ବା କୋର୍ଟ କଚେରୀର କାମ ନୁହେଁ, ଏହା ସବୁ ଲୋକଙ୍କର ନୈତିକ ଦାୟିତ୍ୱ ଏବଂ କର୍ତ୍ତବ୍ୟ। ନିକଟରେ ପ୍ରକାଶ ପାଇଛି ଲାନ୍‌ସେଟ କମିଶନ ଅଫ୍ ହେଲଥ ଆଣ୍ଡ ପଲ୍ୟୁସନ୍ ରିପୋର୍ଟ। ଏଥିରେ ପ୍ରକାଶିତ ତଥ୍ୟ ଅନୁଯାୟୀ ପ୍ରଦୂଷଣଜନିତ ଅପମୃତ୍ୟୁ କ୍ଷେତ୍ରରେ ଭାରତ ସମଗ୍ର ବିଶ୍ୱରେ ସର୍ବାଗ୍ରେ ରହିଛି। ୨୦୨୨ରେ ପ୍ରଦୂଷଣ କାରଣରୁ ସାରା ବିଶ୍ୱରେ ୧୦.୬ ମିଲିଅନ୍ ଲୋକ ମୃତ୍ୟୁବରଣ କରିଥିବା ବେଳେ ଭାରତର ଏହି ସଂଖ୍ୟାରେ ଅଂଶ ହେଉଛି ୪.୮୧ ମିଲିଅନ୍। ପୁଣି ସବୁ ପ୍ରକାରର ପ୍ରଦୂଷଣ ଭିତରେ ବାୟୁ ପ୍ରଦୂଷଣ ହେଉଛି ସବୁଠୁ ବେଶୀ ମାରାତ୍ମକ। ଏଥିରେ ସେହି ବର୍ଷ ସମଗ୍ର ବିଶ୍ୱର ମୃତ୍ୟୁ ସଂଖ୍ୟା ଥିଲା ୭.୫ ମିଲିଅନ୍ ଏବଂ ଏଥିରେ ଭାରତର ଅଂଶ ଥିଲା ପ୍ରାୟ ୩୨ ପ୍ରତିଶତ ଅର୍ଥାତ୍ ୨.୪ ମିଲିଅନ୍।

ପ୍ରଦୂଷଣ କେବଳ ଯେ ପରିବେଶଜନିତ ପ୍ରସଙ୍ଗ ତାହା ନୁହେଁ। ଏହା ମନୁଷ୍ୟର ସ୍ୱାସ୍ଥ୍ୟ ଓ ସୁସ୍ଥ ଜୀବନଯାପନ ପ୍ରଣାଳୀ ଉପରେ ପ୍ରଭାବ ପକାଇଥାଏ। ଏହା ମଧରେ ଶେର ଅର୍ଥନୀତି ଏବଂ ସାମାଜିକ କ୍ଷେତ୍ର ମଧ ଅନ୍ତର୍ଭୁକ୍ତ। ପ୍ରଦୂଷଣ କାରଣରୁ ଭାରତ ଭଳି ନିମ୍ନ ମଧମ ଆୟକାରୀ ବର୍ଗର ରାଷ୍ଟ୍ରଗୁଡ଼ିକରେ ଉତ୍ପାଦନଗତ କ୍ଷତି ଦେଶର ଜିଡ଼ିପିର ୦.୩୨ ପ୍ରତିଶତରୁ ୦୪ ପ୍ରତିଶତ ପର୍ଯ୍ୟନ୍ତ ହୋଇଥାଏ। ରିପୋର୍ଟ ଅନୁସାରେ ଅଧିକାଂଶ ପ୍ରଦୂଷଣଜନିତ ମୃତ୍ୟୁ, ଅର୍ଥାତ୍ ୯୨ ପ୍ରତିଶତ ମୃତ୍ୟୁ, ଏହି ବର୍ଗର ଦେଶମାନଙ୍କରେ ହୋଇଥାଏ। ସ୍ୱାସ୍ଥ୍ୟଜନିତ ଜଟିଳ ସମସ୍ୟାମାନ ସୃଷ୍ଟି କରୁଥିବା ଯୋଗୁଁ ଏହା ମଧ ଲୋକମାନଙ୍କର ବ୍ୟୟଭାରକୁ ଯଥେଷ୍ଟ ବଢ଼ାଇ ଦେଇଥାଏ ଯାହା ପରୋକ୍ଷରେ ସେମାନଙ୍କୁ ଦାରିଦ୍ର୍ୟ ଭିତରକୁ ଠେଲି ଦେଇଥାଏ। ଏହା ଯଦି ହୃଦୟ ବା ହାର୍ଟ, ଫୁସ୍‌ଫୁସ୍ ଏବଂ ମସ୍ତିଷ୍କ ଭଳି ଶରୀରର ଅଙ୍ଗଗୁଡ଼ିକୁ ପ୍ରଭାବିତ କରେ, ତାହାଲେ ଛୋଟ ପିଲା ହୋଇଥିଲେ ସେମାନଙ୍କର ଅବବୋଧ/ସଜ୍ଞାନାତ୍ମକ ସାମର୍ଥ୍ୟ ଏବଂ ବୟସ୍କ ହୋଇଥିଲେ ସେମାନଙ୍କ ପ୍ରଜନନ କ୍ଷମତା ହ୍ରାସ ପାଇବାର ସମ୍ଭାବନା ବଢ଼ି ଯାଇଥାଏ। ମୋଟାମୋଟି ରିପୋର୍ଟରେ ପ୍ରାଣୀ ସମାଜ ଉପରେ ଅନିୟନ୍ତ୍ରିତ ପ୍ରଦୂଷଣର ଭୟାବହ ପରିଣତିକୁ ଦର୍ଶାଯାଇଛି। ତେଣୁ ଅର୍ଥନୀତିକ ଅଭିବୃଦ୍ଧି ନାଁରେ ମାନବ ସମାଜର ସ୍ୱାସ୍ଥ୍ୟ ଓ ମଙ୍ଗଳ ଉପରେ ଅତ୍ୟନ୍ତ ହାନିକାରକ ପ୍ରଭାବ ପକାଉଥିବା ପ୍ରଦୂଷଣକୁ ଅଣଦେଖା କରିବା ଉଚିତ ନୁହେଁ। ନ୍ୟାୟାଳୟ, ଡାକ୍ତରଖାନା, ଶିକ୍ଷାନୁଷ୍ଠାନ, ଜରାନିବାସ, ଅନାଥଶ୍ରମ, ଶିଶୁକେନ୍ଦ୍ର ପରି ଗୁରୁତ୍ୱପୂର୍ଣ୍ଣ ସ୍ଥାନର ଶହେ ମିଟର ବ୍ୟାସାର୍ଦ୍ଧ ଭିତରେ ନିଷିଧାଞ୍ଚଳ ଭାବରେ ଆଇନର ବ୍ୟବସ୍ଥା ଥିଲେ ମଧ ଏହା ଅନେକ ସମୟରେ କାର୍ଯ୍ୟକାରୀ ହୋଇନଥାଏ। ଏ ନେଇ ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ ବିଭିନ୍ନ ହାଇକୋର୍ଟ ଓ ସୁପ୍ରିମକୋର୍ଟ ଭିନ୍ନ ଭିନ୍ନ ସମୟରେ ନିର୍ଦ୍ଦେଶାବଳୀ ଦେଉଥିଲେ ମଧ ଅନେକ ସମୟରେ ଏହା କାର୍ଯ୍ୟକାରୀ ହୋଇନଥାଏ।


+ନିର୍ଦ୍ଦେଶିକା-ସମ୍ପାଦିକା,
ଆନ୍ତର୍ଜାତିକ ଅଶୋଭନୀୟତା
ନିରୋଧ ଆନ୍ଦୋଳନ, କଟକ,
ମୋ: ୯୯୩୭୧୭୨୮୧୦


## ଦୀପାବଳି

### ଦୀପକ କୁମାର ନାଏକ

ଆସିବାକୁ ବଡ଼ ବଡୁଆ ହୋ
ଜମା କରିବନି କେବେ ଡେ଼ରି
ଡା଼କିଦେବା କ୍ଷଣି ସରଗ ପୁରରୁ
ଚଞ୍ଚଳ ଆସିବ ଭାରି !
ଜୀବ ଥିଲାବେଳେ ମୁହଁରେ ତୁମର
ଦେଇନି ମୁଠାଏ ଅନ୍ନ
ଜୀବ ଗଲାପରେ ପିଠା ପଣା କରି
ଦବାକୁ ମୁଁ କନକନ !
କେତେ ଦୁଃଖ କଷ୍ଟେ କରିଥିଲ ବଡ଼
ବୁଝି ନ ପାରିଲି କେବେ
ସବୁକିଛି ଶେଷ ହୋଇଗଲା ପରେ
ବୁଝି ମୁଁ ପାରୁଛି ଏବେ !
ଭାରିଯା କଥାରେ ଗାଳି ମନ୍ଦ କରି
ଶେଷରେ ମାରିଲି ମାଡ଼
ଦୁଃଖ ଯନ୍ତ୍ରଣା ମୁଁ ନିତିଦିନ ଦେଇ
ପଠାଇଲି ଯମ ଭୁବନ !
ବହୁ ଦୁଃଖ କଷ୍ଟ ଦେଇଛି ତୁମକୁ
ଭାରିଜା କଥାରେ ପଡ଼ି
ଯେଉଁ ଘର ନିଜ ହାତେ ତୋଳିଥିଲ
ସେ ଘରୁ ଦେଇଛି ତଡ଼ି !
କାହାକୁ ନମିଳୁ ମୋ ଭଳିଆ ପୁଅ
ଜଗାକୁ ମୋ ନିବେଦନ
ବାପାମାଆଙ୍କୁ ଯେ ହତାଦର କରେ
ଲୋଡାନାହିଁ ସେ ସନ୍ତାନ !
ରାଗ କରିବନି ଦୋଷ ଧରିବନି
ଦବ ନାହିଁ ଅଭିଶାପ
ଆଶୀର୍ବାଦ ଟିକେ ଦେଇଦବ ଯଦି
ଧୋଇଯିବ ମୋର ପାପ
ଧୋଇଯିବ ମୋର ପାପ !


+ ଗଣ୍ଡାନାଳୀ ,ହିନ୍ଦୋଳ
ଢେଙ୍କାନାଳ -୭୫୯୦୨୧
ମୋ-୮୬୩୭୨୬୧୮୨୮




# ତମସୋ ମା ଜ୍ୟୋତିର୍ଗମୟ...

## ଆଲୋକର ପର୍ବ ଦୀପାବଳି



ଡକ୍ଟର ଲକ୍ଷ୍ମଣ ସାହୁ

ଦୀପାବଳି ଭାରତୀୟମାନଙ୍କର ଏକ ଆଲୋକର ପର୍ବ । ଏହି ପର୍ବ ଅକ୍ଟୋବରର ଅଧାରୁ ନଭେମ୍ବର ଅଧା ଭିତରେ ପଡ଼ିଥାଏ । ହିନ୍ଦୁମାନଙ୍କ ପାଇଁ ଦୀପାବଳି ଏକ ମୁଖ୍ୟ ପର୍ବ ହୋଇ ଥିବାରୁ ଘରକୁ ରଙ୍ଗିନ୍ ସାଜସଜ୍ଜା ସହ ମାଟି ନିର୍ମିତ ଦୀପ ଜାଳି କରି ଏହି ପର୍ବକୁ ପାଳନ କରାଯାଏ । ଏହି ପର୍ବକୁ ଅନେକ ଶ୍ରଦ୍ଧାରେ ଆଲୋକର ଉତ୍ସବ, ଆଲୋକର ପର୍ବ , ଦିୱାଲି ବୋଲି କହିଥାନ୍ତି । ବିଶେଷ କରି ହିନ୍ଦୁ, ବୌଦ୍ଧ, ଜୈନ ଓ ଶିଖ ଧର୍ମାବଲମ୍ବୀ ଏହାକୁ ପାଳନ କରନ୍ତି । ଘରକୁ ବିଭିନ୍ନ ଅଲୋକମାଳାରେ ସଜାଇବା, ବାଣ ଫୁଟାଇବା, ମିଠା ଓ ଉପହାର ବାଣ୍ଟି ଆନନ୍ଦ ସହିତ ଏହି ପର୍ବ ପାଳନ କରାଯାଏ ।

କିମ୍ବଦନ୍ତୀ ଅନୁସାରେ କାର୍ତ୍ତିକ ଅମାବାସ୍ୟାରେ ଦୀପାବଳୀ ଉତ୍ସବ ପାଳନ କରାଯାଏ । ଲୋକୋକ୍ତିରେ ପୟାଅମାବାସ୍ୟା ବା ପୟାଶ୍ରାଦ୍ଧ ଦିବସ କୁହାଯାଏ । ଅନେକ ଶ୍ରୀକ୍ଷେତ୍ରର ବାଇଶି ପାହାଚରେ ପିଣ୍ଡଦାନ କରି ପିତୃଗଣଙ୍କ ଆଶୀର୍ବାଦ ଭିକ୍ଷା କରନ୍ତି । 'ପିତୃ ଲୋକଂ ପରିତାଜ୍ୟ / ଆଗତା ଯେ ମହାଳୟେ / ଇଜ୍ଜ୍ୱଳେ ଜ୍ୟୋତିଷାଂ ମାର୍ଗେ / ପ୍ରପଦ୍ୟନ୍ତୋ ବ୍ରଜନ୍ତୁତେ ।' ପିତୃ ପୁରୁଷଙ୍କୁ ଆଲୋକ ଦେଖାଇ ସ୍ୱର୍ଗ ଲୋକକୁ ଫେରିଯିବା ପାଇଁ ପ୍ରାର୍ଥନା କରନ୍ତି । କାଉଁରିଆ କାଠି ଜାଳି ବଡବଡୁଆଙ୍କୁ ଡାକନ୍ତି- ' ବଡ଼ବଡୁଆ ହୋ /ଅନ୍ଧାରରେ ଆସ ଆଲୁଅରେ ଯା'/ ପୁରୁଷୋତ୍ତମରେ ମହାପ୍ରସାଦ ଖାଇ /ବାଇଶି ପାବଚ୍ଛେ ଗଡ଼ଗଡାଉ ଥା' ।'

ପୌରାଣିକ ମତବାଦ ଓ ଧର୍ମୀୟ ବିଶ୍ୱାସରେ ବାନ୍ଧି ହୋଇ ରହିଥିବା ଏହି ପର୍ବକୁ ବୈଜ୍ଞାନିକ ଦୃଷ୍ଟିକୋଣରୁ ଏହା ଏକ କୃଷିଭିତ୍ତିକ ବିଧି । ପ୍ରାଚୀନ କଳିଙ୍ଗର ତାର କୃଷିକ୍ଷେତ୍ର ଓ ତତସହିତ ପୁରପଲ୍ଲୀରେ ଫସଲର ପୋକ ନିୟନ୍ତ୍ରଣ ପାଇଁ ପାଳନ ହେଉଥିଲା । ଓଡ଼ିଶା ଧାନ ଚାଷରେ ସମୃଦ୍ଧ ଥିଲା । ଏହାର ଚାଷ ପ୍ରଣାଳୀ ମଧ୍ୟ ବିଜ୍ଞାନ ସମ୍ମତ । ଗବେଷକମାନେ ରୋଗପୋକ ଦମନ ପାଇଁ ଓଡ଼ିଆମାନେ ଯେ ନିମ୍ବ ପତ୍ର ଓ ଆଲୋକ ଦିହୁଡ଼ୀର ବହୁଳ ଉପଯୋଗ କରୁଥିବାର ମତ ଦିଅନ୍ତି । 'ଅନଳ ଦେଖିଣ ପତଙ୍ଗ ଧାବନ୍ତି ହୋଇ ଉଦବେଗ ।' କାର୍ତ୍ତିକ ମାସର ଅମାବାସ୍ୟା ଆଡକୁ ପୋକ ଏତେ ପ୍ରବଳ ହୁଏ ଯେ ଘନ ରାତ୍ରୀରେ ଜୀବନ ଅସ୍ତବ୍ୟସ୍ତ ହୋଇପଡ଼େ । ଅମାବାସ୍ୟା ପୂର୍ବ ପରକୁ ମିଶାଇ ପାଞ୍ଚ ଦିନ ମଶାଲ, ଦିହୁଡ଼ୀ, ଦୀପ, ଲଣ୍ଠନ ଆଦି ଜଳାଇ ପୋକଙ୍କୁ ଆଲୋକ ପ୍ରତି ଆକୃଷ୍ଟ କରି ଦମନ କରାଯାଏ ।

ଦୀପାବଳୀରେ ସମଗ୍ର ଭାରତରେ ଦିବ୍ୟ ଜନନୀଙ୍କର ନାନା ରୂପରେ ପୂଜା କରାଯାଏ । ବଙ୍ଗଳା, ଆସାମ, ଓଡ଼ିଶା ଓ ବିହାରରେ ଦୀପାବଳୀ ମା' କାଳୀଙ୍କ ପୂଜା କରାଯାଏ । କାର୍ତ୍ତିକ କୃଷ୍ଣ ତ୍ରୟୋଦଶୀ ମଧ୍ୟ ରାତ୍ରୀରୁ ତାନ୍ତ୍ରିକ ଓ ଶାକ୍ତ ମତରେ ଦେବୀଙ୍କର ପୂଜା ହୁଏ । ମାଟିରେ ତିଆରି ମୂର୍ତ୍ତି ସହ ବିଭିନ୍ନ ଶକ୍ତି ପୀଠରେ ଏହା ପାଳିତ ହୁଏ । ସେହିପରି ଭାରତର ଅନ୍ୟାନ୍ୟ ଅଂଶରେ ଦୀପାବଳୀ ଲକ୍ଷ୍ମୀ ପୂଜାର ସମୟ । ବିଶେଷ କରି, ଉତ୍ତର ଭାରତରେ ମହାଲକ୍ଷ୍ମୀଙ୍କ ରୂପରେ ଦେବୀଙ୍କ ଆରାଧନା କରାଯାଏ । ସେହି ସବୁ ଅଞ୍ଚଳରେ ଏହା ଏକ ମୁଖ୍ୟ ପର୍ବ ରୂପେ ପାଳିତ ହୋଇଥାଏ । ମିଥିଳା ଓ ନେପାଳରେ ଏହି ପର୍ବରେ ମହାନିଶାଙ୍କ ପୂଜାର୍ଚ୍ଚନା କରାଯାଏ ।

ତ୍ରେତୟା ଯୁଗରେ ପ୍ରଭୁ ରାମଚନ୍ଦ୍ର ରାବଣକୁ ବଧକରିବା ପରେ ମା' ସୀତାଙ୍କୁ ଧରି ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ କଲେ । ଅଯୋଧ୍ୟାର ପ୍ରଜାମାନେ ଶ୍ରୀରାମଙ୍କ ଅସତ୍ୟ ଉପରେ ସତ୍ୟର ବିଜୟ ନିମନ୍ତେ ଆନନ୍ଦରେ ନାନା ପ୍ରକାର ଆଲୋକ ଜଳେଇଥିଲେ । ସେହି ଦିନରୁ ଏହି ଉତ୍ସବ ପାଳନ ହୋଇ ଆସୁଛି । ଉତ୍ତର ଭାରତରେ ପୁରୁଷୋତ୍ତମ ରାମଚନ୍ଦ୍ରଙ୍କର ଭକ୍ତମାନେ ଏହି ଦିନକୁ ବହୁ ଯାକଜମକରେ ପାଳନ କରନ୍ତି । 'ଉତ୍ସବ ତତ୍ତ୍ୱାଭିଧାନ' ଅନୁଯାୟୀ ଏକଦା କାର୍ତ୍ତିକ(ତୁଳା)ମାସ- ଘନଅନ୍ଧକାର କୃଷ୍ଣପକ୍ଷରେ ଜଣେ ଭବିଷ୍ୟଦ୍ରଷ୍ଟା ଜ୍ୟୋତିଷ ପ୍ରଭୁ ଶ୍ରୀରାମଙ୍କୁ ବିପର୍ଯ୍ୟସ୍ତ ଦୁର୍ଭାଗ୍ୟ କାଳସର୍ପ ରୂପେ ଅମାରାତିରେ ଦଂଶନକରିବା ପାଇଁ ଲୁଚିଛପି ଆସିବାର ଭବିଷ୍ୟବାଣୀ କରିଥିଲେ । ସତର୍କତା ପୂର୍ବକ ଅଯୋଧ୍ୟା ରାଜନଗରୀର କୃଷ୍ଣପକ୍ଷ ସାରା ଉଜ୍ଜଳ ଆଲୋକ ପ୍ରଜ୍ଜଳନ କରାଯାଇ ସେହି କାଳସର୍ପ ଦଂଶନର ଚକ୍ରାନ୍ତକୁ ପଣ୍ଡ କରାଯାଇଥିଲା ।

ପୁରାଣରେ ଉଲ୍ଲେଖ ଅଛି ଦୈତ୍ୟରାଜ ବଳିଙ୍କର ଦାନ ଧର୍ମ ଦେଖି ସ୍ୱର୍ଗର ଦେବତାମାନଙ୍କ ଭାଳେଣି ପଡ଼ିଗଲା । ବଳି ପୂଣ୍ୟ ଫଳରେ ସ୍ୱର୍ଗପୁରର ଅଧିକାରୀ ହେଇପାରନ୍ତି । ତେଣୁ ଦେବତାମାନଙ୍କ ପ୍ରାର୍ଥନାରେ ବିଷ୍ଣୁ ବାମନ ଅବତାର ନେଇ ବଳିଙ୍କ ପାଖରେ ପହଞ୍ଚି ତାଙ୍କୁ ତିନିପାଦ ଭୂମି ମାଗିଥିଲେ । ଗୋଟିଏ ପାଦରେ ପୃଥିବୀ, ଅନ୍ୟ ଗୋଟିଏ ପାଦରେ ସ୍ୱର୍ଗ ଓ ତୃତୀୟ ପାଦରେ ବଳିଙ୍କୁ ପାତାଳକୁ ଚାପି ଦେଲେ । ତା' ପରେ ବଳିଙ୍କ ପ୍ରାର୍ଥନା କରିବାରୁ ବର୍ଷକରେ ଥରେ ମର୍ତ୍ତ୍ୟପୁରକୁ ଆସି ପ୍ରଜାମାନଙ୍କୁ ଦର୍ଶନ କରିବାକୁ ବିଷ୍ଣୁ ଏଥିରେ ସମ୍ମତି ଜଣାଇ କାର୍ତ୍ତିକ ଶୁକ୍ଳ ପ୍ରତିପଦା ଦିନ ବଳି ମର୍ତ୍ତ୍ୟକୁ ଆସିବାକୁ ବରଦାନ କରିଥିଲେ । ସେହି ଦିନଠାରୁ ମର୍ତ୍ତ୍ୟବାସୀ ଆନନ୍ଦରେ ଦୀପ ଜାଳି ଆଲୋକିତ କରନ୍ତି ।

ପୌରାଣିକ ତଥ୍ୟାନୁସାରେ ଦ୍ୱାପରଯୁଗରେ ଶ୍ରୀକୃଷ୍ଣ ରାକ୍ଷସ ନରକାସୁରକୁ ମାରି ଚଉଷଠି ସହସ୍ର ରାଜକନ୍ୟାଙ୍କୁ ଉଦ୍ଧାରକଲା ପରେ ଇନ୍ଦ୍ରମାତାଙ୍କୁ ନରକାଦ୍ୱାରା ଅପହୃତ ମଣିକୁଣ୍ଡଳକୁ ଫେରାଇବାକୁ ସତ୍ୟଭାମାଙ୍କୁ ନେଇ ସ୍ୱର୍ଗକୁ ଯାଇଥିଲେ । ସତ୍ୟଭାମାଙ୍କ ଅନୁରୋଧରେ ପାରିଜାତ ବୃକ୍ଷର ଚାରା ଆଣିବାକୁ ଯାଇ ଇନ୍ଦ୍ର ଓ ଦେବତାମାନେ ବାଧାଦେବାରୁ ଏକାକି ଶ୍ରୀକୃଷ୍ଣ ସମସ୍ତଙ୍କୁ ପରାସ୍ତ କରି ପାରିଜାତ ବୃକ୍ଷ ସହ ବହୁ ଧନରତ୍ନ ଧରି ଏହି ଦିବସରେ ଦ୍ୱାରକା ଫେରିଥିଲେ । ତେଣୁ ଦ୍ୱାରକାବାସୀ ପ୍ରଭୁଙ୍କୁ ସ୍ୱାଗତ ଜଣାଇ ସମଗ୍ରନଗରୀକୁ ଦୀପ ଆଲୋକରେ ଆଲୋକିତ କରି ବିଜୟ ଉତ୍ସବ ପାଳନ କରିଥିଲେ ।





ଅପରପକ୍ଷେ ରକ୍ ବେଦରୁ ସୂଚନା ମିଳେ ଯେ, ପୃଥିବୀ ଏକଦା ଘୋର ଅନ୍ଧକାର ଭିତରେ ବୁଡି ରହିଥିଲା । କାଳ କ୍ରମେ ସୂର୍ଯ୍ୟଙ୍କର କିରଣ ପାଇ ପୃଥିବୀ ଦିନେ ଆଲୋକିତ ହେଲା । ଏହାକୁ ମନେ ରଖିବା ପାଇଁ ଦୀପାବଳି ଉତ୍ସବ ପାଳନ ହେଉଛି । ଜୈନ ଧର୍ମରେ ଦୀକ୍ଷିତ ବ୍ୟକ୍ତିମାନେ ୨୪ତୀର୍ଥଙ୍କର ମହାବୀରଙ୍କର ନିର୍ବାଣ ଦିବସ ରୂପେ ଏହି ଦିବସକୁ ପାଳନ କରିଥା'ନ୍ତି । ଏ ସମ୍ପର୍କରେ ଗୋଟିଏ କାହାଣୀ ରହିଛି । ମହାବୀରଙ୍କର ଯେତେବେଳେ ମହାପ୍ରୟାଣ ଘଟିଲା, ସେତେବେଳେ ତାଙ୍କ ପାଖରେ ବହୁ ଜୈନ ଧର୍ମାବଲମ୍ବୀ ସନ୍ନ୍ୟାସୀ ଭକ୍ତ ଉପସ୍ଥିତ ଥିଲେ । ମହାପ୍ରୟାଣ ପରେ ଏ ପୃଥିବୀ ପାଇଁ କି'ଏ ଆଉ ଜ୍ଞାନାଲୋକ ଦେବେ, ଏହା ହିଁ ସେମାନେ ଚିନ୍ତାକଲେ । ଶେଷରେ ସେମାନେ ଏକତ୍ରିତ ହୋଇ ଦୀପାବଳି ଦିନ ମଶାଲ ଜଳାଇ ଦିବ୍ୟଜ୍ଞାନ ସନ୍ଧାନରେ ଯାଇଥିଲେ । ସେବେ ଠାରୁ ଦୀପାବଳି ଦିନ ଆଲୋକ ଜଳେଇବାର ପ୍ରଥା ଚାଲିଆସୁଛି । ଖ୍ରୀଷ୍ଟପୂର୍ବ ୫୨୭ରେ ମହାବୀରଙ୍କୁ ଏହି ଦିନରେ ନିର୍ବାଣ ପ୍ରାପ୍ତି ହୋଇଥିଲା । ସେହିଦିନକୁ ସ୍ମରଣ ରଖିବା ପାଇଁ ଜୈନମାନେ ଦୀପାବଳି ପାଳନ କରନ୍ତି । ଜୈନ ବ୍ୟବସାୟୀମାନେ ହିସାବ ଖାତା ଏବଂ ମୁଦ୍ରା ପୂଜା କରନ୍ତି । ସେହିବର୍ଷ ପାଇଁ ହିସାବଖାତା ବନ୍ଦ କରାଯାଏ । ପରବର୍ତ୍ତୀ ଆଠଦିନ କୌଣସି ବ୍ୟବସାୟ କରନ୍ତି ନାହିଁ । ସେମାନେ ଉପବାସ କରନ୍ତି; ଜପତପ କରନ୍ତି । ନବମଦିନରେ ଜୈନ ନବବର୍ଷ ପାଳିତ ହୁଏ ।

ଇତିହାସରୁ ଜଣାଯାଏ ଏକଦଶଦର୍ଶୀ ମୋଗଲ ସମ୍ରାଟ ଔରଙ୍ଗଦେବଙ୍କ ଦ୍ୱାରା ଶିଖ ? ଧର୍ମର ଷଷ୍ଠ ଗୁରୁ ହରଗୋବିନ୍ଦ ସିଂହ ବନ୍ଦୀହୋଇ କାରାକୋଠରୀରେ ଆବଦ୍ଧ ହୋଇଥିଲେ । ଅଗଣିତ ଶିଖ ଧର୍ମାବଲମ୍ବୀଙ୍କ ଦୃଢ ବିରୋଧ ଯୋଗୁଁ ଶେଷରେ ତାଙ୍କୁ କାରାମୁକ୍ତ କରାଗଲା । ତାଙ୍କୁ ସ୍ୱାଗତ କରିବା ନିମନ୍ତେ ସେତେବେଳେ ସ୍ୱର୍ଣ୍ଣ ମନ୍ଦିରକୁ ଦୀପରେ ସଜାଯାଇଥିଲା । ସେ ଏହି ଦୀପାବଳିଦିନ କାରାମୁକ୍ତ ହୋଇ ଥିବାରୁ, ଏହି ଦିନଟିକୁ ଅନ୍ଧାରରୁ ଆଲୋକସନ୍ଧାନ ପ୍ରାପ୍ତିର ଦିବସ ରୂପେ ଶିଖ ସମ୍ପ୍ରଦାୟ ପାଳନ କରି ଆସୁଛନ୍ତି ।

ଐତିହାସିକ ଆବୁଲ ଫଜୀଲ ତାଙ୍କର ଆଇନ ଆକବରୀରେ ମୋଗଲ ଶାସନକାଳୀନ ବଣିକ, ଆଲୋକ ଜ୍ୱଳନ୍ତ ଓ ଅକ୍ଷକ୍ରୀଡା ନାମକ ଦୀପାବଳି ଆଧାରିତ ମନୋଜ୍ଞ ଉପକଥାର ଉଲ୍ଲେଖ କରିଛନ୍ତି । ଆଲବରୁଣୀରେ ମୋଗଲ ସମ୍ରାଟଙ୍କ ଲମ୍ବା ବାଉଁଶ ପୋତି ତା'ର ଅଗରେ ଶିକାରେ ଆକାଶ ପ୍ରଦୀପ ଜାଳିବା କଥା ବରୋଦା ସଂଗ୍ରହାଳୟରେ ରଖାଯାଇଥିବା ପ୍ରାଚୀନ ଆକାଶପ୍ରଦୀପ ଅତୀତରେ ଦୀପାବଳି ପାଳନ କରାଯାଉଥିବାର ପ୍ରମାଣ ଦିଏ । ଚାଣକ୍ୟ ଓ ଚୋଳବଂଶକାଳୀନ ଉତ୍ସବ ପରମ୍ପରାରେ ଦୀପାବଳି ପାଳନ ହେଉଥିବାର କନୌଜବଂଶୀୟ ରାଜା ହର୍ଷବର୍ଦ୍ଧନଙ୍କ କାଳଜୟୀ ଅମରକୃତି ନାଟକ ନାଗାନନ୍ଦରୁ ସ୍ୱଷ୍ଟ ହୁଏ । ଗୁପ୍ତବଂଶୀୟ ସମ୍ରାଟ ଦ୍ୱିତୀୟ ଚନ୍ଦ୍ରଗୁପ୍ତ ବିକ୍ରମାଦିତ୍ୟ ଦୀପାବଳି ତିଥିରେ ସିଂହାସନ ଆରୋହଣ କରିଥିବାରୁ ତା'ର ସ୍ମାରକୀ ରୂପେ ସେହି ଦିନଠାରୁ ଗୁପ୍ତାବ୍ଦର ପ୍ରଚଳନ ହୋଇଥିଲା ।ଦୀପାବଳି ପର୍ବ କେବଳ ଭାରତରେ ନୁହେଁ ନେପାଳ, ଶ୍ରୀଲଙ୍କା, ମିଆଁମାର, ମରିସସ, ଗୁଏନା, ତ୍ରିନିଦାଦ ଓ ଟବାଗୋ, ସୁରିନେମ, ମାଲେସିଆ, ସିଙ୍ଗାପୁର, ଓ ଫିଜିରେ ମହାଯାକଯମକ ସହକାରେ ପାଳନ କରାଯାଇ ଆସୁଛି । ଯାହା ଫଳରେ ଏହା ହିନ୍ଦୁମାନଙ୍କ ଗଭୀର ଧର୍ମ ବିଶ୍ୱାସକୁ ଜାଗ୍ରତ କରି ରଖିଛି..!!!

+ଅଧକ୍ଷ, ମହାନଦୀବିହାର ମହିଳା ସ୍ନାତକ ମହାବିଦ୍ୟାଳୟ , କଟକ -୪
ମୋ: ୯୦୪୦ ୧୫୧୪ ୭୫

## ଧୂମହୀନ ଦୀପାବଳି

ନୂତନ କୁମାର ବେହେରା

ଜୀବନର ଯାତନା ଅସହ୍ୟ କଷ୍ଟ ଯନ୍ତ୍ରଣାରୁ ବର୍ତ୍ତି
ବଞ୍ଚିବାକୁ ଚାହୁଁ ସୁସ୍ଥ ନିରୋଗ ନିରାମୟ,
ମୁକ୍ତ ସ୍ୱାଧୀନ ସ୍ୱତନ୍ତ୍ର ହେବାକୁ ସଭିଏଁ
କରୁ ନା ନା ପ୍ରଚେଷ୍ଟା ପ୍ରେରଣା ଦିଏ ହୃଦୟ।
ରହୁ ବ୍ୟସ୍ତ ହେଉ ମାନସିକ ଚାପେ ବିବ୍ରତ
ପାଇବାକୁ ସାମୟିକ ଶାନ୍ତି ତୃପ୍ତି ସନ୍ତୋଷ,
ପାରମ୍ପାରିକ ରୀତିରେ ପାଳୁ ପୁନେଇଁ ପର୍ବ
ପ୍ରବାହିତ ସମୟ ନେଇ ଆସେ ତାର ସନ୍ଦେଶ,
ବାର ମାସରେ ତେର ପର୍ବର ଯାନୀ ଜାତ
କାର୍ତ୍ତିକର ହେମନ୍ତରେ ଶିଶିର ଭିଜା ପ୍ରକୃତି,
ତିଥି ଲଗ୍ନର ଶୁଭ ଅବସର ନେଇ ଆସେ
ଦେବୀ ମା' କାଳୀ'ଙ୍କର ପୂଜା ଓ ଦୀପାବଳୀ।
ଉତ୍ସବ ମୁଖର ହୁଏ ପୁରପଲ୍ଲୀରୁ ସହର ବଜାର
ଆନନ୍ଦ ଉଲ୍ଲାସର ଢେଉ ଖେଳେ ମୁଲକେ,
ଜଳାହୁଏ ଦୀପ ଜଳେ ରୋଷଣୀ ଫୁଟେ ବାଣ
ମଜା ମଉଜ କରି ଆତ୍ମବିଭୋର ହୁଅନ୍ତି ଅନେକେ।
ସମୟ ହୋଇଯାଏ ତାର କ୍ରମରେ ଅତିକ୍ରାନ୍ତ
ପରିଣାମରେ ଦେଖାଦିଏ ବିଷମ ପରିସ୍ଥିତି,
ଧୂଳି ଧୂଆଁରେ ବାୟୁମଣ୍ଡଳ ହୁଏ ପ୍ରଦୂଷିତ
ପ୍ରଭାବରେ ଜନ ଜୀବନର ହୁଏ ବହୁତ କ୍ଷତି।
ଭାବିବାର ବେଳ ଆସିଛି ପ୍ରତିଟି ମଣିଷ ପାଇଁ
ଦୀପାବଳୀ ପାଳିତ ହୁଏ ଯେଉଁ ଢ଼ଙ୍ଗ ଢ଼ାଙ୍ଗରେ,
ତାର କୁଫଳ ଯେ ସମସ୍ତଙ୍କ ଲାଗି ବିଷମୟ
ଏ କଥା ମନରୁ ଭୁଲିଯାଉ ଆନନ୍ଦର ମୁହୂର୍ତ୍ତରେ,
ପରବର୍ତ୍ତୀ ସମୟେ ପ୍ରତିକ୍ରିୟା ହୁଏ ଭୀଷଣ
କରୁ ସିନା ଅନୁତାପ ସୁଧୁରେ ନାହିଁ ପରିବେଶ,
ଦୁଃଖଦ ଅଶୁଭ ପୂର୍ଣ୍ଣହୁଏ ସୁନେଲି ଭବିଷ୍ୟତ
ବୁଝିସୁଝି ମଣିଷ ଡାକି ଆଣେ ତାର ସର୍ବନାଶ।
ଏଥି ପାଇଁ ରହିବାକୁ ହେବ ସଜାଗ ସଚେତନ,
ଆନନ୍ଦର ବଦଳେ ଜୀବନ ନହେଉ ସଂକଟାପନ୍ନ।
ଦାୟୀ କରିବା କାହାକୁ ପ୍ରକୃତିକୁ କରି ଧ୍ୱଂସ
ଆସନ୍ତୁ ସଭିଏଁ ପାଳିବା ଧୂମ ହୀନ ଦୀପାବଳୀ,
ଶାନ୍ତ ସୁଧାର କରି ରଖିବା ସୁନ୍ଦର ପରିବେଶ
ସଚେତନ ହୋଇ ସର୍ବେ ଘରେ ଘରେ ଦୀପ ଜାଳି।
ପୂର୍ଣ୍ଣ କରିବା ଆମର ଆଶା ସ୍ୱପ୍ନ ମନସ୍କାମନା,
ସେହି ହେବ ବାସ୍ତବରେ ଉପାସନା ଆରାଧନା।
ଦୀପାବଳୀ ହେଉ ଧୂମ ହୀନ ଦୀପାବଳୀ,
ପ୍ରତି ହୃଦୟରୁ ପ୍ରକୃତ ହସ ଖୁସି ପଡୁ ଉଛୁଳି।

+ କୋହି, ବାରିପଦା, ମୟୂରଭଞ୍ଜ।
(ମୋ) ୮୦୧୮୩୫୩୩୨୨

## ଦୀପାବଳି

କୀର୍ତ୍ତନ ସାହୁ

ଆହାକି ବଢିଆ ହେବ
ଖେଳିବା ବୁଲିବା
ନାଚିବା ଡେଇଁବା
ମନ ଆମ କିଣି ନେବ।

ଦୀପାବଳି ବଡ ପର୍ବ
ଆମରି ସଂସ୍କୃତି
ଆମ ପରମ୍ପରା
ଇଏ ପରା ଆମ ଗର୍ବ।

କାଉଁରିଆ କାଠି ଜାଳି
ବଡ ବଡିଆଙ୍କୁ
ଡାକିବା ସମ୍ମାନେ
ତାଙ୍କରି କଥାକୁ ଭାଳି।

ଆଲୋକର ଦୀପାବଳି
କୁସଂସ୍କାର ଅମା
ହଟାଇବା ଦୂରେ
ଗର୍ବ ଅହଙ୍କାର ଦଳି ।

ହାତେ ଧରି ଫୁଲ ଝରି
ଶବଦ ବିହୀନ
ବାଣ ଫୁଟାଇବା
ଖୁସି ହେବା ମନ ଭରି ।

ପ୍ରଭୁ ରାମଚନ୍ଦ୍ର ପରା
ରାବଣକୁ ମାରି
ଅଯୋଧ୍ୟା ଫେରିଲେ
ହସି ଉଠି ଥିଲା ଧରା ।

ଲଗାଇ ଆମର ମଥା
ଶୃଙ୍ଖଳାର ସହ
ପରବ ପାଳିବା
ଶିଖିବା ଅନେକ କଥା।

+ ମିଶ୍ର କଲୋନୀ
ଶାଳପଡ଼ା, କେନ୍ଦୁଝର
(ମୋ)୯୪୩୮୪୧୪୭୦୧

## ଦୀପାଳି

ସୁଶ୍ରୀ ସଙ୍ଗୀତା ସେଠୀ

ଆଲୋକର ପର୍ବ ଦୀପାବଳି ସଜେଇଛି ଆଜି ସଞ୍ଜ
ପିଠାପଣା ମହକର ବିସ୍ଫୋରଣ ବଢ଼ାଏ ଉତ୍ସାହ, ସଜ!
ପରବର ମଜା ଦ୍ୱିଗୁଣିତ ହୁଏ ଦୀପପୁଞ୍ଜ ଆଲୋକରେ,
ପୟା ଡକାରେ ପରିବାର ମିଶି ପର୍ବ ପାଳନ୍ତି ହରଷରେ।
ପିଲାମାନେ କିଣି ବାଣ ଓ ଫୋଟକା ଉତ୍ସବ କରନ୍ତି ମିଳି,
ଆଲୋକର ପର୍ବ ଦୀପାଳି ଆସିଛି ଏତେ ଦିନେ ହସିଖେଳି।
ମଣ୍ଡା, ଆରିସା ଓ କାକରାଙ୍କ ଭିଡ଼ ଭୋଗଥାଳିରେ ଲାଗେ
ପରବର ମଜା ଓଡ଼ିଆ ଜାଣିଛି କୁହନ୍ତି ମିଶି ଆବେଗେ!
ଦାଣ୍ଡ ଅଗଣା ଦୀପରେ ସଜା ଆଲୋକ ଗୁଚ୍ଛ ବୁଣେ,
ମହକି ଉଠେ ଜୀବନ ଖୁସିରେ ପରବ ମନ କିଣେ।
ଆମେ ଓଡ଼ିଆ, ଭାରି ବଢିଆ ହସି ଉଠେ ଏ ମାଟି
ବଡ଼ବଡ଼ିଆଙ୍କୁ ଡାକ ଦେଇ ସର୍ବେ ପରବ ମହତ୍ତ୍ୱ ରଖନ୍ତି।

+ଯାଜପୁର

## ଧନତେରସ୍

ଶ୍ରୀମତୀ କୃଷ୍ଣା ପ୍ରଧାନ



କାର୍ତ୍ତିକ ମାସରେ କୃଷ୍ଣପକ୍ଷ
ଅଟେ ତ୍ରୟୋଦଶୀ ତିଥି
ଆଲୋକ ପର୍ବର ପ୍ରଥମ ଦିବସ
ଆୟୁର୍ବେଦ ଶାସ୍ତ୍ରୀ ଧନ୍ୱନ୍ତରୀଙ୍କ ସ୍ମୃତି ॥
ବାସ୍ତୁଶାସ୍ତ୍ରେ ଅଛି ନୂତନ ସାମଗ୍ରୀ
କ୍ରୟ କରିବା ବିଧାନ
ସୁନା ରୂପା ଠାରୁ ଝାଡୁ ପରିଯନ୍ତେ
କିଛି ବି ଘରକୁ ଆଣ ॥
ବ୍ୟାପାରି ବୁଦ୍ଧିରେ ବାଇଆ ହୋଇଛେ
ଭିଡ଼ ଗହଣା ଦୋକାନ
ଟଙ୍କା ଦେଇ ସୁନା କିଣିବା କି ଲାଭ
ମନକର୍ଣ୍ଣ ଦେଇ ଶୁଣ ॥
ଦେଶୀ ବାଣକୁ ଗଲୁଣି ଭୁଲି
ଚାଇନା ବାଣକୁ କରୁ ଆଦର
ବେଳହୁଁ ହେଜହେ ସୁଜନ ମାନେ
ସ୍ୱଦେଶୀ ଜିନିଷ କର ନିଜର ॥
ଆପଣା ସଂସ୍କୃତି ବେଦ ଉପନିଷଦ
ଦାନ ମୁନି ଋଷିଙ୍କର
ଚାକଚକ୍ୟ ରେ ଭୁଲି ନ ଯାଇ
ସତ୍ୟକୁ ଆପଣା କର ॥
ଆହେ ଦେବତା ଧନ୍ୱନ୍ତରୀ! ଶୁଭଦୃଷ୍ଟି
ଟିକେ ଧରା ପରେ ଦେବ
ସଫଳ ହେଉ ଏ ମାନବ ଜନମ
ଲଭି ଆଶୀର୍ବାଦ ତବ ॥

+ସହଦେବଖୁଣ୍ଟା, ବାଲେଶ୍ୱର



## ଦୀପାବଳିରେ ଜ୍ଞାନର ପ୍ରଦୀପ ପ୍ରଜ୍ଜ୍ୱଳିତ ହେଉ



ଡକ୍ଟର ରାଜକିଶୋର ମିଶ୍ର

ଆଲୋକର ପର୍ବ ଦୀପାବଳି ଉତ୍ସବ ମହାନ ଭାରତୀୟ ସଂସ୍କୃତି, ପରମ୍ପରାର ଶ୍ରେଷ୍ଠ ନିଦର୍ଶନ । ଆମେ ଏହି ମହାନ ପର୍ବ ପାଳନ କରିବା ଅବସରରେ ନିଜ ପାଇଁ ନୁହେଁ, ପରନ୍ତୁ ସମଗ୍ର ମାନବ ସମାଜର ଉନ୍ନତି ପାଇଁ ଯେଉଁ ପ୍ରାର୍ଥନା କରିଥାଉ ତା'ର ବାର୍ତ୍ତା ହିଁ ଗୁରୁତ୍ୱପୂର୍ଣ୍ଣ । ଦୀପାବଳି ଅବସରରେ ପବିତ୍ର ଜ୍ୟୋତିର ଆଧାର ପ୍ରଦୀପଟିଏ ପ୍ରଜ୍ଜ୍ୱଳନ କରି ଆମେ କହିଥାଉ - 'ଅସତୋ ମା ସଦ୍‌ଗମୟ, ତମସୋ ମା ଜ୍ୟୋତିର୍ଗମୟ, ମୃତ୍ୟୋର୍ମା ଅମୃତଂ ଗମୟ ।'

ଏହି ଅମୃତବାଣୀ ଆମକୁ ଯେଉଁ ମହାନବାର୍ତ୍ତା ସମ୍ପର୍କରେ ସୂଚିତ କରେ ତାହାହେଲା ସମଗ୍ର ମାନବ ଜାତି ଅଜ୍ଞାନର ଅନ୍ଧକାର ରୂପକ ଅସତପଥକୁ ଚାଲି ଆସି ଜ୍ଞାନାଲୋକର ନୂତନ ଆଭାରେ ବିମଣ୍ଡିତ ହେଉ, ମୃତ୍ୟୁର କରାଳ ପଥରୁ ଅପସରି ଆସି ଅମୃତଧାରାର ସ୍ପର୍ଶରେ ଉଜ୍ଜୀବିତ ହେଉ, ସଂସାରରୁ ସମସ୍ତ ଦୁଃଖ ଦୂର ହେଉ । ହିନ୍ଦୁମାନଙ୍କର ପବିତ୍ର ମାସ କାର୍ତ୍ତିକରେ ଏଭଳି ପର୍ବ ପାଳନ କରି ଲୋକେ ବିଶ୍ୱବ୍ରହ୍ମାଣର ସଂଚାଳିକା ମାତୃଶକ୍ତି ମହାକାଳୀ, ମହାଲକ୍ଷ୍ମୀ, ମହାସରସ୍ୱତୀଙ୍କୁ ଆବାହନ କରିଥାନ୍ତି । ଜ୍ୟୋତି ହିଁ ଅଗ୍ନିର ଅନ୍ୟ ରୂପ ଓ ଏହା ପୃଥିବୀ ତଥା ଜୀବଜଗତ ପାଇଁ ଶୁଭଙ୍କର । ଦୀପାବଳି ପାଳନ ନେଇ ହିନ୍ଦୁ ଧର୍ମଶାସ୍ତ୍ରରେ ଏକାଧିକ ପରମ୍ପରା, ଲୋକକଥା ତଥା ଚଳଣି ରହିଆସିଥିଲେ ମଧ୍ୟ ଏହା ଆଲୋକ, ଆନନ୍ଦ ତଥା ସଦ୍‌ଭାବନାର ଏକ ପର୍ବରୂପେ ପରିଚିତ । ଏହିଦିନ ଲୋକେ ପରସ୍ପରକୁ ସାକ୍ଷାତକାର ମିଷ୍ଟାନ୍ନ ବଣ୍ଟନ ସହ ଶୁଭକାମନା ଜଣାଇବାର ଯେଉଁ ପରମ୍ପରା ରହିଆସିଛି ତାହା ଅଲୌକିକ । ଦୀର୍ଘ ୧୪ ବର୍ଷ ବନବାସ ସମାପ୍ତ କରି ଏହି ଦିନ ମହାପ୍ରଭୁ ଶ୍ରୀରାମଚନ୍ଦ୍ର ଅଯୋଧ୍ୟାକୁ ପ୍ରତ୍ୟାବର୍ତ୍ତନ କରିଥିବାରୁ ପ୍ରଜାମାନେ ପ୍ରଦୀପ ପ୍ରଜ୍ଜ୍ୱଳନ କରି ସାରା ରାଜ୍ୟରେ ଉତ୍ସବ ପାଳନ କରିଥିବାରୁ ଏହାର ସ୍ମାରକୀ ଭାବେ ଆଜିଯାଏ ଏହି ଉତ୍ସବ ପାଳିତ ହୋଇ ଆସୁଛି ବୋଲି ଅନେକ କହିଥାନ୍ତି । ତେବେ ପୌରାଣିକ ବିଷୟବସ୍ତୁ ଯାହା ହେଉନା କାହିଁକି ଏହି ଉତ୍ସବ ପାଳନ ସହ ଅନେକ ବୈଜ୍ଞାନିକ ତଥ୍ୟ ମଧ୍ୟ ସଂଶ୍ଳିଷ୍ଟ ରହିଥବା ଆମେ ଲକ୍ଷ୍ୟ କରିଥାଉ । ବର୍ଷାଋତୁର ଅବସାନ ପରେ ଶରତର ନିର୍ମଳ ଆକାଶରେ ବର୍ଷାଦିନିଆ ଶସ୍ୟ କ୍ଷେତ୍ରର ପ୍ରଚୁର ଖାଦ୍ୟ ଖାଇ ବଢ଼ିଥିବା ଅସଂଖ୍ୟ ପୋକଙ୍କୁ ଦ୍ୱୀପ ଜ୍ୱଳନ ମାଧ୍ୟମରେ ବିନାଶ କରାଯାଇଥାଏ ବୋଲି କୁହାଯାଏ । ଆଲୋକର ଏହି ପର୍ବ ପାଳନ ପରମ୍ପରା ପୂର୍ବେ ଯେପରି ମହାନ୍ ଥିଲା ଏବେ ଆମେ ସେଥିରୁ ଦୂରେଇ ଯାଉଥିବା ମନେହୁଏ । ତେଲର ଦୀପକୁ ଛାଡ଼ି ଆମେ ଏବେ ବିଦ୍ୟୁତ ବଲବ୍‌ର ଉପଯୋଗ ବହୁଳଭାବେ ଦୀପାବଳିରେ କରୁଥିବାବେଳେ ଶ୍ରୁତିକଟୁ ଶବ୍ଦଯୁକ୍ତ ବାଣର ବହୁଳ ବ୍ୟବହାର ସଂପ୍ରତି ଏହି ଉତ୍ସବର ମୁଖ୍ୟ ଆକର୍ଷଣ ହୋଇଛି । ବାଣ ପ୍ରସ୍ତୁତିରେ ବାରୁଦ ବ୍ୟବହାର ହୋଇଥାଏ । ବାରୁଦରେ ପ୍ରମୁଖ ଭାବେ ପୋଟାସିୟମ ନାଇଟ୍ରେଟ, ଗନ୍ଧକ ଓ କାର୍ବନଗୁଣ୍ଡ ଥାଏ । ଏହା ଜଳିବା ପରେ ଏଥିରୁ ସୃଷ୍ଟି ହେଉଥିବା ବାଷ୍ପ ବାୟୁମଣ୍ଡଳରେ ଥିବା ଜଳୀୟବାଷ୍ପ ସହ ମିଶି ନାଇଟ୍ରିକ ଏସିଡ଼, ସଲଫ୍ୟୁରିକ ଏସିଡ଼, କାର୍ବୋନିକ ଏସିଡ଼ ଭଳି ତୀବ୍ର ଅମ୍ଳ ସୃଷ୍ଟି କରିଥାନ୍ତି ଯାହାକି ଅମ୍ଳବର୍ଷାର ମୁଖ୍ୟ କାରଣ । ଅମ୍ଳବର୍ଷା କେବଳ ଉଦ୍ଭିଦ ସମ୍ପଦକୁ ନଷ୍ଟ କରେନାହିଁ, କୋଠାବାଡ଼ି, ପୁରାତନ ସ୍ଥାପତ୍ୟ ଓ କାରୁକାର୍ଯ୍ୟକୁ ମଧ୍ୟ ନଷ୍ଟ କରେ । ଅତ୍ୟନ୍ତ ତୀବ୍ର ଶବ୍ଦ ସୃଷ୍ଟି କରୁଥିବା ବାଣ ଧ୍ୱନି ପ୍ରଦୂଷଣ ସୃଷ୍ଟିକାରୀ ହୋଇଥିବାରୁ ଏହା ବୟସ୍କ ବ୍ୟକ୍ତି, ଶିଶୁ ତଥା ରୋଗୀଙ୍କ ପାଇଁ ଘାତକ ସାବ୍ୟସ୍ତ ହୁଏ । ବାଣଫୁଟାଇ ପୋଡ଼ି ହେବା, ଚକ୍ଷୁ ହରାଇବା, କାଲ ହେବା ତଥା କେତେକ ସ୍ଥାନରେ ଅଗ୍ନିକାଣ୍ଡ ଘଟିବା ଏହି ଆନନ୍ଦର ଉତ୍ସବକୁ ଅନେକ ସମୟରେ ନିରାନନ୍ଦମୟ କରି ବିଷାଦର ବାତାବରଣ ସୃଷ୍ଟି କରିଥାଏ ।

ଆଲୋକର ପର୍ବ ଦୀପାବଳି ଉତ୍ସବ ମହାନ ଭାରତୀୟ ସଂସ୍କୃତି, ପରମ୍ପରାର ଶ୍ରେଷ୍ଠ ନିଦର୍ଶନ। ଆମେ ଏହି ମହାନ ପର୍ବ ପାଳନ କରିବା ଅବସରରେ ନିଜ ପାଇଁ ନୁହେଁ, ପରନ୍ତୁ ସମଗ୍ର ମାନବ ସମାଜର ଉନ୍ନତି ପାଇଁ ଯେଉଁ ପ୍ରାର୍ଥନା କରିଥାଉ ତା'ର ବାର୍ତ୍ତା ହିଁ ମହାନ୍ । ଦୀପାବଳି ଅବସରରେ ପବିତ୍ର ଜ୍ୟୋତିର ଆଧାର ପ୍ରଦୀପଟିଏ ପ୍ରଜ୍ଜ୍ୱଳନ କରି ଆମେ କହିଥାଉ - 'ଅସତୋ ମା ସଦ୍‌ଗମୟ, ତମସୋ ମା ଜ୍ୟୋତିର୍ଗମୟ, ମୃତ୍ୟୋର୍ମା ଅମୃତଂ ଗମୟ ।' ଏହି ଅମୃତବାଣୀ ଆମକୁ ଯେଉଁ ମହାନବାର୍ତ୍ତା ସମ୍ପର୍କରେ ସୂଚିତ କରେ ତାହାହେଲା ସମଗ୍ର ମାନବ ଜାତି ଅଜ୍ଞାନର ଅନ୍ଧକାର ରୂପକ ଅସତପଥକୁ ଚାଲି ଆସି ଜ୍ଞାନାଲୋକର ନୂତନ ଆଭାରେ ବିମଣ୍ଡିତ ହେଉ, ମୃତ୍ୟୁର କରାଳ ପଥରୁ ଅପସରି ଆସି ଅମୃତଧାରାର ସ୍ପର୍ଶରେ ଉଜ୍ଜୀବିତ ହେଉ, ସଂସାରରୁ ସମସ୍ତ ଦୁଃଖ ଦୂର ହେଉ । ହିନ୍ଦୁମାନଙ୍କର ପବିତ୍ର ମାସ କାର୍ତ୍ତିକରେ ଏଭଳି ପର୍ବ ପାଳନ କରି ଲୋକେ ବିଶ୍ୱବ୍ରହ୍ମାଣର ସଂଚାଳିକା ମାତୃଶକ୍ତି ମହାକାଳୀ, ମହାଲକ୍ଷ୍ମୀ, ମହାସରସ୍ୱତୀଙ୍କୁ ଆବାହନ କରିଥାନ୍ତି । ଜ୍ୟୋତି ହିଁ ଅଗ୍ନିର ଅନ୍ୟ ରୂପ ଓ ଏହା ପୃଥିବୀ ତଥା ଜୀବଜଗତ ପାଇଁ ଶୁଭଙ୍କର ।

ଅତୀତର ମହାନ ପରମ୍ପରାପୁଷ୍ଟ ଦୀପାବଳି ଓ ବର୍ତ୍ତମାନର ଆଭିଜାତ୍ୟ ପୂର୍ଣ୍ଣ ବାଣ ଫୁଟା ପର୍ବ ଦୀପାବଳି ପାଳନ ବ୍ୟବସ୍ଥାକୁ ତୁଳନା କଲେ ଆମେ କିପରି ଏହି ମହାନ୍ ପର୍ବର ଉଚ୍ଚ ସଂସ୍କୃତିଠାରୁ ଦୂରେଇ ଯାଉଛୁ ତାହା ସ୍ୱଷ୍ଟ ହୋଇଥାଏ । ପର୍ବ ପାଳନର ଆନନ୍ଦ ମଧ୍ୟରେ ଯଦି ଦୁଃଖ ଆସିଲା, ମଣିଷଙ୍କ ସମେତ ଧରାପୃଷ୍ଠରେ ବସବାସ କରୁଥିବା ଅସଂଖ୍ୟ ଜାତିର ଜୀବଜନ୍ତୁ ଭୟାତୁର ଓ କ୍ଷତିଗ୍ରସ୍ତ ହେଲେ, ପକ୍ଷୀ, କୀଟପତଙ୍ଗ ଆତଙ୍କିତ ହେଲେ ତେବେ ଏଭଳି ଉତ୍ସବ ପାଳନ ମାଧ୍ୟମରେ ଆମେ ଲାଭ କରୁଛେ କି କ୍ଷତି ଆଣୁଛେ ତାହା ଏବର ପରିପ୍ରେକ୍ଷୀରେ ଗୁରୁତ୍ୱ ସହ ବିଚାର କରିବାର କଥା । ଆଜିର ଏହି ପବିତ୍ର ଦିବସରେ ଆସନ୍ତୁ ସେହି ମହାନ୍ ଜ୍ୟୋତିକୁ ସ୍ୱାଗତ କରିବା ଓ ବିଶ୍ୱରୁ ଅଜ୍ଞାନର ଅମାଅନ୍ଧକାର ଦୂରେଇ ଦେବା ପାଇଁ ପ୍ରାର୍ଥନା କରି କାହାକୁ କ୍ଷତି ପହଞ୍ଚାଇବା ଠାରୁ ଦୂରେଇ ରହି ଦୀପାବଳି ଉତ୍ସବ ପାଳନ କରିବାକୁ ଶପଥ ନେବା । ଦୀପାବଳିର ପବିତ୍ର ସନ୍ଧ୍ୟାରେ ପ୍ରଜ୍ଜ୍ୱଳିତ ପ୍ରଦୀପକୁ ସ୍ୱାଗତ କରି କହିବା - 'ସର୍ବେ ଭବନ୍ତୁ ସୁଖିନ, ସର୍ବେସନ୍ତୁ ନିରାମୟା...' ।

+ ଶିକ୍ଷାବିତ୍ ଓ ପୂର୍ବତନ ସମ୍ପାଦକ, ଶ୍ରୀସତ୍ୟସାଇ ବିଦ୍ୟାଳୟ, କଳାବିକାଶ କେନ୍ଦ୍ର ମାର୍ଗ, କଟକ,
ମୋ : ୭୦୦୮୧୮୧୮୨୦

## ଦୀପାବଳି

### ମହେନ୍ଦ୍ର ପ୍ରସାଦ ପାଣିଗ୍ରାହୀ



ଅମାବାସ୍ୟାର କୃଷ୍ଣ କବରୀ ଧରାରେ
ପଡ଼ିଛି ମେଲି,
ଖଞ୍ଜି ଦିଅ ତହିଁ ପୀତ ସ୍ୱର୍ଣ୍ଣାଭ
ଦୀପର ଗୋଲାପ କଢ଼ି,
ଆଜି ପରା ଦୀପାବଳି ।
ବନବାସ ଅନ୍ତେ ସୀତାଙ୍କ ସହିତେ
ଫେରନ୍ତି ରାମ ଲକ୍ଷ୍ମଣ,
ଆଲୋକ ମାଳାରେ ଅଯୋଧ୍ୟା ସଜାଇ
ପ୍ରଜା କରେ ସମ୍ଭାଷଣ,
ଘରେ ଘରେ ଦୀପ ଜାଳି,
ସେହି ଦିବସରୁ ପାଳିତ ହେଉଛି
ଆଜିର ଏ ଦୀପାବଳି ।
ଏହି ଦିବସକୁ ଅପେକ୍ଷା ସବୁରି
ସନ୍ଧ୍ୟାରେ ଦୀପ ଜାଳି,
ଫୁଟାଇବା ବାଣ, ଛାତିରେ କମ୍ପନ
ଆକାଶ ଉଠିବ ଥର ।
ପରଶା ଯିବତ ଖିରି ପୁରି ପିଠା
ମମତାର ରସାବଳି,
କାଉଁରିଆ କାଠି ଜାଳି,
ଆହ୍ୱାନ କରିବା ପୂର୍ବ ପୁରୁଷଙ୍କୁ
ଦେବାପାଇଁ ଶ୍ରଦ୍ଧାଞ୍ଜଳି ।
ଧର୍ମ ଉପରେ ଅଧର୍ମ
ଯେବେ ପଡ଼ିଯାଏ ଭାରି,
ମେଦିନୀକୁ ଚିରି ଉଠନ୍ତି ଜାନକୀ,
ଯଜ୍ଞରୁ ଯାଜ୍ଞସେନୀ,
ଚକ୍ର ଧରନ୍ତି କୁରୁକ୍ଷେତ୍ରରେ
ସତ୍ୟଭାଙ୍ଗି ଚକ୍ରପାଣି
ଥମି ନାହିଁ ଥମି ନାହିଁ,
ଏବେବି ଚାଲିଛି ପୃଥିବୀ ବକ୍ଷରେ,
ବହୁଛି ରକ୍ତ ନଈ ।
ଶାନ୍ତିର ଶୀର୍ଷ ସ୍ୱର୍ଣ ପାଇଁକି
ଯୁଦ୍ଧର ପାହାଚ ଚଢ଼ି
କେତେ ଦେହ ଯାଏ ଜଳି,
ଯୁଦ୍ଧ ବେଦୀରେ ଲକ୍ଷେ ପଡନ୍ତି ବଳି,
ଆଜି ପରା ଦୀପାବଳି ।
ନାରକା ଅସୁର ଉଠେ ବାର ବାର
ଅହମ୍ ଆଗ୍ନେୟାସ୍ତ୍ର ଧରି,
ଆତଙ୍କ ଆଉ ଅତ୍ୟାଚାରରେ
ମଣିଷ ଉଠଇ ଥରି,
ନିରୀହ ଯାଆନ୍ତି ମରି,
କୃଷ୍ଣ ଆସନ୍ତି ମଣିଷ ଭିତରେ
ନାରକାସୁରକୁ ମାରି ।
ସତ୍ୟ ନିକଟେ ଅସତ୍ୟର ହୁଏ କ୍ଷୟ,
ଅଧର୍ମ ଉପରେ ଧର୍ମର ହୁଏ ଜୟ ।
ଆସ ଆସ ସବୁ ମିଳି
ଲକ୍ଷ୍ମୀଙ୍କୁ ପୂଜା କରି,
ଜାଳି ଦେବା ଆମେ ପ୍ରେମର ଆଲୋକ
ହୃଦୟରେ ଦୀପ ଜାଳି,
ଆଜି ପରା ଦୀପାବଳି ।


+ ରାଜଶ୍ରୀ ହୋମ
ବାମପଦା, ବାଲେଶ୍ୱର
ମୋ:୬୩୭୧୯୮୬୬୬୦


## ଆସ ଦୀପଟିଏ ଜାଳିଦେବା

### ସୁବ୍ରତ କୁମାର ଜେନା



ଆସ ଦୀପଟିଏ ଜାଳିଦେବା
ଜଗତ ମଙ୍ଗଳେ
ଆଜି ଅଛି ଯିଏ କାଲି ନାହିଁ
କାଳର କରାଳେ ।
ଶ୍ରେଷ୍ଠ ଜନ୍ମଟିଏ ଆମେ ପରା
ଏ ସାରା ବିଶ୍ୱରେ
ଆମେ ବଞ୍ଚି ଯିବା ଅନ୍ୟକୁ ବଞ୍ଚେଇ
ସାହାଯ୍ୟ ହାତରେ ।
ଜୀବେ ହିଂସା ଦେବା ମନରୁ ପାସୋରି
ଜଗତ କଲ୍ୟାଣେ
ଆମ ପରି ସେତ ଜୀବଟିଏ ପରା
ବଞ୍ଚିବେ ସମ୍ମାନେ !
ଆଲୋକର ପର୍ବ ଆସିଛି ଦୀପାବଳୀ
ପାଳିବା ହରଷେ
ଭ୍ରାତୃତ୍ୱର ବାର୍ତ୍ତା ବାଣ୍ଟିଦେବା ଆମେ
ଖୁସିର ପରଶେ ।
ଘୃଣା ଭାବନାକୁ ଭୁଲିଯିବା ମନୁ
ଏକତାର ମନ୍ତ୍ରରେ
ବିଶ୍ୱ ଦରବାରେ ଶ୍ରେଷ୍ଠ ହେବାରେ
ବିଜ୍ଞାନ ବର ଦାନରେ ।
ଆସ ଦୀପଟିଏ ଆମେ ଜାଳିଦବା
ପବିତ୍ର ଭାବନାରେ
ସବୁଦିନ ଲାଗି ଅମର ହୋଇବା
ପ୍ରତିଟି ହୃଦୟରେ ।


ଶୂରଡିହ, ନନ୍ଦିପୁର, ଯାଜପୁର
ମୋ: ୯୭୭୬୨୦୮୯୩୦


## ଆଲୋକର ପର୍ବ ଦୀପାବଳି



### ବିଶ୍ୱବିଜୟୀ ଦାଶ

ଓଁ ଅସତୋ ମା' ସଦ୍‌ଗମୟ ।
ତମସୋ ମା' ଜ୍ୟୋତିର୍ଗମୟ ।
ମୃତ୍ୟୋର୍ମା ଅମୃତଂ ଗମୟ ।
ଓଁ ଶାନ୍ତିଃ ଶାନ୍ତିଃ ଶାନ୍ତିଃ ।

ବୃହଦାରଣ୍ୟକ ଉପନିଷଦର ଏହି ଶ୍ଳୋକଟିକୁ ଆମେ ସଭିଁଏ ପିଲାଟିଦିନରୁ ଶୁଣିଆସିଛେ। ଏହାର ଅର୍ଥ ହେଉଛି - ହେ! ସର୍ବଶକ୍ତିମାନ, ଆମକୁ ଅସତ୍ୟରୁ ସତ୍ୟ ଆଡ଼କୁ ନେଇଚାଲ। ଅନ୍ଧକାରରୁ ଆଲୋକ ଆଡ଼କୁ ନେଇଚାଲ। ମୃତ୍ୟୁରୁ ଅମରତ୍ୱ ଆଡ଼କୁ ନେଇଚାଲ।

ଆଲୋକର ପର୍ବ ହେଉଛି ଦୀପାବଳି। ଅନ୍ଧକାର ଉପରେ ଆଲୋକ ଏବଂ ଅଜ୍ଞାନ ଉପରେ ଜ୍ଞାନର ବିଜୟର ପ୍ରତୀକ। ଏଣୁ ଏହି ଅବସରରେ ଉପରୋକ୍ତ ଚିର ସବୁଜ ଶ୍ଳୋକର ଯଥେଷ୍ଟ ପ୍ରାସଙ୍ଗିକତା ରହିଛି। ଚାରିଆଡ଼େ ଦୀପ, ବାଣ ଓ ମିଠାର ଆସର। ଦୀପାବଳି ପାଇଁ ସମଗ୍ର ଭାରତବର୍ଷ ହୁଏ ଉତ୍ସବମୁଖର। ହିନ୍ଦୁମାନଙ୍କ ପାଇଁ ଦୀପାବଳି ଏକ ମୁଖ୍ୟ ପର୍ବ, ଯାହାକୁ ନାନାଦି ପାରମ୍ପରିକ ଢଙ୍ଗରେ ପାଳନ କରାଯାଇଥାଏ। ଘରେ ଘରେ ଆନନ୍ଦ ଉଲ୍ଲାସର ସୁଅ ଛୁଟିବା ସହ ବିଭିନ୍ନ ରଙ୍ଗ ବେରଙ୍ଗର ରଙ୍ଗୋଲି ଦ୍ୱାରା ଘରକୁ ସଜାବାରେ ଲାଗିପଡ଼ିଛନ୍ତି ଲୋକେ। ଦୀପାବଳିରେ ସମଗ୍ର ଭାରତରେ ଦିବ୍ୟ ଜନନୀଙ୍କର ନାନା ରୂପରେ ପୂଜା କରାଯାଏ। ବଙ୍ଗଳା, ଆସାମ, ଓଡ଼ିଶା ଓ ବିହାରରେ ଦୀପାବଳିରେ ମା' କାଳୀଙ୍କ ପୂଜା କରାଯାଏ। କାର୍ତ୍ତିକ କୃଷ୍ଣ ତ୍ରୟୋଦଶୀ ମଧ୍ୟରାତ୍ରିରୁ ତାନ୍ତ୍ରିକ ଓ ଶାକ୍ତ ମତରେ ଦେବୀଙ୍କର ପୂଜା ହୁଏ। ବିଭିନ୍ନ ଶକ୍ତି ପୀଠ ସମେତ ମୃଣ୍ମୟୀ ମୂର୍ତ୍ତିଙ୍କ ଆରାଧନା କରାଯାଏ। ସେହିପରି ଭାରତର ଅନ୍ୟାନ୍ୟ ଅଞ୍ଚଳରେ ଦୀପାବଳି ଅବସରରେ ଗଣେଶ ଓ ଲକ୍ଷ୍ମୀଙ୍କୁ ପୂଜା କରାଯାଏ। ବିଶେଷକରି, ଉତ୍ତର ଭାରତରେ ଏହା ବହୁଳ ଭାବେ ପାଳିତ ହୁଏ। ସେହିପରି ମିଥିଳା ଓ ନେପାଳରେ ଏହି ପର୍ବରେ ମହାନିଶା ଦେବୀଙ୍କ ପୂଜା କରାଯାଏ।

ଓଡ଼ିଶାରେ ଏହି ଦିନ ବଡ଼ବଡୁଆଙ୍କ ଉଦ୍ଦେଶ୍ୟରେ ପିଣ୍ଡ ଦେଇସାରି କାଉଁରିଆ କାଠି ଜାଳାଯାଏ। ମହାଳୟା ତିଥିରେ ପିତୃପୁରୁଷଙ୍କୁ ଆବାହନ କରି ପିଣ୍ଡଦାନ କରାଯାଉଥିବା ବେଳେ ଦୀପାବଳି ତିଥିରେ ଆଲୋକ ଦେଖାଇ ସେମାନଙ୍କୁ ବିଦାୟ ଦିଆଯାଇଥାଏ। 'ପିତୃ ଲୋକଂ ପରିତାଜ୍ୟ, ଆଗତା ଯେ ମହାଳୟେ, ଉଜ୍ଜ୍ୱଳେ ଜ୍ୟୋତିଷାଂ ମାର୍ଗେ, ପ୍ରପଦ୍ୟନ୍ତୋ ବ୍ରଜନ୍ତୁତେ', ଅର୍ଥାତ ପିତୃପୁରୁଷଙ୍କୁ ଆଲୋକ ଦେଖାଇ ସ୍ୱର୍ଗ ଲୋକକୁ ଫେରିଯିବା ପାଇଁ ପ୍ରାର୍ଥନା କରାଯାଏ। ଅସଂଖ୍ୟ ଭକ୍ତ ସେଦିନ ବାଇଶି ପାହାଚରେ ପିଣ୍ଡଦାନ କରି କାଉଁରିଆ କାଠି ବି ଜାଳନ୍ତି। ପିତୃଗଣଙ୍କ ଆଶୀର୍ବାଦ କାମନା କରନ୍ତି। କାଉଁରିଆ କାଠି ଜାଳିବାବେଳେ ଉଚ୍ଚାରଣ କରନ୍ତିଂ ବଡ଼ବଡୁଆ ହୋ ଅନ୍ଧାରରେ ଆସି ଆଲୁଅରେ ଯାଅ, ପୁରୁଷୋତ୍ତମ କ୍ଷେତ୍ରରେ ମହାପ୍ରସାଦ ଖାଇ, ବାଇଶି ପାହାଚରେ ଗଡ଼ଗଡାଉ ଥାଅ।



ପୁରାଣ ଅନୁଯାୟୀ, ୧୪ ବର୍ଷ ପରେ ରାମ, ରାବଣଙ୍କୁ ବଧ କରି ଦୀପାବଳିରେ ଅଯୋଧ୍ୟା ଫେରିଥିଲେ। ଅଯୋଧ୍ୟାବାସୀ ଘୃତ-ଦୀପ ଜାଳି ଏହି ଦିନ ରାମଙ୍କୁ ସ୍ୱାଗତ କରିଥିଲେ। ସେହିପରି ଦ୍ୱାପର ଯୁଗରେ ଶ୍ରୀକୃଷ୍ଣ ନାରକାସୁରକୁ ବଧ କଲା ପରେ ତା' ପରଦିନ ବ୍ରଜବାସୀ ଦୀପ ଜାଳି ଉତ୍ସବ ପାଳନ କରିଥିଲେ। ସେହି ଦିନ ମଧ୍ୟ ଥିଲା ଦୀପାବଳି।

ମାଟିର ଦୀପ ହେଲା ପଞ୍ଚତତ୍ତ୍ୱରେ ଗଢ଼ା ଆମ ଶରୀରର ପ୍ରତୀକ ଏବଂ ତା' ମଧ୍ୟରେ ଜଳୁଥିବା ଦୀପଶିଖା ଅଜର, ଅମର, ଅବିନାଶୀ ଆତ୍ମାର ପ୍ରତୀକ । ତେଣୁ ଅଜ୍ଞାନ ଅନ୍ଧକାରକୁ ଦୂର କରିବାକୁ ହେଲେ ଆତ୍ମଜ୍ୟୋତିକୁ ଜାଗ୍ରତ କରିବା ନିତାନ୍ତ ଆବଶ୍ୟକ । ଏହି ଅଜ୍ଞାନରୂପୀ ଅନ୍ଧାର ହେଲା ମନୁଷ୍ୟ ଭିତରେ ଛପି ରହିଥିବା କାମ, କ୍ରୋଧ, ଲୋଭ, ମୋହ, ଅହଙ୍କାର, ଈର୍ଷା, ଆଳସ୍ୟ ଇତ୍ୟାଦି ବିକାରଗୁଡ଼ିକ।ଏ ଗୁଡ଼ିକ ଦୂର କରିବାକୁ ହେଲେ ପରମଜ୍ୟୋତିରେ ଆତ୍ମଜ୍ୟୋତିକୁ ଉଦ୍ଭାସିତ କରିବାକୁ ହୁଏ । ଜ୍ଞାନର ଆଲୋକ ହିଁ ଏ ସୃଷ୍ଟିର ଶ୍ରେଷ୍ଠ ଆଲୋକ । ଜ୍ଞାନ ମାଧ୍ୟମରେ ଜଣେ 'ନିଜ'ର ପରିଚୟ ପାଇ ପରମାତ୍ମାଙ୍କର ପରିଚୟ ପାଇବାକୁ ସମର୍ଥ ହୋଇପାରିଥାଏ ।

ଦୀପାବଳୀର ମୁଖ୍ୟ ଆର୍କଷଣ ହେଉଛି ବାଣ ଫୁଟା। ସନ୍ଧ୍ୟା ହେଉ ହେଉ ଚାରିଆଡ଼େ ବାଣ ଫୁଟାର ଆସର ଜମିଯାଇଥାଏ। ବାଣରୁ ନିର୍ଗତ ଧୂଆଁ ବାୟୁ ମଣ୍ଡଳକୁ ପ୍ରଦୂଷଣ କରିଥାଏ, ଯାହା ଫଳରେ ସବୁଜ ପରିବେଶ ନଷ୍ଟ ହୁଏ। ଅଧିକ ଶବ୍ଦ କରୁଥିବା ବାଣ ଫୁଟେଇବା ଦ୍ୱାରା ଶ୍ରବଣ ଶକ୍ତିକୁ ଗଭୀର ଆଘାତ ଦେଇଥାଏ। ବାଣରୁ ନିର୍ଗତ ଧୂଆଁରେ ସଲଫର ଡ଼ାଇଅକ୍ସାଇଡ଼,କାର୍ବନ ଡ଼ାଇଅକ୍ସାଇଡ଼ ଓ କାର୍ବନ ମନୋକ୍ସାଇଡ଼ ଭଳି ମାରାତ୍ମକ ଗ୍ୟାସ ଶ୍ୱାସ ଭଳି ମାରାତ୍ମକ ରୋଗ ସୃଷ୍ଟି କରେ। ଛୋଟ ପିଲାଙ୍କୁ ଆଦୌ ବାଣ ଫୁଟାଇବାକୁ ଦିଅନ୍ତୁ ନାହିଁ, ଯଦି ଦେବେ ତାଙ୍କ ପାଖେ ପାଖେ ରୁହନ୍ତୁ। ବାଣ ଫୁଟାଇବାର ମାହୋଲ ମନକୁ କ୍ଷଣିକ ଆନନ୍ଦ ଦିଏ, ହେଲେ ତାହାର କୁପ୍ରଭାବ ପରିବେଶ ଓ ସମାଜ ଉପରେ ପଡ଼ିଥାଏ। ତେଣୁ ସମସ୍ତ ଜନସାଧାରଣଙ୍କୁ ମୋର ବିନମ୍ର ନିବେଦନ, ମାଟି ଦୀପ ଜାଳି ଓ ଗୃହକୁ ଆଲୋକରେ ସଜାଇ ଦୀପାବଳୀ ହସ ଖୁସିରେ ମନାନ୍ତୁ। ଯେତେ କମ୍ ଧୂଆଁ, କମ୍ ଶବ୍ଦ ହେଉଥିବା ବାଣ ବ୍ୟବହାର କରନ୍ତୁ। ଆଲୋକର ପର୍ବ ଦୀପାବଳୀ ଉପଲକ୍ଷେ ସମସ୍ତ ଯୁବ, ଛାତ୍ର ବନ୍ଧୁ ଓ ଗୁରୁଜନ ମାନଙ୍କୁ ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ। ଏହି ପର୍ବ ସମସ୍ତଙ୍କ ଜୀବନକୁ ଆଲୋକିତ କରୁ, ଏହାହିଁ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।


ବି.ଏସସି, ବି.ଇଡ଼ି(ସ୍ୱତନ୍ତ୍ର ଶିକ୍ଷା)
ଗମ୍ଭାରିମୁଣ୍ଡା,ବାଣପୁର,ଖୋର୍ଦ୍ଧା
ପିନ୍- ୭୫୨୦୩୫
ମୋ: ୬୩୭୦୨୦୮୪୨୮




## ଦୀପ ଉତ୍ସବର ତାତ୍ପର୍ଯ୍ୟ



### ରାଜସ୍ମିତା ବାରିକ

ଅସତୋ ମା ସଦଗମୟ
ତମସୋ ମା ଜ୍ୟୋତିର୍ଗମୟ
ମୃତ୍ୟୋ ମା ଅମୃତଂ ଗମୟ

ସନାତନ ଧର୍ମରେ ଦୀପାବଳିର ବିଶେଷ ମହତ୍ୱ ରହିଛି। କାର୍ତ୍ତିକ ମାସର ଅମାବାସ୍ୟା ତିଥିରେ ଦୀପାବଳି ମହୋତ୍ସବ ବଡ଼ ଆନନ୍ଦ ଉଲ୍ଲାସରେ ପାଳିତ ହୁଏ। ଦୀପାବଳି ଶବ୍ଦକୁ ସନ୍ଧି ବିଚ୍ଛେଦ କରିଲେ ଦୀପ ଶବ୍ଦର ଅର୍ଥ 'ଆଲୋକ' ଏବଂ ଆବଳି ଶବ୍ଦର ଅର୍ଥ 'ଧାଡ଼ି', ସମ୍ପୂର୍ଣ୍ଣ ଭାବେ କହିବାକୁ ଗଲେ ଧାଡ଼ି ହୋଇ ସଜା ହୋଇଥିବା ଦୀପମାଳା। ଦୀପାବଳି ହେଉଛି ଆଲୋକର ପର୍ବ । ଘନ ଅନ୍ଧକାରକୁ ଦୂର କରିବା ପାଇଁ ଗୋଟିଏ ଦୀପ ଯଥେଷ୍ଟ ନୁହେଁ ଅଗଣିତ ଦୀପାଲୋକର ଆବଶ୍ୟକତା ରହିଛି। ଯୁଗ ଯୁଗ ଧରି ଏହି ପର୍ବର ବିଶେଷ ମହତ୍ତ୍ୱ ରହିଛି। ଏହି ପର୍ବ କେବଳ ଭାରତ ମାଟିରେ ନୁହ ବିଦେଶରେ ମଧ୍ୟ ବିଭିନ୍ନ ଲୋକ ମାନେ ପାଳନ କରିଥାନ୍ତି ।

ଦୀପାବଳି ପର୍ବ ପାଳନର ତାତ୍ପର୍ଯ୍ୟ ହେଉଛି ଅଲୋକର ଆବାହନ । ଦୀପାବଳି ହେଉଛି ଅନ୍ୟର ଶୁଭ ମନାସିବାର ପର୍ବ। ଏହି ପର୍ବ ଶୋକ ଓ ନୈରାଶ୍ୟ ଦୂର କରି ଅନ୍ଧକାରରୁ ଆଲୋକର ମାର୍ଗ ଦର୍ଶନ କରାଇଥାଏ, ଯାହାକି ବ୍ୟକ୍ତିର ଆତ୍ମବଳକୁ ବୃଦ୍ଧି କରାଇଥାଏ । ଏହି ଅବସରରେ ବିଭିନ୍ନ ସ୍ଥାନରେ ମା'କାଳୀଙ୍କର ପୂଜା ବହୁ ଆଡ଼ମ୍ବର ସହକାରେ କରାଯାଏ। ମାଆଙ୍କୁ ଆରାଧନା କରିବା ଦ୍ୱାରା ହୀନତା, ଶଠତା ଓ ଅଶୁଭ ଭାବନା ଦୂର ହୋଇଯାଏ। ମାଆ ହେଉଛନ୍ତି ସ୍ନେହମୟୀ, ସନ୍ତାନ ବତ୍ସଳା - ସନ୍ତାନର କଲ୍ୟାଣ ପାଇଁ ମାଆ ଭୟଙ୍କର ହେଲେ ବିଶ୍ୱବ୍ରହ୍ମାଣ୍ଡ ଟଳମଳ ହୋଇ ଉଠେ। ପୌରାଣିକ ମତ ଅନୁଯାୟୀ ମାଆ ଦୁର୍ଗା ମହିଷାସୁର ଆଦି ରାକ୍ଷସ ମାନଙ୍କୁ ସଂହାର କରି ଦେବତା ଓ ମାନବ ମାନଙ୍କୁ ସୁରକ୍ଷା ଦେବା ପାଇଁ ଉଗ୍ର ରୂପ ଧାରଣ କରିଥିଲେ। ମାଆଙ୍କର ଏହି ଭୟଙ୍କର ରୂପ ଦେଖି ବିଶ୍ୱବାସୀ ଭୟଭୀତ ହୋଇଥିଲେ । ସମସ୍ତ ଦେବତା ଦେବଦେବ ମହାଦେବଙ୍କ ପାଖରେ ଶରଣ ପଶିଲେ। ମହାଦେବ ଦେବଗଣଙ୍କ ଅନୁରୋଧ ରକ୍ଷାକରି ଦେବୀଙ୍କ ସଂହାର ପଥରେ ଜଗତ କଲ୍ୟାଣ ନିମନ୍ତେ ଶୋଇରହି ତାଙ୍କର କ୍ରୋଧ ଶାନ୍ତ ନିମନ୍ତେ ଅନ୍ତିମ ପ୍ରୟାସ କରିଥିଲେ । ସେହି ସମୟରେ ଦେବୀ କାଳୀ ନିଜର ଅଜ୍ଞାତରେ ଶିବଙ୍କ ବକ୍ଷଙ୍କୁ ପଦାଘାତ କରନ୍ତେ ନିଜର ହିତାହିତ ଜ୍ଞ । ନ ଫେରି ପାଇଲେ। ଏପ୍ରକାର ଭୁଲ କରିଥିବାରୁ ଜିଭକୁ କାମୁଡି ପକାଇଥିଲେ ମାଆ । ମାଆଙ୍କର ଏହି କ୍ରୋଧିତ ରୂପକୁ କାଳୀ, ମହାକାଳୀ, ଶ୍ୟାମାକାଳୀ ବୋଲି କୁହାଯାଏ।



ସତ୍ୟଯୁଗରେ ପ୍ରଭୁ ରାମଚନ୍ଦ୍ର ପିତୃ ସତ୍ୟ ପାଳନ ପାଇଁ ଚଉଦ ବର୍ଷ ବନବାସ ଯାଇଥିଲେ । ରାବଣ ମାତା ସୀତାଙ୍କୁ ହରଣ କରିନେଇଯାଇଥିଲେ । ରାବଣକୁ ବଧ କରି ସୀତାଙ୍କୁ ଉଦ୍ଧାର ପୂର୍ବକ ପ୍ରଭୁ ଶ୍ରୀରାମଚନ୍ଦ୍ର ସୀତାଙ୍କୁ ନେଇ ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ କରିଥିଲେ, ଯାହାକି ଅସତ୍ୟ ଉପରେ ସତ୍ୟର ବିଜୟ ଅଧର୍ମ ଉପରେ ଧର୍ମ ର ବିଜୟର ପ୍ରତୀକ । ପ୍ରଭୁ ଶ୍ରୀରାମଙ୍କର ଏହି ବିଜୟ ଓ ଚାତକ ପ୍ରାୟ ଚାହିଁ ବସିଥିବା ସମଗ୍ର ଅଯୋଧ୍ୟାବାସୀ ଆନନ୍ଦରେ ବିଭିନ୍ନ ପ୍ରକାର ଆଲୋକ ଜଳେଇ ସ୍ୱାଗତ କରିଥିଲେ । ସେହିଦିନ ଥିଲା କାର୍ତ୍ତିକ ମାସ ଅମାବାସ୍ୟା ତିଥି ଏବଂ ଉକ୍ତ ଦିନକୁ ସ୍ମରଣ କରି ଆଜିବି ଏହି ଦୀପ ଉତ୍ସବ ଆମେ ସମସ୍ତେ ପାଳନ କରୁଛୁ ।

ବନବାସରୁ ଫେରିଲା ପରେ ଶ୍ରୀରାମଚନ୍ଦ୍ରଙ୍କର ଅଭିଷେକ ଉତ୍ସବ ପାଳନ କରାଗଲା । ରାମଚନ୍ଦ୍ର ସେହି ଆନନ୍ଦର ଦିନରେ ତାଙ୍କ ପିତୃପୁରୁଷଙ୍କୁ ମନେ ପକାଇଥିଲେ। ତାଙ୍କର ସେହି କଥାକୁ ସ୍ମରଣ କରିବା ପାଇଁ ଆମେ ପିତୃ ପୁରୁଷଙ୍କୁ ଦୀପଦାନ ଏବଂ ପିଣ୍ଡଦାନ କରିଥାଉ। ଓଡ଼ିଶାରେ ଏହି ଦିନ ବଡ଼ବଡୁଆଙ୍କ ଉଦ୍ଦେଶ୍ୟରେ ପିଣ୍ଡଦାନ କରାଯାଇଥାଏ । ସ୍ୱର୍ଗରୁ ଗୋଟିଏ ଦିନ ଧାରା ପୃଷ୍ଠକୁ ଆସୁଥିବା ପିତୃ ପୁରୁଷଙ୍କୁ ସସମ୍ମାନ ପୂର୍ବକ ଗୟା, ଗଙ୍ଗା, ଶ୍ରୀକ୍ଷେତ୍ର ଆଦି ଆଧ୍ୟାତ୍ମିକ ସ୍ଥଳରେ ପିଣ୍ଡ ଦାନ କରାଯାଏ। ଏହି ଦିନ କାଉଁରିଆ କାଠି ତଥା ବିଭିନ୍ନ ଆଲୋକ ଜଳାଇ ପିତୃପୁରୁଷଙ୍କ ଆଶୀର୍ବାଦ କାମନା କରନ୍ତି । କାଉଁରିଆ କାଠି ଜାଳିବାବେଳେ ଆମ ଓଡ଼ିଆ ମାନେ କହିଥାନ୍ତି

'ବଡ଼ବଡୁଆ ହୋ
ଅନ୍ଧାରରେ ଆସ ଆଲୁଅରେ ଯାଅ
ଗଙ୍ଗା ଯାଅ, ଗୟା ଯାଅ, କାଶୀ ଯାଅ
ପୁରୁଷୋତ୍ତମରେ ମହାପ୍ରସାଦ ଖାଇ
ବାଇଶି ପାବଚ୍ଛେ
ଗଡ଼ଗଡାଉ ଥାଅ।'

ଏହି ପର୍ବକୁ ବୈଜ୍ଞାନିକ ଅନୁଶୀଳନ କଲେ ଜଣାଯାଏ ଏହା ଏକ କୃଷିଭିତ୍ତିକ ପର୍ବ। କୃଷି କ୍ଷେତ୍ରରେ ପୋକ ନିୟନ୍ତ୍ରଣ ପାଇଁ ଏହି ପର୍ବ ପାଳନ କରାଯାଇଥାଏ । ଓଡ଼ିଶାର ଚାଷପ୍ରଣାଳୀ ବିଜ୍ଞାନ ଭିତ୍ତିକ ଏବଂ ସମୃଦ୍ଧ ଥିଲା । ପୂର୍ବକାଳରେ ରୋଗପୋକ ନିୟନ୍ତ୍ରଣ କରିବା ପାଇଁ ଅମଳ ଋତୁରେ ଶସ୍ୟକ୍ଷେତ୍ରରେ ପୋକ ମାନଙ୍କ ସଂଖ୍ୟା ବୃଦ୍ଧି ପାଏ। ପୋକମାନଙ୍କର ସଂଖ୍ୟା ଏତେ ବୃଦ୍ଧି ଯୋଗୁଁ ଜୀବଜଗତ ରାତ୍ରି ସମୟରେ ଅସ୍ତବ୍ୟସ୍ତ ହୋଇପଡ଼େ । ଦୀପାବଳୀର ଆଲୋକ ପୋକ ନିୟନ୍ତ୍ରଣର ଏକ ସହଜ ଉପାୟ ଥିଲା। ଅମାବାସ୍ୟାର ଏହି ଆଲୋକରେ ପୋକମାନେ ଆକୃଷ୍ଟ ହୋଇ ମୃତ୍ୟୁବରଣ କରିଥାନ୍ତି ।

ଦୀପାବଳିରେ କେବଳ ଦୀପ ପ୍ରଜ୍ଜଳନ କଲେ ହେବ ନାହିଁ, ବରଂ ପ୍ରଥମେ ନିଜ ଭିତରେ ଥିବା ଅନ୍ଧାର କୁ ଦୂର କରିବାକୁ ହେବ। ସମସ୍ତ ଅନ୍ୟାୟ, ପାପ, ରାଗ, ହିଂସା, ଈର୍ଷା ଓ ଅବିବେକତାରୁ ଦୂରେଇ ରହି ନିଜ ଭିତରେ ଥିବା ଜ୍ଞାନର ଆଲୋକ ପ୍ରଜ୍ୱଳନ କରିବାକୁ ହେବ। ଦୀପ ଉତ୍ସବ ଏକ ଆଧ୍ୟାତ୍ମିକତାର ପର୍ବ।ଏହି ପର୍ବ ରେ ରାସାୟନିକ ବିଷାକ୍ତ ବାଣ ଫୁଟାଇବା ଦ୍ୱାରା ବାୟୁ ପ୍ରଦୂଷଣ, ଧ୍ୱନି ପ୍ରଦୂଷଣ, ପରିବେଶ ପ୍ରଦୂଷଣ ହେଉଛି । ଏହି ବିଷାକ୍ତ ଗ୍ୟାସ ଯୋଗୁଁ ଶ୍ୱାସ ରୋଗ, ଚର୍ମ ରୋଗ ଭଳି ବିଭିନ୍ନ ରୋଗରେ ସମ୍ମୁଖୀନ ହେଉଛନ୍ତି। ଆସନ୍ତୁ ଏଥର ଦୀପାବଳିରେ ସବୁଜ ବାଣ ଫୁଟାଇବା, ଯାହାକି ରାସାୟନିକ ବିଷାକ୍ତ ପଦାର୍ଥ ବିଯୁକ୍ତ ଏବଂ ଅଧିକ ଧୂଆଁ ଓ ପାଉଁଶ ସୃଷ୍ଟି କରେ ନାହିଁ । ଫଳରେ ପରିବେଶ ଦୂଷିତ ହୁଏ ନାହିଁ। ସତର୍କ ହୋଇ ବାଣ ଫୁଟାନ୍ତୁ। ବାଣ ଫୁଟାଇବା ବେଳେ କିଛି ଅଘଟଣ ନଘଟୁ । ଦୀପାବଳି ପର୍ବରେ ଦୀପ ଜାଳନ୍ତୁ । ଦୀପଜାଳି ସମସ୍ତଙ୍କ ମଧ୍ୟରେ ଖୁସି ବାଣ୍ଟନ୍ତୁ।


ନୀଳଗିରି, ବାଲେଶ୍ୱର


## ଦୀପ ବିକୁଥିବା ସ୍ତ୍ରୀ

### ସୁଧାଂଶୁ ଶେଖର ଦ୍ୱିବେଦୀ



ମହାନଗରର ଚଉଛକରେ
ଦୀପ ବିକୁଥିବା ସ୍ତ୍ରୀ
ରୌଦ୍ରର ଧାସ ସହିପାରୁ ନଥିବା
ତା' ମରଦକୁ ଛାଇରେ
ବସିବାକୁ କହେ।
ସ୍ୱୟଂ ରୌଦ୍ର ତାପରେ ବିସି
ଦୀପ ବିକୁଥିବା ସ୍ତ୍ରୀ ମୁହଁରେ
ହସର ଦ୍ୟୁତି ଝଲକୁଥାଏ।
ଛାଇରେ ବସିଥିବା ତା' ମରଦ
ବିମୁଗ୍ଧ ନେତ୍ରରେ କିଛି କ୍ଷଣ
ଚାହିଁରହେ ତା' ସ୍ତ୍ରୀକୁ।
ପୁଣି ମନେ ମନେ କଣ
ଭାବି ହୁଏ କେଜାଣି
ମୁଣ୍ଡରୁ ଠେକା ଖୋଲି
ପାଖରେ ଥିବା ବୋତଲରୁ
ପାଣି ଦିଇ ଢ଼ୋକ ପିଇ
ଆତ୍ମତୃପ୍ତି ଅନୁଭବ କରେ।
ଦୀପ ବିକୁଥିବା ସ୍ତ୍ରୀ
ନିଦା ମାଟିର ଠଣଠଣ
ଶବ୍ଦ ସମୂହରେ ଦୀପ ବିକୁଥାଏ
ମନକୁ ଅନ୍ଧକାରରୁ ମୁକ୍ତ କରିବାକୁ
ରାତି ପରେ ନୂଆ ସକାଳ ଆସିବାକୁ
ଅଶୁଭ ପ୍ରତି ଶୁଭର ବିଜୟ ପାଇବାକୁ
ସ୍ୱଛତା ଓ ଆଧ୍ୟାତ୍ମର ପ୍ରତିଷ୍ଠା କରିବାକୁ
ପ୍ରତିଟି ଘର ଅଗଣାରେ ଦୀପାବଳିର
ଆଲୋକ ବିଚ୍ଛୁରିତ କରିବାକୁ।


+ ବିସି-୭୪, ସଲଟ ଲେକ,
କୋଲକାତା-୬୪
ମୋ-୯୬୮୧୩୭୩୫୧୨


## ଆସିଗଲା ଏବେ ଦୀପାବଳି

### ଜୟକୃଷ୍ଣ ସାହୁ



ଚାଲିଅଛି ଏବେ ପରା
ପାରବଣ ଋତୁଟା
ଆସିଗଲା ଦୀପାବଳି
ଆଉ ଦିନ କେତୁଟା ?
ବୁଲିବୁଲି ଦେଖୁଥିଲି ବାଣ,
ଯାଇ ବଜାରେ
ନେଇଥିଲି ପକେଟରେ
ଟଙ୍କା ମାତ୍ର ହଜାରେ।
ବାଣ କିଣିବାକୁ ହେବ
ସମସ୍ତଙ୍କ ପାଇଁକି
ନାତିଟୋକା ଆସୁଥିଲା
ମୋ ପଛରେ ଧାଇଁକି।
ଢୋ ଢ଼ା ଫୁଟା ବାଣ
ଆଗେ ସିଏ ଧଇଲା
ଦୋକାନୀ ବାପୁଡ଼ା ତାକୁ
ନାହିଁ ନାହିଁ କହିଲା।
ତୁମେ ପିଲାଲୋକ ପରା
ସେ ବାଣକୁ ନିଅନି
ଦେଖିଦେଖି ! ମୋ ହାତକୁ
ବାଣ ସବୁ ଦିଅନି।
ସବୁଜ ବାଣକୁ ନିଅ
ଫୁଟାଇବ ଖୁସିରେ
ଜେଜେମାଆ ଦେଖୁଥିବ
ବାରଣ୍ଡାରେ ବସିରେ।
ସରକାର କହିଛନ୍ତି
ସେଇ ବାଣ ବିକିବ
ଢୋ-ଢ଼ା ବାଣ ବିକିଲେ
ନାଲି କୋଠା ଦେଖିବ।
ବୁଝିଗଲା ନାତିଟା,
କଟାଇବା ପାଇଁ ସୁଖେ
ଦୀପାବଳି ରାତିଟା।


+ କପିଳ ପ୍ରସାଦ, ଭୁବନେଶ୍ୱର -୨
ମୋ-୯୯୩୭୦୯୨୩୯୭.

ଧ୍ୱନି ପ୍ରତିଧ୍ୱନି



# ତମସୋ ମା ଜ୍ୟୋତିର୍ଗମୟ...



## ଅନ୍ଧାରେ ଫୁଟିଛି ଦୀପାବଳି ଫୁଲ

**ସତ୍ୟଜିତ୍ ମହାପାତ୍ର**

ଅମାବାସ୍ୟା ରାତି
ଆଲୋକର ପ୍ରୀତି
କହୁଛି ମହମବତୀ
ଆଲୋକ ଅନ୍ଧାର
ସାଥୀ ଜନ୍ମାନ୍ତର
ଇଏକି ବିଚିତ୍ର ରୀତି ।

ଘର ଅଗଣାକୁ ସଜାଇ ଦେବାକୁ
ସଭିଏଁ ହୁଅନ୍ତି ମେଳି
ମାଟିଦୀପ ନେଇ
ଗୁଆଘିଅ ଦେଇ
ଜାଳିଥାନ୍ତି ଦୀପାବଳି ।

ରଙ୍ଗ ବେରଙ୍ଗର
ଆଲୋକ ମାଳାରେ
ଝଲମଲ ଦିଶେ ରାତି
ଆତସବାଜିର ପ୍ରଚଣ୍ଡ ଶବ୍ଦରେ
ଥରି ଉଠିଥାଏ ଛାତି ।
ଘନ ଅନ୍ଧକାର ମନ ଗହନରେ
ଉଠିଛି ଦୀପାଳୀ ବନ
ଅମାବାସ୍ୟା ରାତି କି
ଆଲୋକ ତିଥି
ଅଦିନେ ଉଠିଛି ଜହ୍ନ ।

ଅନ୍ଧାର କାଳିମା
ରଖ ନାହିଁ ଜମା
ଫୁଟାଅ ଆଲୋକ ଧାରା
ମହାକାଳୀଙ୍କର ପୂଣ୍ୟମୟ ପର୍ବ
ବିଖ୍ୟାତେ ଜଗତ ସାରା ।

ହୃଦୟ ମନ୍ଦିରେ ଜଳିଉଠେ ଆଜି
ଜୀବନର ମହାଦୀପ
ବଡ଼ ବଡୁଆ ହେ ଦବକି ଟିକିଏ
କୃପା ଆଲୋକର ଧାପ ।

+ ମାଣିକଡିହା,
ଖୋସାଲପୁର, ଦଶରଥପୁର,
ଯାଜପୁର
ମୋ:୯୮୬୧୪୦୦୦୨୯

## ପ୍ରାର୍ଥନା ଶୁଭ ଦୀପାବଳିର

**ନିରଞ୍ଜନ ସାହୁ**

ଜ୍ଞାନର ଦୀପାଳି
ଦିଅ ମା'ଗୋ ଜାଳି
ଅଜ୍ଞାନ ଦୂରେଇ ଯାଉ
ଆଜି ଦୀପାବଳୀ
ଆସ ମହାକାଳୀ
ତବ ଆଶୀର୍ବାଦ ଥାଉ ।
କାର୍ତ୍ତିକ ଲଗନେ ତବ ଆଗମନେ
ଜ୍ଞାନାଲୋକ ପାଉ
ଧରା ସଦଜ୍ଞାନ,
ସଦବିଚାର ଧାରାରେ
ମହନୀୟ ହେଉ ପରା
ସାରା ସଂସାରରେ
ଦିବ୍ୟଗୁଣ ଭରୁ
ଅଶୁଭ ନରହୁ ଆଉ ।
ଆହେ ମହାଶକ୍ତି
ଭରି ଦେଇ ଭକ୍ତି
କରନ୍ତୁ ଅମୃତମୟ
ଗର୍ବ, ଅହଂକାର କରିଦିଅ ଦୂର
ସୃଷ୍ଟି ହେଉ ମଧୁମୟ
ଯୁଗେଯୁଗେ ମାତ !
ଏ ସାରା ଜଗତ
ତୁମରି ମହିମା ଗାଉ ।
ଜାଣୁନା ଅର୍ଚ୍ଚନା ପୂଜା ଉପାସନା
ଦୋଷ ଧରିବନି ମାତ
ତବ ଆଶୀର୍ବାଦ
ଲଭିବା ଆଶାରେ
ଭକତ ଯୋଡ଼ଇ ହାତ
ଘେନ ମା' ପ୍ରାର୍ଥନା
ପୁରାଅ କାମନା
ଭକ୍ତ ଟିକେ ଶାନ୍ତି ପାଉ ।
ମା'ଗୋ ଜ୍ୟୋତିର୍ମୟୀ
ତବ ଗୁଣ ଗାଇ
ଧନ୍ୟ ହେଉ ଭକ୍ତ ଜନ
ତବ ରୂପ ତତ୍ତ୍ୱ ବୁଝୁ ଏ ଜଗତ
ତବ ପଦେ ରହୁ ମନ
ଦୀପାବଳୀ ଅବସରେ
ଦୀପ ଜ୍ୟୋତି
ଜଳୁଥାଉ ଦାଉଦାଉ ।

+ନିହଲ ପ୍ରସାଦ,
ଗଁଡିଆ ପାଟଣା
ଢେଙ୍କାନାଳ -୭୫୯୦୧୬
ମୋ: ୯୯୩୮୭୪୧୫୮୩



# ମା'କାଳୀ-କରାଳବଦନା

**ଉମେଶ ଚନ୍ଦ୍ର ପାତ୍ର**

ଆମ୍ଭେମାନେ ସାଧାରଣତଃ ମା'କାଳୀଙ୍କର ଯେଉଁ ରୂପ ପୂଜା କରୁ ତାହା ଭୀତିପ୍ରଦକ । ଦେବଦେବ ମହାଦେବଙ୍କ ବକ୍ଷ ଉପରେ ଜିଭ ବାହାରକୁ ରଖି ଦଣ୍ଡାୟମାନ, ଗଳାରେ ନରମୁଣ୍ଡ, ସେ ନରହସ୍ତ ନିର୍ମିତ ମେଖଳା ପରିହିତା, ଭୀମଦମନା ଓ ଶିବାପରିବେଷ୍ଟିତା । ତାଙ୍କର ଚାରିଟି ହାତରେ ଖଡ୍ଗ, ନରମୁଣ୍ଡ ଓ ବରାଭୟ । ମା'କାଳୀ ହେଉଛନ୍ତି ଚିର ରହସ୍ୟାବୃତା । ଘୋର ଅମାବାସ୍ୟାର ଗଭୀର ରାତ୍ରିରେ ତାଙ୍କର ପୂଜା ହୁଏ । ନିସ୍ତବ୍ଧ ନିଶୀଥିନୀର ଜଡ଼ନିଦ୍ରାର ଆବରଣ ଭେଦ କରି ଧ୍ୱନିତ ହୁଏ- "କାଳୀ କରାଳବଦନା, ବିନିଷ୍କ୍ରା ତ୍ତ୍ୱାସିପାଶୀନି" । ଏଇ କାଳୀ କିଏ ? କଥିତ ଅଛି ମା'ଦୁର୍ଗା ଦେବୀଙ୍କର ଲଲାଟରୁ ଆବିର୍ଭୂତା ଦେବୀ ବିଶେଷ । ଚଣ୍ଡ ନାମକ ଅସୁରକୁ ବଧ କରିବା ସମୟରେ ମା'ଙ୍କର ମୁଖ କ୍ରୋଧରେ କୃଷ୍ଣବର୍ଣ୍ଣ ହୋଇ ଉଠିଥିଲା । ତାଙ୍କର ଲଲାଟ ଦେଶରୁ କରାଳବଦନା ଅସିପାଶଯୁକ୍ତା ଏଇ ମା'କାଳୀଙ୍କର ଆବିର୍ଭାବ, ଅସତ୍ ବିନାଶାର୍ଥେ ଜିହ୍ୱା ଲଳନ ଭୀଷଣା ଭୟଙ୍କାରୀ ଶ୍ୟାମା । ଦୃପ୍ତ ଦାନବଗଣ ଯେତେବେଳେ ପୃଥିବୀରେ ପ୍ରବଳ ହୋଇ ଉଠନ୍ତି, ସତ୍ ଓ ସାଧୁ ବ୍ୟକ୍ତିଗଣ ଯେତେବେଳେ ନିର୍ଯାତିତ ହୁଅନ୍ତି, ଧରଣୀର ସ୍ୱସ୍ତି ଯେତେବେଳେ ବିଡ଼ମ୍ବିତ ଓ ବିଧ୍ୱସ୍ତ ହୁଏ, ସେତେବେଳେ ଜୀବ ଅସ୍ତିତ୍ୱ ରକ୍ଷାର୍ଥେ ଆବିର୍ଭୂତା ହୁଅନ୍ତି ମହାକାଳୀ । ଜୀବନର ଜୀବନଗତି ଯେତେବେଳେ ସ୍ତବ୍ଧ ହୋଇଆସେ, ପ୍ରବୃତ୍ତିର ପାଷାଣ ଚାପରେ ମନମରା ହୋଇ ମନୁଷ୍ୟ ଯେତେବେଳେ ଦିନ କାଟେ, ଆଳସ୍ୟ, ଅବିଶ୍ୱାସ, ଅକୃତଜ୍ଞତା ଓ ଆତ୍ମମ୍ଭରିତାରେ ବୁଡି ଯାଇ ନିଜକୁ ସଙ୍କୁଚିତ କରି ଉଠାଏ, ତାର ଚକ୍ଷୁ ସମ୍ମୁଖରୁ ପଥ ହରିଯାଏ, ସେତେବେଳେ ମା'କାଳୀଙ୍କର ଆରାଧନାର ପ୍ରୟୋଜନ ହୁଏ । କାରଣ ମା'କାଳୀଙ୍କର ବୈଶିଷ୍ଟ୍ୟ ମଧ୍ୟରେ ଅଛି ସକଳ ପ୍ରକାର ନିଥରତା ଅପସାରଣ କରି ଜୀବନରେ ସାତ୍ୱତ ଗତିବେଗ ସଞ୍ଚାରିତ କରିବା ।

ମା'କାଳୀଙ୍କୁ ଶକ୍ତି ରୂପେ ପୂଜା କରାଯାଏ । ଯେଉଁମାନେ ଶକ୍ତିର ଉପାସନା କରନ୍ତି, ସେମାନେ ଶାକ୍ତ ଭାବରେ ପରିଚିତ । ଏହି ଶକ୍ତି ହେଲା ଜୀବନୀ ଶକ୍ତି । ମନୁଷ୍ୟ ଯେତେବେଳେ ନିର୍ବୀର୍ଯ୍ୟ, କ୍ଳୀବ ଓ ନିଷ୍କର୍ମା ହୋଇପଡେ, ସେତେବେଳେ ଶକ୍ତିଙ୍କୁ ଉପାସନା କଲେ ସେ ଜୀବନର ଗତିବେଗ, କର୍ମକ୍ଷମତା, ସାହସ, ଶକ୍ତି ଓ ଶୌର୍ଯ୍ୟ ଫେରିପାଏ । ଶକ୍ତି ପୂଜାକୁ କେହି କେହି ଅସତ୍ ଉଦ୍ଦେଶ୍ୟରେ ମଧ୍ୟ ବ୍ୟବହାର କରନ୍ତି । ପୂର୍ବକାଳରେ ଦସ୍ୟୁ ଓ ଡକାୟତ ମାନେ କାଳୀପୂଜା କରି ଡକାୟତି କର୍ମରେ ଅଗ୍ରସର ହେଉଥିଲେ । ବର୍ତ୍ତମାନ ମା'କାଳୀଙ୍କୁ ସମ୍ମୁଖରେ ରଖି ସମାଜର ଆମପରି କିଛି ଯୁବକ ନାଚ, ମଦ୍ୟପାନ ଓ ଅର୍କେଷ୍ଟ୍ରାରେ ବ୍ୟସ୍ତ ରହୁଛନ୍ତି - ତାହା କିନ୍ତୁ ଶକ୍ତିପୂଜାର ମହିମା ନୁହେଁ । ବରଂ ତାହା ଅନ୍ତଃସ୍ଥ ଅନିୟନ୍ତ୍ରିତ ନୀଚ ପ୍ରବୃତ୍ତିରାଜିର ବହିଃ ପ୍ରକାଶ ମାତ୍ର । ତେଣୁ ଶକ୍ତି ବୃଦ୍ଧି ନହୋଇ ଶକ୍ତିହୀନ ହେଉଛୁ ଆମ୍ଭେମାନେ । ଅସତ୍ ବିରୁଦ୍ଧରେ ଯୁଦ୍ଧ କରିବାର ଶକ୍ତି ଆଜି ଆମ୍ଭମାନଙ୍କର ନାହିଁ । ବଂଶମର୍ଯ୍ୟାଦା, ଆଭିଜାତ୍ୟ ଓ ଦାୟିତ୍ୱବୋଧ ସମ୍ବନ୍ଧରେ ଆମ୍ଭେମାନେ ସଚେତନ ହୋଇଉଠି ପାରୁନାହୁଁ । ମା'ଭଉଣୀଙ୍କୁ ସମ୍ମାନ ଦେଉନାହୁଁ, ଅନ୍ୟର କ୍ଷତି କରିବା ଏପରିକି ଜୀବନନାଶ କରିବା ପାଇଁ ମଧ୍ୟ ଆମେ ପଛାଉନାହୁଁ । ଏହାକି ଶକ୍ତି ପୂଜାର ଫଳ ? ଯିଏ ବିଶ୍ୱ ପ୍ରସବିନୀ କଲ୍ୟାଣମୟୀ ମା', ତାଙ୍କର ପୂଜା କରି ଚରିତ୍ରରେ ଅଧଃପତନ ହେବା ତାଙ୍କର ପୂଜା ନୁହେଁ । ପୂଜା ମଣ୍ଡପରେ ମାଇକ୍‌ରେ ବିଭିନ୍ନ କୁରୁଚିପୂର୍ଣ୍ଣ ଯୌନଉଦ୍ଦୀପକ ସଙ୍ଗୀତ ବଜାଇ ସମସ୍ତେ ମସ୍‌ଗୁଲ ରହନ୍ତି ।

ଆମେ ଯେଉଁ କାଳୀମୂର୍ତ୍ତି ଦେଖୁ ତାହା ଭୟ ଉତ୍ପାଦକ ସଂହାରମୂର୍ତ୍ତି । ସେ ମୁଣ୍ଡମାଳା ବିଭୂଷିତା, ଚତୁର୍ଭୁଜା, ମୁକ୍ତକେଶୀ, ଶ୍ୟାମା ଓ ମହାରବା । ଏହା ହେଉଛି ମା'କାଳୀଙ୍କର ଏକ ରୂପ । ଅନ୍ୟ ଏକ ରୂପ ହେଉଛି ସେ ପ୍ରସନ୍ନା ଓ ହାସ୍ୟମୁଖୀ । ତାଙ୍କର ଦୁଇ ହାତରେ ଖଡ୍ଗ ଓ ନରମୁଣ୍ଡ - ଧ୍ୱଂସର ପ୍ରତୀକ ଏବଂ ଅନ୍ୟ ଦୁଇ ହାତରେ ବର ଓ ଅଭୟ - ସନ୍ତାନ ମାନଙ୍କ ପାଇଁ । ମା'ଙ୍କ ପାଖରେ ଅଛନ୍ତି ଆଠଟି ଯୋଗିନୀ - ଯଥା ଭୀଷଣା, ଚଣ୍ଡୀ, କରାଳା, ଶୂଳିନୀ, ହନ୍ତ୍ରୀ ଓ ତ୍ରିପୁରା । ଏହି ପ୍ରଥମ ଛଅଟି ହେଉଛି ଅସତ୍ ନିରୋଧୀ ଶକ୍ତି ଓ ଶେଷ ଦୁଇଟି ହେଉଛି କର୍ତ୍ତ୍ରୀ ଓ ବିଧାତୃକା - ଏହି ଦୁଇଟି ହେଉଛି ସୃଜନାତ୍ମକ ଓ ବାତ୍ସଲ୍ୟପରାୟଣା । ସେ ହେଉଛନ୍ତି ଭୟଦା ଓ ଭୟନାଶିନୀ । ପରମପୁରୁଷ ଶ୍ରୀ ଶ୍ରୀ ରାମକୃଷ୍ଣଦେବଙ୍କ ପାଖରେ ମୃଣ୍ମୟୀ ମା'ଚିନ୍ମୟୀ ହୋଇ ଉଠିଥିଲେ । ଯୁଗପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଲେ - ମା'ମୋର ଦୀପାନ୍ୱିତା । ମା'କାଳୀଙ୍କ ମଧ୍ୟରେ ସେ ନିଜର ଜନ୍ମଦାତ୍ରୀ ମା'ଙ୍କୁ ହିଁ ପ୍ରତ୍ୟକ୍ଷ କରିଛନ୍ତି । ଥରେ ଛାତ୍ରାବସ୍ଥାରେ ଯୁଗପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ଜଣେ ସାଙ୍ଗ ସହିତ ଦକ୍ଷିଣେଶ୍ୱର ଭବତାରିଣୀ ମନ୍ଦିରକୁ ଯାଇଥିଲେ । ସେତେବେଳେ ଦ୍ୱିପ୍ରହର ପୂଜା ସରିଛି ମାତ୍ର । ଉପସ୍ଥିତ ସମସ୍ତଙ୍କୁ ପ୍ରସାଦ ବିତରଣ କରାହେଉଛି । ବାଳକ ଅନୁକୂଳଚନ୍ଦ୍ରଙ୍କୁ ପ୍ରସାଦ ଦେବା ପୂର୍ବରୁ ମନ୍ଦିରର ଦରଜା ବନ୍ଦ ହୋଇଗଲା ଓ ପ୍ରସାଦ ବିତରଣ ମଧ ବନ୍ଦ ହେଲା । କିନ୍ତୁ ବାଳକ ଅନୁକୂଳ ସେତେବେଳେ କ୍ଷୁଧାର୍ତ୍ତ, ପ୍ରସାଦ ନପାଇ କ୍ଷୁଧାର୍ତ୍ତ ଅବସ୍ଥାରେ ଅଭିମାନରେ ମନ୍ଦିର ବାରଣ୍ଡାର ଏକ ଗଛଛାଇରେ ଶୋଇ ପଡ଼ିଲେ । ନିଦ୍ରାବସ୍ଥାରେ ବାଳକ ଅନୁକୂଳଚନ୍ଦ୍ର ସ୍ୱପ୍ନ ଦେଖିଲେ - ମା'ଶ୍ୟାମା, ମୁକ୍ତକେଶୀ, ସୀମନ୍ତରେ ସିନ୍ଦୂର, ଲାଲପାହାଡ ଶାଢ଼ୀ ପିନ୍ଧି ଆସିଛନ୍ତି । ଗୋଟିଏ ହାତରେ ଏକ ଗ୍ଲାସପାଣି, ଆଉ ଗୋଟିଏ ହାତରେ ବରଫି ସନ୍ଦେଶ ମିଷ୍ଟି । ଏଇ ରୂପ ବର୍ଣ୍ଣନା କରୁ କରୁ ଯୁଗପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ବହୁବାର କହିଛନ୍ତି - ଦେଖିବାକୁ ଠିକ୍ ମୋ ମା'ପରି । ମା ଆସ୍ତେ ଆସ୍ତେ ଆସି ବାଳକ ଅନୁକୂଳର ମୁଣ୍ଡକୁ ଉଠାଇ ନେଇ କୋଳରେ ରଖି ମୁଖ ପାଖରେ ସନ୍ଦେଶ ଧରି ଆଦରରେ କହିଲେ - ଖା । ବାଳକ ଅନୁକୂଳ ଅଭିମାନ ଭରେ କହିଲେ - ନା, ମୁଁ ଖାଇବି ନାହିଁ । ମୋତେ ସେତେବେଳେ ଭୋକ ଲାଗୁଥିଲା, କିନ୍ତୁ ପ୍ରସାଦ ଦିଆ ହେଲାନାହିଁ କାହିଁକି ? ମୁଁ ବର୍ତ୍ତମାନ ଖାଇବି ନାହିଁ । ସେତେବେଳେ ମା'ସସ୍ନେହେ ହସି ହସି କହିଲେ - ଏତେ ପିଲାମାନଙ୍କ ସାମ୍ନାରେ ମୁଁ କି ତୁମ ପାଖକୁ ଆସିପାରିବି ? ଏହାପରେ ମା'ବସି ପରମ ଆଦରରେ ମୋତେ ସନ୍ଦେଶ ଓ ପାଣି ପିଆଇଲେ । ନିଦରୁ ଭାଙ୍ଗି ବାଳକ ଅନୁକୂଳ ବୋଧ କଲେ ତାଙ୍କ କ୍ଷୁଧା ବା ତୃଷ୍ଣା କିଛି ନାହିଁ । ଦକ୍ଷିଣେଶ୍ୱରରୁ ଚାଲି ଚାଲି କଲିକତା ପହଞ୍ଚିଲେ ମଧ ତାଙ୍କୁ ଭୋକ ବା ଶୋଷ କିଛି ଲାଗି ନଥିଲା । ତେଣୁ ମା' ରହସ୍ୟାବୃତା ଶିଳାମୂର୍ତ୍ତି ନୁହେଁ, ସନ୍ତାନ ପାଖରେ ସେ ଚିରସ୍ନେହମୟୀ ସନ୍ତାନମଙ୍ଗଳ ବିଧାୟିନୀ ଜନନୀ । ତେଣୁ ୧୯୫୬ ମସିହାର ୨ୟ ନଭେମ୍ବର ଦୀପାବଳୀ ଦିନ ପରମପ୍ରେମମୟ ଶ୍ରୀ ଶ୍ରୀ ଠାକୁର ଏକ ଅନବଦ୍ୟ ଛନ୍ଦରେ ପ୍ରଦାନ କଲେ ମହାବାଣୀ - ଆଜି ଦ୍ୱୀପାଳି, ମା'ମୋର ଦୀପାନ୍ୱିତା, ଜୀବନ ଆଲୋକ, ମା'ଙ୍କର ଏକ ହସ୍ତରେ ଅସତ୍ ନିରୋଧୀ ଅସ୍ତ୍ର, ଅନ୍ୟ ହାତରେ ବର ଓ ଅଭୟ, ବାତ୍ସଲ୍ୟର ପରମ ଆଶ୍ରୟ, ତେଣୁ ମା'ଶିବାନୀ, ଶୁଭାନୀ, କଲ୍ୟାଣୀ କାଳୀ, ସଞ୍ଚାର ସାତ୍ୱତ ସମ୍ବେଗ, ଅସ୍ତିତ୍ୱର ଅମୃତ ଉତ୍ସ, ଜୀବନ ଯୋଗ ନର୍ତ୍ତନା, ମୋର ମା' ।



+ସହ-ପ୍ରତିରତ୍ୱିକ,
ହେପାଟୋଲୋଜି ବିଭାଗ,
ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,
ମୋ : ୯୪୩୭୦୫୧୯୫୭

## ଆସ କୁନାକୁନି ମୋ' ଭଉଣୀ ଭାଇ

**ମୀରା ବେଉରା**

ଆସ କୁନାକୁନି
ମୋ' ଭଉଣୀ ଭାଇ
ଜାଳିବା ଆମେ
ସଭିଏଁ ମିଳି ଦୀପାଳି
ବରଷକେ ଥରେ ଆସିଛି ଆଜି
ଆଲୋକର ପରବ ଦୀପାବଳି
କେତେ ରକମର
ମିଠା ଯେ ଆଣିବେ
ମୋ' ବାପା ବଜାର ଯାଇ
ମା' ପୁଣି ଗଢ଼ିବେ
ଆରିସା, କାକରା
କାଜୁ ବରଫି ଆଉ କ୍ଷିରୀ
ହିନ୍ଦୁ, ମୁସଲିମ୍, ଶିଖ୍, ଇସାଇ
ଆମେ ଯେତେ ଭଉଣୀ ଭାଇ
ଏକାଠି ମିଶି ଖାଇବା ଭୋଜି
ସବୁ ଭେଦଭାବ ଯିବା ଭୁଲି
ପରିବେଶକୁ କରିବା
ସରସ ସୁନ୍ଦର
ଦେବାନି ବେଶୀ ବାଣ ଫୁଟାଇ
ଘର ଅଗଣାରେ ଦୀପାଳି ଜାଳି
ରଙ୍ଗବେରଙ୍ଗର ମୁରୁଜରେ
ଦେବା ଘର ସଜାଇ
ଜଗତ ଜନନୀ
ମହାମାୟା ସେଜେ
ଯୋଗମାୟା ମହାକାଳୀ
ଧରାପୃଷ୍ଠେ ଅବତରଣ କରିବେ
ଅଜ୍ଞାନ ଅନ୍ଧାର ଦେବେ ହଟାଇ
ହସିବ ଧରଣୀ ହସିବ ସମାଜ
ସତ୍ୟ ଅହିଂସାର ହେବ ବିଜୟ
ସୁଖ ସମୃଦ୍ଧିର ଅଭିବୃଦ୍ଧି ଘଟି
ମାନବିକତାର ଜୟ
ହେବ ନିଶ୍ଚୟ ।

+ଦେଉଳ ସାହି,
ତୁଳସୀପୁର, କଟକ
ମୋ: ୯୮୫୩୩୫୦୩୮୪

# ଆତ୍ମ ସାକ୍ଷାତକାରର୍ ପ୍ରଜ୍ଜ୍ୱଳିତ ପ୍ରଦୀପର୍ ମହାପାର୍ବଣ : ଦୀପାବଳି



**ଯଶସ୍ୱିନୀ ପଟ୍ଟନାୟକ**



ଦୀପାବଳିକୁ ମହାନିଶା ଏବଂ ଶୁଭରାତ୍ରି ବୋଲି ମାନ୍ୟତା ଦିଆଯାଇଛି । 'ଦୀପାବଳି' ହେଉଛି ଅନ୍ଧକାର ଉପରେ ପ୍ରକାଶ ଏବଂ ଅଜ୍ଞାନ ଉପରେ ଜ୍ଞାନର ବିଜୟ ଉତ୍ସବ । ଏହି ଦିନ ରାତିରେ ଘରେ ଘରେ କେବଳ ସୌନ୍ଦର୍ଯ୍ୟ ପାଇଁ ଆଲୋକମାଳା ସଜଯାଏ ନାହିଁ, ଏହା ଜୀବନର ଗଭୀର ସତ୍ୟକୁ ଅଭିବ୍ୟକ୍ତ ମଧ୍ୟ କରେ । ଯେମିତି ଆଲୋକ ଅନ୍ଧକାରକୁ ଲିଭାଇଦିଏ, ସେମିତି ଜ୍ଞାନର ଆଲୋକ ଅଜ୍ଞାନ ଅନ୍ଧକାରକୁ ମଧ୍ୟ ହଟାଇଦିଏ । ହୃଦୟରେ ଜ୍ଞାନର ପ୍ରକାଶକୁ ପ୍ରଜ୍ଜ୍ୱଳିତ କରିବା ପାଇଁ ଏହି ଦୀପ ପର୍ବ ପାଳନ କରାଯାଏ । ପ୍ରତ୍ୟେକ ଘରେ ଜୀବନ, ପ୍ରତ୍ୟେକ ମୁହଁରେ ହସ ପାଇଁ 'ଦୀପାବଳୀ' ପାଳିତ ହୋଇଥାଏ । 'ଦୀପାବଳି'ର ଶାବ୍ଦିକ ଅର୍ଥ ହେଉଛି 'ପ୍ରକାଶର ପଂକ୍ତି' । ତ୍ରେତୟା ଯୁଗରେ ରାମ, ରାବଣକୁ ବଧ କରି ଯେଉଁ ଦିନ ଅଯୋଧ୍ୟା ଫେରିଥିଲେ ସେହିଦିନ ଥିଲା ଦୀପାବଳି । ତେଣୁ ଅଯୋଧ୍ୟାବାସୀ ଦୀପ ଜାଳି ରାମଙ୍କୁ ସ୍ୱାଗତ କରିଥିଲେ । ସେହିପରି ଦ୍ୱାପର ଯୁଗରେ ଶ୍ରୀକୃଷ୍ଣ ନାରକାସୁରକୁ ବଧ କଲାପରେ ତାହା ପରଦିନ ବ୍ରଜବାସୀ ଦୀପ ଜାଳି ଉତ୍ସବ ପାଳନ କରିଥିଲେ । ସେହିଦିନ ଥିଲା ଦୀପାବଳି । ଅସୁର ବଧ ପାଇଁ ମା'ଦୁର୍ଗା ମହାକାଳୀ ରୂପ ଧାରଣ କରିଥିଲେ । ଅସୁର ବଧ ପରେ ମଧ ତାଙ୍କ କ୍ରୋଧ ପ୍ରଶମିତ ହୋଇନଥିଲା । କ୍ରୋଧକୁ ପ୍ରଶମିତ କରିବା ପାଇଁ ଭଗବାନ ଶିବ ମହାକାଳୀଙ୍କ ଚରଣ ତଳେ ଶୋଇପଡ଼ିଥିଲେ । ଏହି ସ୍ତୁତିରୁ ଶାନ୍ତି ରୂପୀ ଲକ୍ଷ୍ମୀ ପୂଜନ ଆରମ୍ଭ ହେଲା । ଦୀପାବଳି ରାତିରେ ରୁଦ୍ରରୂପୀ କାଳୀଙ୍କ ପୂଜା ବିଧାନ ରହିଛି ।

ଦୀପାବଳି ପର୍ବର ରହିଛି ସୁନ୍ଦର ଅର୍ଥ । ଦୀପ ଅର୍ଥ ଆଲୋକ ଓ ଆବଳି ଅର୍ଥ ଅନବରତ ଆଲୋକ । ଜଗତରୁ ଅନ୍ଧକାର ରୂପକ ଅନ୍ୟାୟ, ଭ୍ରଷ୍ଟାଚାର, ଦୁର୍ନୀତି ଦୂର ହୋଇ ଆଲୋକ ରୂପକ ଶାନ୍ତି ଛାୟା ବିଛେଇ ହୋଇ ରହୁ । ଏହା ହିଁ ଦୀପାବଳି ପର୍ବର ମୁଖ୍ୟ ଲକ୍ଷ୍ୟ । ରାଷ୍ଟ୍ରଭକ୍ତ, ସମାଜସେବୀମାନେ ରାଷ୍ଟ୍ର ତଥା ଦେଶର ଉନ୍ନତି ପାଇଁ ଏବଂ ସମାଜରୁ ଶତ୍ରୁ, ଅସତ୍ୟ, ଅନ୍ୟାୟକୁ ପରାଜିତ କରି ସତ୍ୟର ଆଗମନ ନିମନ୍ତେ ଦୀପ ଜାଳି ଭଗବାନଙ୍କ ନିକଟରେ କାମନା କରିଥାନ୍ତି । ପରିବାରର ଲୋକମାନେ ମଧ୍ୟ ନିଜ ଆତ୍ମୀୟଙ୍କ ଶୁଭ ମନାସୀ ଜାଳିଥାନ୍ତି ଦୀପାଳି । ଏହି ଦିନକୁ ଆତ୍ମା ସାକ୍ଷାତକାର ଦିନ ଭାବେ ମଧ୍ୟ ଗ୍ରହଣ କରାଯାଇଥାଏ । ମଣିଷ ଭିତରେ ଥିବା ସୁପ୍ତ ଚେତନାକୁ ଜାଗ୍ରତ କରିବାର ଏହା ଏକ ଅନୁପମ ପର୍ବ । ଆମର ଆଭାମଣ୍ଡଳକୁ ବିଶୁଦ୍ଧ ଓ ପରିବେଶ ସ୍ୱଚ୍ଛତା ପ୍ରତି ସତର୍କ ହେବା ପାଇଁ ମଧ ସନ୍ଦେଶ ଦେଇଥାଏ ଏହି ପର୍ବ । ପୂର୍ବ ପୁରୁଷଙ୍କ ଆତ୍ମାକୁ ଶାନ୍ତି ଦେବା ପାଇଁ ଏହିଦିନ ପିଣ୍ଡଦାନ କରାଯାଇଥାଏ । ପିଣ୍ଡଦାନ ପରେ ସେମାନେ ପିତୃଲୋକ ଗମନ କରନ୍ତି ବୋଲି ବିଶ୍ୱାସ କରାଯାଏ । ଏଥିପାଇଁ ପିଣ୍ଡଦାନ ପରେ ପିମ୍ଫେଇ ଡକାଯାଏ । କାଉଁଡିଆ କାଠି, ବେରୁଆ ଓ ଘିଅରେ ପ୍ରସ୍ତୁତି ହୋଇଥାଏ ପିମ୍ଫେଇ କାଠି । ଏଥିରେ ଅଗ୍ନି ସଂଯୋଗ କରାଯାଇ ବଡ଼ ବଡୁଆଙ୍କୁ ଆହ୍ୱାନ କରାଯାଇଥାଏ । ସେମାନେ ଆଲୋକରେ ଦିବ୍ୟଲୋକ ଗମନ କରନ୍ତୁ ବୋଲି ଲୋକମାନେ ପିମ୍ଫେଇ ଡାକି କାମନା କରିଥାନ୍ତି । ପିମ୍ଫେଇଁ ଡାକରେ ମଧ ରହିଛି ଏକ ସୁନ୍ଦର ବନ୍ଦନା । ବନ୍ଦନାଟି ଏହିପରି - 'ବଡ଼ବଡୁଆ ହୋ ଅନ୍ଧାରରେ ଆସ, ଆଲୁଅରେ ଯାଅ । ଗଙ୍ଗା ଯାଅ, ଗୟା ଯାଅ, ବାଇଁଶି ପାହାଚରେ ଗଡ଼ଗଡ଼ଉଥାଅ' ।

ପୌରାଣିକ କଥା କାହାଣୀ ଅନୁଯାୟୀ ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମଚନ୍ଦ୍ର ଚଉଦ ବର୍ଷର ବନବାସ ପରେ ନିଜ ଅଯୋଧ୍ୟା ଜନ୍ମମାଟିକୁ ପ୍ରତ୍ୟାବର୍ତ୍ତନ କରିବା ସମୟରେ ସମଗ୍ର ଅଯୋଧ୍ୟାବାସୀ ଶୁଭ ପ୍ରଦୀପ ପ୍ରଜ୍ଜ୍ୱଳନ ପୂର୍ବକ ଆଲୋକମାଳାରେ ଏହି ଦିନଟିକୁ ସ୍ମରଣୀୟ କରିଥିଲେ । ପରବର୍ତ୍ତୀ ସମୟରେ ସମଗ୍ର ଭାରତ ବର୍ଷରେ ଆନନ୍ଦ, ଉଲ୍ଲାସ, ଭାଇଚାରାର ମହାପାର୍ବଣ ରୂପରେ ଏହି ଦିବସଟିକୁ ପାଳନ କରାଯାଉଛି । ଆମ ପ୍ରାଚୀନତମ ସଂସ୍କୃତି ସବୁବେଳେ ଜ୍ଞାନ, ସେବା ଓ କର୍ମମୟ ଆଦର୍ଶଣୀୟ ଜୀବନର ପ୍ରଦୀପକୁ ଆମ ମାନଙ୍କ ହୃଦୟ ଭିତରେ ଚେତନାସିକ୍ତ କରି ଅହରହ ପ୍ରଦୀପକୁ ପ୍ରଜ୍ୱଳିତ କରୁଥାଏ । ତେବେ ପରବର୍ତ୍ତୀ ସମୟରେ ଏହି ଦୀପାବଳିର ଆକାର ପ୍ରକାର ଓ ବ୍ୟାପକତା ବୃଦ୍ଧି ପାଇଲା, ଶେଷରେ ଏହା ପ୍ରଦୂଷଣର ଏକ ପ୍ରମୁଖ କାରଣ ପାଲଟିଲା । ନିକଟରେ ମାନ୍ୟବର ସୁପ୍ରିମକୋର୍ଟ ସମଗ୍ର ଭାରତରେ ସବୁଜ ବାଣ ପାଇଁ ଅନୁମତି ପ୍ରଦାନ କରି ପ୍ରଦୂଷଣଯୁକ୍ତ ବାଣର ବ୍ୟବହାରକୁ ବନ୍ଦ କରିଛନ୍ତି । ଆଲୋକର ପର୍ବ ଦୀପାବଳିରେ ବାଣ ଫୁଟିଲେ ଦିଲ୍ଲୀରେ ପ୍ରଦୂଷଣ ବୃଦ୍ଧି ପାଉଛି । ଗତବର୍ଷ ଦୀପାବଳି ପରେ ଦିଲ୍ଲୀ ସହରରେ ପ୍ରଦୂଷଣର ମାତ୍ରା ଏତେ ବଢ଼ିଗଲା ଯେ ଏକ ପ୍ରକାର ବିଷାକ୍ତ ବଳୟ ସୃଷ୍ଟି ହେଲା । ଏହି ଆଲୋକର ପାର୍ବଣରେ ବାଣ ଯେଉଁପରି ରୋଗ ଓ ପ୍ରଦୂଷଣକୁ ବଢ଼ାଇଥାଏ ତାହା ଆମ ମାନଙ୍କ ପାଇଁ ଯେ କେତେ ବିପଦଜନକ ତାହା ପରବର୍ତ୍ତୀ ସମୟରେ ଜାଣିଥାଉ । ତେଣୁ ପ୍ରଦୂଷଣଯୁକ୍ତ ବାଣ ଠାରୁ ଦୂରେଇ ବରଂ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଦୀପାବଳି ଦିନ କିଛି ଅସହାୟ ଓ ଅନାଥ ବ୍ୟକ୍ତି ତଥା ପିଲାମାନଙ୍କୁ ଯଥାସମ୍ଭବ ସାହାଯ୍ୟ ସହଯୋଗର ହାତବଢ଼ାଇବା ଆନ୍ତରିକ ଦୀପାବଳିର ତାତ୍ପର୍ଯ୍ୟର ଗୁରୁତ୍ୱ ବୃଦ୍ଧି କରିବ ।

ଜୀବନର ଅନେକ ସ୍ତର ରହିଛି । ତେଣୁ ସବୁ ସ୍ତରକୁ ଆଲୋକିତ କରିବା ଉଚିତ । ଜୀବନର ସବୁ ସ୍ତରରେ ଜ୍ଞାନ ପ୍ରକାଶର ଆବଶ୍ୟକତା ରହିଛି । ପ୍ରଜ୍ଜ୍ୱଳିତ ଦୀପ ହେଉଛି ସଦ୍‌ଗୁଣର ପ୍ରତୀକ । ପ୍ରତ୍ୟେକ ମଣିଷର ସଦ୍‌ଗୁଣ ରହିଛି । କେତେକଙ୍କ ମଧ୍ୟରେ ଧୈର୍ଯ୍ୟ ଅଛି, କେତେକଙ୍କ ମଧ୍ୟରେ ପ୍ରେମ, ଆଉ କେତେକଙ୍କ ମଧ୍ୟରେ ଅଛି ସଂଗଠନ କ୍ଷମତା । ଏସବୁ ହେଉଛି 'ଦୀପ' ସଦୃଶ । ଯେତେବେଳେ ବି ସେହି 'ଦୀପ'ପ୍ରଜ୍ୱଳିତ ହୋଇଯାଏ, ଜାଗୃତ ହୋଇଯାଏ, ସେତେବେଳେ ହିଁ ହୋଇଥାଏ ଦୀପାବଳି । ଦୀପ ପ୍ରଜ୍ୱଳନକୁ ନେଇ ବିଭିନ୍ନ ସ୍ଥାନରେ ବହୁ ପର୍ବ ପାଳନ କରାଯାଇଥାଏ । ଆଜିର ଏହି ପବିତ୍ର ଦିବସରେ ଆସନ୍ତୁ ସେହି ମହାନ୍ ଜ୍ୟୋତିକୁ ସ୍ୱାଗତ କରିବା ଓ ବିଶ୍ୱରୁ ଅଜ୍ଞାନର ଅମାଅନ୍ଧକାର ଦୂରେଇ ଦେବା ପାଇଁ ପ୍ରାର୍ଥନା କରି କାହାକୁ କ୍ଷତି ପହଞ୍ଚାଇବା ଠାରୁ ଦୂରେଇ ରହି ଦୀପାବଳି ଉତ୍ସବ ପାଳନ କରିବାକୁ ଶପଥ ନେବା । ଦୀପାବଳିର ପବିତ୍ର ସନ୍ଧ୍ୟାରେ ପ୍ରଜ୍ଜ୍ୱଳିତ ପ୍ରଦୀପକୁ ସ୍ୱାଗତ କରି କହିବା - 'ସର୍ବେ ଭବନ୍ତୁ ସୁଖିନ, ସର୍ବେସନ୍ତୁ ନିରାମୟା...' ।

+ ଅଧ୍ୟକ୍ଷା, ନାଳନ୍ଦା ପବ୍ଲିକ ସ୍କୁଲ,
ସେକ୍ଟର-୮, ସିଡିଏ, କଟକ

## ହରଷେ ଦୀପାବଳି

**ମହେନ୍ଦ୍ର କୁମାର ଘଡ଼େଇ**

ଚଉଦ ବର୍ଷ ବନ ଗମନ
ଶ୍ରୀରାମ ପ୍ରଭୁ ସାରି
ଫେରି ଆସିବା ପରେ ଅଯୋଧ୍ୟା
ନାଚେ ଉଛବ କରି ।
ଉଜାଗରରେ ଜଳାଉଥିଲେ
ହାତେ ସିନିହବତୀ
ସେ କଥା ମନେରଖି ଏ ଧରା
ପାଳନେ ଲାଗିଛନ୍ତି ।
ଖୁସି ଦେଖିବା ପାଇଁ ଅନ୍ଧାରେ
ଆସନ୍ତି ପିତୃଲୋକ
ଫେରିବା ପଥେ ଆଲୋକ ଜାଳି
ବଡ଼ ବଡୁଆ ଡାକ ।
ଫସଲ ରୋଗ ପୋକ ଦାଉରୁ
ରଖିବା ଆଶା ନେଇ
କାଉଁରିଆର ବତୀ ଜଳାଇ
ବିଭୁ ସୁମରୁ ଥାଇ ।
ପରିବେଶକୁ ସଫା ସୁତୁରା
କରଇ ମନ ଦେଇ
ଅକାଳ ନାଶି ସୁଫଳଟିଏ
ପାଇବା ଚାହିଁଥାଇ ।
ପବିତ୍ର ନଦ ନଦୀ ସାଗର
କୂଳରେ ହାତ ଟେକି
ଶୁଦ୍ଧ ମନରେ ଘର ଆଗରେ
କୁଟୁମ୍ବେ ଥାଏ ଡାକି ।
ଆସୁଛି ଆସୁଥିବ ଆଗକୁ
ହରଷେ ଦୀପାବଳି
ପଣରେ ଦୁଃଖ ତଡ଼ିବା ପାଇଁ
ପାଳିବା ଶ୍ରଦ୍ଧା ତୋଳି ।
ଶବଦ ବାୟୁ ପ୍ରଦୁଷଣକୁ
ବରଜି ଦେଲେ ସୁଖ
ଆଲୋକର ଏ ପରବ କାହା
ପାଇଁ ନଆଣୁ ଦୁଃଖ ।

+କ୍ଷେତ୍ରମୋହନ ବିଦ୍ୟାପୀଠ,
କଟରପଡ଼ା, ପିଠାପଡ଼ା,
ନିଶ୍ଚିନ୍ତକୋଇଲି, କଟକ,
ମୋ: ୯୪୩୭୭୪୦୫୬୬

ଧ୍ୱନି ପ୍ରତିଧ୍ୱନି

# ତମସୋ ମା ଜ୍ୟୋତିର୍ଗମୟ...

## ଦୀପାବଳି ଆଗମନେ

### ପ୍ରଦୋଷ କୁମାର ଦାସ

ତମେ ଆସିବ ବୋଲି
କାଲେଣ୍ଡର ନିତି ହୁଏ ହିଲ୍ଲୋଳିତ।
ଏ ଭିତରେ ବିତିଛି ଦିନ ଆଉ ମାସ
ବଦଳିଛି ପୃଷ୍ଠା, ପ୍ରସ୍ତ ପରେ ପ୍ରସ୍ତ ।
ଶୁଭ ଲଗନରେ
ହୃଦୟ ମୋ ଉତ୍ସବ ମୁଖର,
ମନ ମୋ' ଉଚ୍ଛାଟିତ ।
ଭ୍ରୂ ମୋ ବିହ୍ୱଳିତ
ତରେ କେମିତି କରିବି
ତୁମକୁ ମୁଁ ସ୍ୱାଗତ !?
ବାଣର ଆଟୋପରେ କରିବାକୁ ଚାହେଁନି
ଆକାଶ ପ୍ରକମ୍ପିତ।
ବାରୁଦର ଗହଗହ ଗନ୍ଧରେ
ନହେଉ ତୁମ ନିଃଶ୍ୱାସ ସନ୍ତପ୍ତ।
ଯୁଦ୍ଧର ଘନଘଟା ଧୂଳି ଧୂଆଁ
ଚାରିପାଖେ ଘେରିଛି ବିଷର ବଳୟ।
ଆକ୍ତାମାକ୍ତା ଏ ଧରଣୀ ବୁକୁରେ
ଆଉ ନହେଉ ବିଦାରଣ।
ଧୀର ସମୀରଣେ, ପ୍ରଶାନ୍ତ ପରଶେ
ତଲ୍ଲୀନ ହେବାକୁ ଇଚ୍ଛା ,
ତପରତା ଦୀପାଳିଙ୍କ ମେଳେ
ତମ ସହ କରି ତପ !
ଛାଇ ଅନ୍ଧାରରେ ଜାଜ୍ୱଲ୍ୟ
ତୁମ ସହ ହେଉ ଏ ଜୀବନ ଏକାକାର।
ଉପରେ ସାକ୍ଷୀ,
ଦୂରଦିଗନ୍ତ ବିସ୍ତାରିତ
ଦୂର ଆକାଶର ଛାତ।
ଅମା ଅନ୍ଧକାରେ ତୁମ ଉପସ୍ଥିତି
ସାଜଛି ପରମ ସହକାର।
ଅପାସୋରା ହେଉ ଆମ ଦୀପାବଳୀ ଉପଚାର
ପାଳି ଆଡମ୍ବର ଶନ୍ୟ ।
ଅମୃତ ସମାନ ସୁଲୁ ସୁଲୁ ବାଆ
ଭରୁ ଆମ ହିଆ,
ସୁରକ୍ଷିତ ହେଉ ସବୁରି ପରାଣ ।

+ ନାଚୁଣୀ, ଖୋର୍ଦ୍ଧା-୭୫୨୦୩୪
ମୋ: ୬୩୭୦୪୯୫୯୪୪

## ଶ୍ୟାମାକାଳୀ ପୂଜା ଓ ନରକ ଚତୁର୍ଦ୍ଦଶୀ

### ଅଜୟ କୁମାର ବେହେରା

କାର୍ତ୍ତିକ ଅମାବାସ୍ୟାରେ କାଳୀ ପୂଜା ବା ଶ୍ୟାମାକାଳୀ ପୂଜା ବା ମହାନିଶା ପୂଜା ଅନୁଷ୍ଠିତ ହୁଏ। ଯିଏ ମହାକାଳୀ, ସେ ହିଁ ନିତ୍ୟକାଳୀ, ଶ୍ମଶାନକାଳୀ, ରକ୍ଷାକାଳୀ ଓ ଶ୍ୟାମାକାଳୀ। ଶ୍ୟାମାକାଳୀ, ମହାକାଳୀଙ୍କର ଅପେକ୍ଷାକୃତ କମ୍ ଉଗ୍ର ରୂପ ହୋଇଥିବାରୁ, ଘରେ ଘରେ ପୂଜିତା। ଉତ୍ତର ଭାରତରେ ଏହି ଦିନରେ ମହାଲକ୍ଷ୍ମୀ ପୂଜା ହେଉଥିବା ବେଳେ ପଶ୍ଚିମ ବଙ୍ଗ, ଓଡ଼ିଶା ଓ ଆସାମରେ କାଳୀ ପୂଜା ଅନୁଷ୍ଠିତ ହୁଏ। ସାର୍ବଜନୀନ କାଳୀ ପୂଜାର ଆରମ୍ଭ ବଙ୍ଗ ପ୍ରଦେଶରୁ। ଅଷ୍ଟାଦଶ ଶତାବ୍ଦୀରେ ନବଦ୍ୱୀପର ରାଜା କୃଷ୍ଣଚନ୍ଦ୍ର ଏହା ଆରମ୍ଭ କରିଥିଲେ। ଉନ୍ନବିଂଶ ଶତାବ୍ଦୀରେ ତାଙ୍କ ନାତି ଈଶ୍ୱରଚନ୍ଦ୍ର ଏହାକୁ ଏକ ଲୋକପ୍ରିୟ ଉତ୍ସବରେ ପରିଣତ କରାଇଥିଲେ। ସପ୍ତଦଶ ଶତାବ୍ଦୀରେ ବଳରାମ ରଚିତ କାଳିକା ମଙ୍ଗଳକାବ୍ୟରେ କାଳୀ ପୂଜାର ଉଲ୍ଲେଖ ମିଳେ। ଏହି ଦିନରେ କାଳୀ ମାତାଙ୍କ ଗଳାରେ ରକ୍ତଜବା ମାଳ ପିନ୍ଧାଇବା ସହ ମାଛ-ମାଂସ ଭୋଗ ହୁଏ। ପୁଣି ଏହି ଦିନରେ କଲକାତାର କାଳୀଘାଟ ମନ୍ଦିର ଓ ଗୁଆହାଟୀର କାମାକ୍ଷା ମନ୍ଦିରରେ କାଳୀ ମାତାଙ୍କୁ ଲକ୍ଷ୍ମୀ ଭାବେ ପୂଜା କରାଯାଏ।

ନରକ ଚତୁର୍ଦ୍ଦଶୀରେ ଯମରାଜଙ୍କୁ ପୂଜା କରାଯାଇଥାଏ । ବଳିଙ୍କ ଭକ୍ତିରେ ପ୍ରସନ୍ନ ହୋଇ ବାମନ ଭଗବାନ ତାଙ୍କୁ ତିନୋଟି ବର ମାଗିବାକୁ କହିଥିଲେ । କାର୍ତ୍ତିକ କୃଷ୍ଣପକ୍ଷ ତ୍ରୟୋଦଶୀ ଦିନ ଠାରୁ ଅମାବାସ୍ୟା ପର୍ଯ୍ୟନ୍ତ ନରକ ଚତୁର୍ଦ୍ଦଶୀରେ ଦୀପଦାନ କରୁଥିବା ବ୍ୟକ୍ତିଙ୍କୁ ଯମଯାତନା ମିଳିବ ନାହିଁ, ଲକ୍ଷ୍ମୀ ଛାଡ଼ି ଯିବେନାହିଁ ଏବଂ ସର୍ବଦା ତାଙ୍କ ଉପରେ ଭଗବାନ ବିଷ୍ଣୁଙ୍କ କୃପା ରହିବ । ବାମନ ଭଗବାନଙ୍କ ଆଶୀର୍ବାଦ କ୍ରମେ ଏହି ଦିନ ନରକ ଚତୁର୍ଦ୍ଦଶୀ ନାମରେ ଖ୍ୟାତ ହେଲା । ଏହି ପବିତ୍ର ତିଥିରେ ଯମରାଜ ଏବଂ ଲକ୍ଷ୍ମୀଙ୍କୁ ପ୍ରସନ୍ନ କରିବା ପାଇଁ ଦୀପ ଜଳାଯାଇଥାଏ । ଏହି ଦିନ ଯମରାଜଙ୍କ ପୂଜା କରୁଥିବା ବ୍ୟକ୍ତି ନରକ ଯାତନା ଭୋଗେ ନାହିଁ ବୋଲି ପୁରାଣରେ ବର୍ଣ୍ଣିତ ରହିଛି । ଆଉ ଏକ ଆଖ୍ୟାନ ଅନୁଯାୟୀ ନରକ ଚତୁର୍ଦ୍ଦଶୀ ଦିନ ଭଗବାନ କୃଷ୍ଣ ନରକାସୁରର ବଧ କରିଥିଲେ ଏବଂ ତା'କବଳରୁ ୧୬ ହଜାର ୧୦୦ କନ୍ୟାଙ୍କୁ ମୁକୁଳାଇଥିଲେ । ନରକ ଚତୁର୍ଦ୍ଦଶୀ ଦିନକୁ ମହାରାଷ୍ଟ୍ର, ରାଜସ୍ଥାନ ଏବଂ ଗୁଜୁରାଟରେ କାଳୀ ଚୌଦସ୍ ନାମରେ ପାଳନ କରାଯାଏ । ଗୋଆରେ ଏହି ଦିନ ନର୍କାସୁରର ପ୍ରତିମା ନିର୍ମାଣ କରାଯାଇ ଜଳାଯାଇଥାଏ । ବଙ୍ଗରେ ଏହି ପର୍ବ କାଳୀ ଚୌଦସ ବା ଦେବୀ କାଳୀଙ୍କ ଜନ୍ମ ଦିବସ ରୂପରେ ପାଳନ କରାଯାଇଥାଏ । ନରକ ଚତୁର୍ଦ୍ଦଶୀରେ ମୃତ୍ୟୁର ଦେବତା ଯମରାଜା, ମା'କାଳୀ, ଭଗବାନ ହନୁମାନ, ଦେବୀ ଲକ୍ଷ୍ମୀ, ଭଗବାନ ବିଷ୍ଣୁଙ୍କ ପୂଜା କରାଯାଏ । ଏହି ପର୍ବ ଦିନ ସନ୍ଧ୍ୟାରେ ଦକ୍ଷିଣ ଦିଗକୁ ତିଳ ବା ରାଶି ତେଲରେ ଦୀପ ଜାଳିଲେ ଅକାଳ ମୃତ୍ୟୁ ଯୋଗ କଟିଥାଏ । ଏହି ଦିନ ଭଗବାନ କୃଷ୍ଣଙ୍କ ପୂଜା କରିବାର ମଧ୍ୟ ବିଧି ରହିଛି ।

+ ବରେଣ୍ୟ ବାଣୀ' ପିସି ସରକାର ଲେନ୍,
ଅରୁଣୋଦୟ ମାର୍କେଟ, କଟକ,
ମୋ : ୯୪୩୭୦୩୧୨୫୩

## ଓଁ ଜୟନ୍ତୀ ମଙ୍ଗଳାକାଳୀ ଭଦ୍ରକାଳୀ କପାଳିନୀ...



### ଶରତ କୁମାର ସାହୁ

''ଓଁ ଜୟନ୍ତୀ ମଙ୍ଗଳାକାଳୀ ଭଦ୍ରକାଳୀ କପାଳିନୀ, ଦୁର୍ଗା କ୍ଷମା ଶିବା ଧାତ୍ରୀ ସ୍ୱାହା ସ୍ୱାହା ନମସ୍ତୁତେ ।'' ସର୍ବ ମଙ୍ଗଳମୟୀ ମହାମାୟା କାଳୀଙ୍କର ପୂଜା ଦେଶରେ ସର୍ବତ୍ର ପାଳିତ ହେଉଛି । ଦେବୀଙ୍କର ମୃଣ୍ମୟ ଜ୍ୱଳନ୍ତ ପ୍ରତିମୂର୍ତ୍ତି ଭୟ ବିହ୍ୱଳିତ କରିବା ସଙ୍ଗେ ସଙ୍ଗେ ଭକ୍ତିର ଭାବ ଜାଗ୍ରତ କରାଇଥାଏ । ସର୍ବଶକ୍ତିମୟୀ ବିଶ୍ୱଜନନୀଙ୍କର ଏପରି ଉଗ୍ରମୂର୍ତ୍ତି ଦେଖିଲେ ମନରେ ନାନା ପ୍ରଶ୍ନ ଉଠେ । ଦେବୀଙ୍କର ଏପରି ରୂପ ହେଲା କାହିଁକି ? ପୁରାଣରୁ ଜଣାପଡ଼େ ଯେ ମହିଷାସୁର ଓ ଅନ୍ୟାନ୍ୟ ଅସୁରମାନଙ୍କ ସହିତ ଯୁଦ୍ଧ କରି ଦେବୀ ବଡ଼ ମ୍ରିୟମାଣ ହୋଇପଡ଼ିଥିଲେ । ସର୍ବଶେଷରେ ଅସୁର ରକ୍ତରେ ବସୁନ୍ଧରାକୁ ପ୍ଲାବିତ କରି ଦେବୀଙ୍କ ମନରେ କ୍ରୋଧ ଜାତ ହୋଇ ବିଶ୍ୱ ସୃଷ୍ଟିର ଧ୍ୱଂସାର୍ଥେ ଉଗ୍ରରୂପ ଧରି ଅଗ୍ରସର ହୁଅନ୍ତେ ଦେବତାମାନଙ୍କ ମଧ୍ୟରେ ଭାଳେଣି ପଡ଼ିଲା । ସମସ୍ତେ ସିଦ୍ଧାନ୍ତରେ ଉପନୀତ ହେଲେ ଯେ ଶିବଙ୍କ ଛଡ଼ା ଅନ୍ୟ କେହି ଦେବୀଙ୍କୁ ଶାନ୍ତ କରି ପାରିବେ ନାହିଁ । ଦେବତାମାନଙ୍କ ଅନୁରୋଧରେ ଶିବ ଅଗ୍ରସର ହୋଇ ଦେବୀଙ୍କ ଅଜାଣତରେ ଶୋଇ ରହିଲେ । ଅକସ୍ମାତ ଦେବୀଙ୍କର ପାଦ ଶିବଙ୍କ ବକ୍ଷ ଦେଶରେ ପଡ଼ନ୍ତେ, ନିଜର ଭୁଲପାଇଁ ଅର୍ଦ୍ଧଜିହ୍ୱ ପ୍ରସାରଣ କରି ତଟସ୍ଥ ହୋଇରହିଲେ ଦେବୀ । ପୁରାଣ ବର୍ଣ୍ଣିତ ଏପରି ଉପାଖ୍ୟାନକୁ ଶିଳ୍ପୀମାନେ ପ୍ରତିମୂର୍ତ୍ତି ଗଠନରେ ଫୁଟାଇ ପାରିଛନ୍ତି । ଆଉ ମଧ ସ୍ଥାନେ ସ୍ଥାନେ ଶିଳ୍ପୀବୃନ୍ଦ ଦେବୀଙ୍କର ଭୟଙ୍କର କଙ୍କାଳମୟ ଶରୀର, ଶିରମାଳା ବିଭୂଷଣ, ରକ୍ତପାତ୍ର ଧାରଣ, ଶ୍ମଶାନର ଦୃଶ୍ୟ ପ୍ରଭୃତି ଚମତ୍କାର ଭାବରେ ପ୍ରଦର୍ଶିତ କରିପାରିଛନ୍ତି । ଦେବୀଙ୍କର ଏପରି ରୂପକୁ ଚାମୁଣ୍ଡା ଆଖ୍ୟା ଦିଆଯାଇଛି।



ଚଣ୍ଡୀପୁରାଣରେ ବର୍ଣ୍ଣିତ ଅଛି ଯେ ମହିଷାସୁରର ସେନାପତି ରକ୍ତବୀଜ ସହିତ ଦୁର୍ଗାଙ୍କର ଯୁଦ୍ଧ ବେଳେ ଯୁଦ୍ଧକ୍ଷେତ୍ରରେ ଭୂମିରେ ରକ୍ତପାତ ମାତ୍ରକେ ସହସ୍ରାଧିକ ଅସୁର ସୈନ୍ୟଙ୍କ ଜନ୍ମ ଫଳରେ, ଦୁର୍ଗା କ୍ରୋଧାନ୍ୱିତା ହୋଇ କପାଳରୁ ଅନ୍ୟ ଏକ ଦେବୀ ଜାତ କଲେ ଯେ କି ରକ୍ତପାତ୍ର ଧରି ରକ୍ତବୀଜର ପତିତ ରକ୍ତ ଶୋଷଣ କରିବାକୁ ଲାଗିଲେ । ଦେବୀଙ୍କର ଏପରି ଉଗ୍ର ରୂପକୁ ଚାମୁଣ୍ଡା ବୋଲି କୁହାଯାଏ । ସପ୍ତଶତୀ ଚଣ୍ଡୀରେ ଦେବୀଙ୍କର ସ୍ତୋତ୍ରରେ ଉଲ୍ଲେଖ ଅଛି - ''ଦ୍ରଂଷ୍ଟା କରାଳ ବଦନେ ଶିରୋମାଳା ବିଭୁଷଣେ, ଚାମୁଣ୍ଡେ ମୁଣ୍ଡ ମଥନେ ନାରାୟଣୀ ନମସ୍ତୁତେ ।'' କାଳୀଙ୍କର ଏପରି ବିଭିନ୍ନ ରୂପାନ୍ତରିତ ପ୍ରତିମୂର୍ତ୍ତି ସମୂହର କେବେ ଉପାସନା ସେ ବିଷୟରେ ଯଥେଷ୍ଟ ପ୍ରତ୍ନତାତ୍ତ୍ୱିକ ପ୍ରମାଣ ଅଭାବ ଥିଲେ ମଧ, କଳାହାଣ୍ଡି ଜିଲ୍ଲାର ତେରସିଙ୍ଗ ଗ୍ରାମରୁ ମିଳିଥିବା ତମ୍ବାପଟାରୁ ଜଣାପଡ଼େ ଯେ ତୁଷ୍ଟକର ନାମକ ଜଣେ ରାଜା ଭଗବତୀ ସ୍ତମ୍ଭେଶ୍ୱରୀଙ୍କୁ ଇଷ୍ଟଦେବୀ ରୂପେ ଆରାଧନା କରୁଥିଲେ । ତମ୍ବାପଟାର ଅକ୍ଷର ଗୁଡ଼ିକ ପ୍ରାୟ ଖ୍ରୀଷ୍ଟୀୟ ଷଷ୍ଠ ଶତାବ୍ଦୀର ଅନ୍ତର୍ଗତ । ତୁଷ୍ଟକର ସମ୍ଭବତଃ ସମୁଦ୍ରଗୁପ୍ତଙ୍କର ଏହ୍ଲାବାଦ ପ୍ରଶସ୍ତିରେ ଉଲ୍ଲେଖ ଥିବା ଓଡ଼ିଶାରେ ରାଜତ୍ୱ କରୁଥିବା ବ୍ୟାଘ୍ରରାଜଙ୍କ ପରିବାର ମଧ୍ୟରୁ ଜଣେ ହୋଇପାରନ୍ତି । ଦେବୀ ସ୍ତମ୍ଭେଶ୍ୱରୀ ବର୍ଣ୍ଣନା ପରବର୍ତ୍ତୀ ଯୁଗରେ ଭଞ୍ଜ, ଶୁଲ୍‌କି ଓ ତୁଙ୍ଗମାନଙ୍କର ଓଡ଼ିଶାରୁ ମିଳିଥିବା ତମ୍ବାପଟା ମାନଙ୍କରେ ଦେଖିବାକୁ ମିଳେ । ଢ଼େଙ୍କାନାଳ ଜିଲ୍ଲାର ବାଲିସାହି ଗ୍ରାମ ନିକଟରେ ଲୋକ ଅଗୋଚରରେ ରହିଥିବା ଚାମୁଣ୍ଡା ବିଗ୍ରହ ଦୋଦାଳକ ମଣ୍ଡଳରେ ଶାସନ କରୁଥିବା ଶୁଳାକିମାନଙ୍କର ଇଷ୍ଟଦେବୀ ସ୍ତମ୍ଭେଶ୍ୱରୀ । ଭଞ୍ଜମାନଙ୍କର ତମ୍ବାପଟାରେ ଯେଉଁ ସ୍ତମ୍ଭେଶ୍ୱରୀଙ୍କ ବିଷୟ ବର୍ଣ୍ଣନା ଅଛି, ଉକ୍ତ ଦେବୀ ବୋଧହୁଏ ଭଞ୍ଜମାନଙ୍କ ଦ୍ୱାରା ନିର୍ମିତ ଖିଚିଙ୍ଗଠାରେ ପୂଜା ପାଉଥିବା ଚାମୁଣ୍ଡା ମୂର୍ତ୍ତି । ଶକ୍ତି ଉପାସନାର ପ୍ରଧାନ ପୀଠ ଯାଜପୁରଠାରେ ଅନେକଗୁଡ଼ିଏ ଚାମୁଣ୍ଡା ମୂର୍ତ୍ତି ବିକ୍ଷିପ୍ତଭାବରେ ପଡ଼ି ରହିଛି । ସେଥିରୁ ତ୍ରିଲୋଚନ ମନ୍ଦିରରେ ଥିବା ଅପୂଜା ଚାମୁଣ୍ଡା ମୂର୍ତ୍ତିଟି, ଓଡ଼ିଶାରେ ଶକ୍ତି ପୂଜାର ପ୍ରଚଳନ ବିଷୟରେ ସମ୍ୟକ ତଥ୍ୟ ଦର୍ଶାଏ । ମୂର୍ତ୍ତିର ନିମ୍ନଭାଗରେ ଗୋଟିଏ ଧାଡ଼ି ପ୍ରାଚୀନ ନାଗରୀ ଅକ୍ଷରରେ ''ରାଣୀ ବସ୍ତାଦେବୀଙ୍କର କୀର୍ତ୍ତି'' ବୋଲି ଉଲ୍ଲେଖ ଅଛି । ସମ୍ଭବତଃ ବସ୍ତାଦେବୀ ଭୌମବଂଶୀୟ ଜନୈକ ରାଜାଙ୍କର ରାଣୀଥିଲେ । ଉକ୍ତ ଅକ୍ଷରଗୁଡ଼ିକ ପ୍ରାୟ ଖ୍ରୀଷ୍ଟୀୟ ଅଷ୍ଟମ ଶତାବ୍ଦୀର ଅନ୍ତର୍ଗତ । ଶକ୍ତି ଉପାସନା ପ୍ରାୟ ଖ୍ରୀଷ୍ଟାବ୍ଦ ଷଷ୍ଠ ଶତାବ୍ଦୀରୁ ଓଡ଼ିଶାରେ ଆରମ୍ଭ ହୋଇଥିଲେ ମଧ ତାନ୍ତ୍ରିକ ଭିତ୍ତିରେ ବିପୁଳ ପ୍ରସାର ଭୌମଯୁଗରେ ତାନ୍ତ୍ରିକ ପୂଜା ଏପରି ଆକାର ଧାରଣା କଲା ଯେ ଲୋକମାନେ ଧର୍ମ ନିର୍ବିଶେଷରେ ବିଭିନ୍ନ ଦେବ ଦେବୀଙ୍କୁ ତାନ୍ତ୍ରିକ ମତରେ ପୂଜା କରିବାକୁ ଲାଗିଲେ । ନର ମାଂସ ଭକ୍ଷଣ, ଶ୍ମଶାନରେ ପୂଜା କରିବା, ନିଜର ଶରୀରକୁ ପୂଜା ଭସ୍ମରେ ଭୂଷିତ କରିବା, ଦେବୀଙ୍କୁ ସନ୍ତୁଷ୍ଟ କରିବା, ନରବଳି ଦେବା ଏବଂ ଉଲଗ୍ନ ସ୍ତ୍ରୀକୁ ପୂଜା କ୍ଷେତ୍ରରେ ଉପସ୍ଥିତ କରି ତାନ୍ତ୍ରିକ ଯୋଗସାଧନା କରିବା ପ୍ରଭୃତି କାପାଳିକ ପୂଜା ପଦ୍ଧତିକୁ ଶ୍ରେୟସ୍କର ମନେକଲେ । ପରବର୍ତ୍ତୀ ସୋମବଂଶୀୟ ରାଜତ୍ୱରେ ମଧ ତାନ୍ତ୍ରିକ ପୂଜା ତିଷ୍ଠି ଥିଲା । ଗଙ୍ଗବଂଶୀୟ ରାଜାମାନଙ୍କର ତମ୍ବାପଟାରେ ଦେବୀ କାଳୀଙ୍କ ବିଷୟ ଉଲ୍ଲେଖ ଅଛି । ଅନନ୍ତ ବର୍ମନଙ୍କର ପଦଳି ଅଭିଲେଖରେ ''କଞ୍ଚୁପୋଡ଼ି ଭଟ୍ଟାରିକାୟା'' ବୋଲି ଉଲ୍ଲେଖ ଅଛି । ବୋଧହୁଏ କଞ୍ଚୁପୋଡ଼ି ଭଟ୍ଟାରିକା କାଳୀଙ୍କୁ ବୁଝାଏ । ଏତଦ୍ ବ୍ୟତୀତ ଲୋକ ମହାଦେବୀଙ୍କର ପଦଳି ଅନୁଶାସନରେ ''କଞ୍ଚୁପୋଡ଼ି ଭଟ୍ଟାରିକାୟା ବଳି ନୈବିଦ୍ୟ ଚରୁ ନିମିତ୍ତାୟ...'' ସୁତରାଂ ଆଜି ଯେଉଁ କାଳୀପୂଜା ତାନ୍ତ୍ରିକ ଭିତ୍ତିରେ ପାଳିତ ହେଉଛି, ତାହା ଦେଶରେ ପ୍ରାୟ ଖ୍ରୀଷ୍ଟୀୟ ଅଷ୍ଟମ ଶତାବ୍ଦୀରୁ ପ୍ରଚଳିତ ଥିଲା ।

+ଉପକରଣ ହାଉସ,
ଚଣ୍ଡୀଖୋଲ, ଯାଜପୁର,
ମୋ:୯୪୩୭୦୫୧୫୪୩



## ଦୀପାବଳି

### ଦିନେଶ ମେହେର

ତମେ ଯାହା କହୁଥିଲ
ମୁଁ ଅଜ୍ଞାଧିନ ହେଇ ମାନି ନେବାକୁ ବାଧ ଥିଲି,
ଆଗକୁ ହାତ ଲମ୍ୱେଇ ବାଟ ଦେଖେଇ କହିଥିଲ,
'ହେଇ ଦେଖ ଆଗରେ ସୁନ୍ଦର କସ୍ତୁରୀ ବଣ
ଖଦ୍ୟୋତରେ ପରିପୂର୍ଣ୍ଣ ସମଗ୍ର ଅଞ୍ଚଳ,
ଯାଅ, ସେଇ ଖାଦ୍ୟୋତରୁ ମୁଠାଏ ଆଣି
ସଜେଇ ଦେବା ଅଗଣାଟା ସାରା।
ଆଗକୁ ଦୀପାବଳି ଅଛି ନା, ତା ଲାଗି!'

ଠିକ୍ କହିଛ, ଦୀପାବଳି;
ତ୍ରେତୟା ଯୁଗରେ ରାବଣକୁ ବଧ କରି
ଅଯୋଧା ପ୍ରତ୍ୟାବର୍ତ୍ତନ କରି ଥିଲେ ପୁରୁଷୋତ୍ତମ,
ସାଙ୍ଗରେ ନେଇ ଆସିଥିଲେ ଜାନକୀଙ୍କୁ,
ସେଦିନ ଥିଲା ଅଯୋଧାରେ ଦୀପାବଳି,
ଆଲୋକିତ ହେଇ ଉଠୁଥିଲା ଅଯୋଧା ସାରା,
ପୁଣି ଅଧର୍ମ ଆଗରେ ଧର୍ମ ଯେ ଜିତି ସାରିଥିଲା!

ତେବେ ତମେ କହ,
ଆଜିର ଏଇ ଦୀପାବଳି କାହା ପାଇଁ,
ଏହାର ଉଦ୍ଦେଶ୍ୟ କଣ?
ସତରେ କଣ ଅଧର୍ମର ଅନ୍ତ ଘଟୁଛି,
ସତରେ କଣ ଆଲୋକିତ ହେଉଛି ଦରିଦ୍ରର କୁଟୀର!

ତମେ ମାନେ ହୁଏତ
ମନେଇ ପାର ଦୀପାବଳି,
ଡିଜେ ବଜେଇ, ବାଣ ଫୁଟେଇ
ସଜେଇ ପାର ନିଜ ଅଗଣାକୁ
ଲିଚୁ ଲାଇଟ୍, ଚାଇନିଜ୍ ବାର୍ ଜଳେଇ,
ବୋଧେ ତମ ବାରୁଦର ଶବ୍ଦ ଶୁଭୁଥିବ
ଫୁଟପାଥିରେ ତମ୍ବୁ ଲଗେଇ ବସି ଥିବା
କିଛି ନିରୀହଙ୍କ କାନରେ,
ଛାତି ତଳର କୋହ
ଆଖି ତଳର ଲୁହକୁ ଚାପି
ସେମାନେ ବି ଚାହିଁଥିବେ ଆଲୋକିତ କରିବାକୁ
ନିଜ ଅଗଣା!

ହାୟ କି ଭାଗ୍ୟ!
ସେତକ ବି ଦଇବ ଦେଇନି ତାଙ୍କୁ,
ଆଲୁଅ ଦୁରେ ଥାଉ
ଅନ୍ଧାର ସେମାନଙ୍କ ଅତି ଆପଣାର,
ଝିଙ୍କାରିର ସ୍ୱର ତାଙ୍କ ପାଇଁ
ସଙ୍ଗୀତର ସାତ ସୁର,
ତେବେ କାହା ପାଇଁ ଏଇ ଆଲୋକର ପର୍ବ,
କାହା ପାଇଁ ଏତେ ଆୟୋଜନ,
କେବଳ ଆମ ପାଇଁ
ଯିଏ ଦିନେ ବି ଚାହିନି କାହାର ମଙ୍ଗଳ କାମନା!

+ପଳାସ, କଳାହାଣ୍ଡି

## ଦୀପ ଉତ୍ସବର ମହତ୍ତ୍ୱ



### ନେତାଜୀ ତାପସ କୁମାର ସାହୁ

ଦୀପ ଜ୍ୟୋତିଃ ପରମ୍ ଜ୍ୟୋତି
ଦୀପ ଜ୍ୟୋତିର୍ଜନାର୍ଦ୍ଦନଃ
ଦୀପ ଜ୍ୟୋତି ହରେତ ପାପମ୍
ଦୀପ ଜ୍ୟୋତିର୍ନମସ୍ତୁତେ

ଭାରତୀୟ ସଂସ୍କୃତିରେ ଆଲୋକର ପର୍ବ ଦୀପାବଳି ସଦା ସର୍ବଦା ଅନନ୍ୟ । ସାଧାରତଃ ଦୀପ କହିଲେ ଆମେ ମାଟି ଠୁ ନେଇ ଧାତବ ପଦାର୍ଥରେ ତିଆରି ହୋଇଥିବା ବସ୍ତୁକୁ ବୁଝି ଥାଉ, ଯେଉଁଥିରେ ତେଲ କିମ୍ବା ଘିଅ ଦିଆଯାଇ ସେଥିରେ ବତୀ ରଖି ପ୍ରଜ୍ୱଳନ କରାଯାଇଥାଏ କ୍ଷ କିନ୍ତୁ ଏହାର ମହତ୍ତ୍ୱ ଅନେକ । ବାସ୍ତବରେ ଦୀପ ଆମକୁ ବିନମ୍ରତାର ବାର୍ତ୍ତା ଦେଇଥାଏ, ଯେଉଁଥିରେ ଜ୍ଞାନ ରୂପୀ ତେଲ ଅବା ଘିଅ ରଖି ସମାଜର ହିତ ସାଧନ ନିମନ୍ତେ ଏହାକୁ ପ୍ରଜ୍ୱଳନ କରାଯାଇଥାଏ । ଦୀପର ଶିଖା ସଦା ସର୍ବଦା ଉଚ୍ଚ ମନା ଉଚ୍ଚ ଭାବନାର ବାର୍ତ୍ତା ଦେଇଥାଏ । ସର୍ବୋପରି ଏକ ପ୍ରଜ୍ୱଳିତ ଦୀପର ବାର୍ତ୍ତା ହେଉଛି ସରଳ ଜୀବନ ଯାପନ ତଥା ସମାଜର ହିତ ପାଇଁ ଉଚ୍ଚ ଭାବନା । ଅନ୍ୟ ଏକ ଦୃଷ୍ଟିରୁ ଦେଖିଲେ ଦୀପ ଆମକୁ ସେଦିନ ପ୍ରଭୁ ରାମଚନ୍ଦ୍ର ଭାଇ ଲକ୍ଷ୍ମଣଙ୍କୁ ଲଙ୍କା ବିଜୟ ପରେ ଦେଇଥିବା ବାର୍ତ୍ତାକୁ ସ୍ମରଣ କରାଇଥାଏ - 'ଅପି ସ୍ୱର୍ଣ୍ଣମୟୀ ଲଙ୍କା ନ ମେ ଲକ୍ଷ୍ମଣ ରୋଚତେ, ଜନନୀ ଜନ୍ମ ଭୂମିଶ୍ଚ ସ୍ୱର୍ଗାଦପି ଗରୀୟସି ।'



ଦୀପର ଶିଖା ଯେତେ ଉଚ୍ଚକୁ ଉଠି ଜଳିଲେ ମଧ୍ୟ, ଅନେକ ଅନ୍ଧକାର ଦୂର କରିଲେ ସୁଦ୍ଧା ସେ କେବେ ବି ନିଜର ମାଟି ଅବା ଧାତୁ ପାତ୍ର କିମ୍ବା ସେଥିରେ ଥିବା ତେଲ କିମ୍ବା ଘିଅକୁ ଛାଡି ଜଳେ ନାହିଁ । ତେଣୁ ଆଲୋକ ହେଉଛି ଅନ୍ଧକାର ବିନାଶୀ ଜ୍ଞାନର ପ୍ରଭା ପ୍ରସ୍ଫୁଟିତ କରିବାର ମାଧ୍ୟମ ।

ବର୍ତ୍ତମାନ ସମୟରେ ଏହି ଆଲୋକ ବର୍ତ୍ତିକାର ଘୋର ଅଭାବ ଦେଖାଦେଇଛି । ପୂର୍ବରୁ ଅନେକ ସମାଜ ସୁଧାରକ, ରାଷ୍ଟ୍ର ନିର୍ମାତା ଗୁରୁ , ବୁଦ୍ଧିଜୀବୀ, ସାହିତ୍ୟିକ ଓ ଦାର୍ଶନିକ ମାନେ ଆମ ସମାଜକୁ ମାର୍ଗ ଦର୍ଶନ କରିଥିବା ବେଳେ ଅଧୁନା ଶିକ୍ଷା ବ୍ୟବସ୍ଥା 'ସା ବିଦ୍ୟା ଯା ବିମୁକ୍ତୟେ' ଠୁ ଦୂରେଇ ଯାଇ କେବଳ ପୁସ୍ତକ କୀଟ ସାଜି ପରୀକ୍ଷା, ନିଯୁକ୍ତି ଏବଂ ବ୍ୟକ୍ତିଗତ ସ୍ତରରେ ସ୍ୱାର୍ଥ ସାଧନ ଠୁ ଉତ୍ଥାନ ସର୍ବସ୍ୱ ହିଁ ହୋଇଯାଇଛି । ଅର୍ଥର ଆବଶ୍ୟକତା ପ୍ରତିଟି ମଣିଷ ପାଇଁ ରହିଛି କିନ୍ତୁ ଏହାର ମାନେ ନୁହ ଲୋଭ ଗ୍ରସ୍ତ ହୋଇ ସମାଜର ହିତ ସାଧନ ଭୁଲି ଯେଉଁ ପରିବେଶର ପଞ୍ଚ ଭୂତ ଆମକୁ ନିର୍ମାଣ କରିଛି ତା ପ୍ରତି ଅହରହ ଆକ୍ରମଣ କରିବା । ଅନେକ ସମୟରେ ଏଥି ପାଇଁ ଭୂମିକମ୍ପ, ସୁନାମି, ବର୍ଷା ଅଭାବ, ଅଂଶୁଘାତ ଠୁ ନେଇ ମାନବ କୃତ ଓ ଅର୍ଜିତ ରୋଗ ମଧ୍ୟ ଦେଖିବାକୁ ମିଳୁଛି । ଦୀପୋତ୍ସବ ନାମରେ ବିଷାକ୍ତ ରାସାୟିକ ବାଣ ଫୁଟାଇ ବାୟୁ ପ୍ରଦୂଷଣ ଓ ଧ୍ୱନି ପ୍ରଦୂଷଣ ଏବେ ସବୁଆଡ଼େ ଦେଖିବାକୁ ମିଳୁଛି, ଯାହାକି ପରବର୍ତ୍ତୀ ସମୟରେ ବିଭିନ୍ନ ଶ୍ୱାସ କ୍ରିୟା ଜନିତ ରୋଗ ଠୁ ନେଇ ସ୍ନାୟବିକ ରୋଗର କାରଣ ପାଲଟି ଥାଏ । ତେଣୁ ପର୍ବ ପାଳନ ଆମ ସମସ୍ତଙ୍କ ପାଇଁ ଖୁସିର ସମ୍ଭାର ନେଇ ଆସୁ, ରୋଗ, ବିପଦ କିମ୍ବା ପ୍ରଦୂଷଣର ନୁହ ।

ଦୀପାବଳି ପାଳନର ଉଦ୍ଦେଶ୍ୟ ହେଉଛି ତ୍ରେତୟା ଯୁଗରେ ରାବଣକୁ ପରାସ୍ତ କରି ପ୍ରଭୁ ରାମଚନ୍ଦ୍ର ମାତା ସୀତାଙ୍କୁ ନେଇ ପିତୃ ସତ୍ୟ ପାଳନ ଅବଧି ଶେଷ ପୂର୍ବକ ଅଯୋଧା ଆଗମନ କରିଥିଲେ । ନିଜର ପ୍ରିୟ ରାଜାଙ୍କୁ ଚାତକ ପ୍ରାୟ ଚାହିଁ ବସିଥିବା ଅଯୋଧା ବାସୀ ଖୁସିରେ ସେଦିନ ସମଗ୍ର ରାଜ୍ୟରେ ଦୀପ ଜାଳି ସ୍ୱାଗତ କରିଥିଲେ । ସେହି ସ୍ମୃତିକୁ ମନେ ପକାଇ ଆଜିବି ଦୀପାବଳି ଉତ୍ସବ ପାଳନ କରାଯାଉଛି । ତେଣୁ ଦୀପାବଳି ଆମକୁ ସତ୍ୟର ରକ୍ଷା, ସତ୍ୟର ବିଜୟ ଓ ସତ୍ୟର ପ୍ରତୀକ ଉତ୍ସବ ରୂପେ ମଧ୍ୟ ବାର୍ତ୍ତା ଦେଇଥାଏ ।

ମାତୃ ଶକ୍ତିର ଆରାଧନା କରୁଥିବା ଭାରତ ଭୂମିରେ ଦୀପାବଳି ଉତ୍ସବ ପାଳନ ସମୟରେ ସର୍ବତ୍ର ମାଆ କାଳୀଙ୍କୁ ଆରାଧନା କରାଯାଇଥାଏ । ଅସୁର ମାନଙ୍କ ଦୌରାତ୍ମ୍ୟରୁ ନିଜର ସନ୍ତାନଗଣଙ୍କୁ ରକ୍ଷା କରିବା ନିମନ୍ତେ ବାତ୍ସଲ୍ୟ ମୟୀ ମାତା କାଳୀ କିପରି ଭୟଙ୍କର ରୂପ ଧାରଣ କରିଥିଲେ ତାହା ଆମେ ସମସ୍ତେ ଦେଖି ଥାଉ । କିନ୍ତୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ମାଆଙ୍କ ସାଧକ ରାମକୃଷ୍ଣ ପରମହଂସ ନିଜର ସାଧନା ବଳରେ କିପରି ବିଶ୍ୱ ବିଜୟୀ ବିବେକାନନ୍ଦଙ୍କୁ ମାଆଙ୍କ ସହିତ ସାକ୍ଷାତ କରାଇବା ଏବଂ ଆତ୍ମ ମନ୍ଥନ ପୂର୍ବକ ସମଗ୍ର ବିଶ୍ୱ ଦରବାରରେ ଭାରତକୁ ପୁନଃ ବିଶ୍ୱ ମାର୍ଗ ଦର୍ଶକ ରୂପେ ପ୍ରତିଷ୍ଠିତ କରାଇଥିଲେ ସେ କଥା ମଧ୍ୟ ମନେ ପକାଇବା ଉଚିତ୍ ।

ବ୍ୟବସାୟିକ ପ୍ରତିଷ୍ଠାନ ଗୁଡ଼ିକରେ ମୁଖ୍ୟତଃ ଧନ ଦାତ୍ରୀ ମାତା ଲକ୍ଷ୍ମୀ, ବିଘ୍ନହନ୍ତା ପ୍ରଭୁ ଗଣେଶ ଓ କୁବେରଙ୍କ ପୂଜା କରାଯାଇଥାଏ । କୁହାଯାଏ ଯେଉଁଠାରେ ସ୍ୱଚ୍ଛତା ଥାଏ ସେଠାରେ ଲକ୍ଷ୍ମୀ ବାସ କରନ୍ତି । ମାର୍ଗଶିର ମାସ ଗୁରୁବାରରେ ଓଡ଼ିଆ ଘରେ ସେଥିପାଇଁ ଗୋବର ପାଣିରେ ଘର ଧୋଇ ଝୋଟି ଚିତା ପକାଇ ମାଆଙ୍କୁ ଆରାଧନା କରାଯାଏ । ତେଣୁ ଦୀପାବଳି ପୂର୍ବରୁ ଘରକୁ ସଫା କରିବା ସହ ଖୁବ୍ ସୁନ୍ଦର ଭାବେ ସାଜସଜ୍ଜା କରାଯାଇଥାଏ।

ସର୍ବଶେଷରେ ଏତିକି କୁହାଯାଇପାରେ ଦୀପାବଳି ହେଉଛି ଆଲୋକର ପର୍ବ ସମେତ ଜ୍ଞାନ, ଶକ୍ତି, ଧନ, ସତ୍ୟ, ନ୍ୟାୟ, ସ୍ୱଚ୍ଛତା ତଥା ସମାଜ ସୁରକ୍ଷାର ବାର୍ତ୍ତା ବହନ କରୁଥିବା ପର୍ବ ।

'ଓଁ ଅସତୋ ମା ସଦ୍ ଗମୟ
ତମ ସୋ ମା ଜ୍ୟୋତିର୍ଗମୟ
ମୃତ୍ୟୋର୍ମା ଅମୃତ ଗମୟ'

ଦୀପୋତ୍ସବ ଆମକୁ ଅସତ୍ୟରୁ ସତ୍ୟ, ଅଜ୍ଞାନରୁ ଜ୍ଞାନ, ଅନ୍ଧକାରରୁ ଆଲୋକ ଏବଂ ମରଣଶୀଳତାରୁ ମୋକ୍ଷ ରୂପୀ ଅମୃତ ଆଡକୁ ଗତି କରାଉ, ଏହାହିଁ ଏହି ପର୍ବର ପ୍ରମୁଖ ବାର୍ତ୍ତା।

+ ପୂର୍ବତନ ଅଧ୍ୟାପକ,
ଉଦ୍ଭିଦ ବିଜ୍ଞାନ ବିଭାଗ,
ଡଃ.ଯଦୁନାଥ ଡିଗ୍ରୀ କଲେଜ,
ବାଲେଶ୍ୱର
ମୋ:୮୨୬୦୩୫୬୧୧୩

# ଦିବଂଗତ ଯୋଗାଚାର୍ଯ୍ୟ ମନ୍ମଥ ମୁନିଙ୍କ ୫ମ ଶ୍ରଦ୍ଧାଞ୍ଜଳି ଦିବସ ପାଳନ



ଗୁଡ଼ିଖାଳ , ୧୧/୧୧ (ନି.ପ୍ର): ମୁନି ସମାଜର ଜ୍ୟୋତି ଜିଲ୍ଲା ସମ୍ପାଦକ ପ୍ରାନ୍ତୀୟ ପ୍ରଚାର ସଙ୍ଗଠନ ମନ୍ତ୍ରୀ ବ୍ରହ୍ମଜ୍ଞାନୀ ଯୋଗାଚାର୍ଯ୍ୟ ଅନନ୍ତ ମୁନି ଜୀ ଙ୍କ ସଞ୍ଚାଳନ ରେ,ଅଖିଳ ଭୂମଣ୍ଡଳୀୟ ସର୍ବଶିରୋମଣି ମୁନି ସମାଜ ଓଡିଶା ପ୍ରାନ୍ତର ପ୍ରାକ୍ତନ ମହାମନ୍ତ୍ରୀ ତଥା ଗୋଡିଖାଳ ଶିବମୁନି ଯୋଗାଶ୍ରମର ପ୍ରତିଷ୍ଠାତା ପରମ ପୂଜ୍ୟ ବ୍ରହ୍ମଜ୍ଞାନୀ ଯୋଗାଚାର୍ଯ୍ୟ ଦିବଙ୍ଗତ ମନ୍ମଥ ମୁନିଜୀଙ୍କ ୫ ମ ଭାବପୂର୍ଣ ଶ୍ରଦ୍ଧାଞ୍ଜଳୀ ଦିବସ ସମାରୋହରେ ପାଳିତ ହୋଇ ଯାଇଛି ।ମୁଖ୍ୟ ଅତିଥି ହିସାବରେ ଯୋଗଦାନ କରିଥିଲେ ପୂର୍ବତନ ପ୍ରାନ୍ତୀୟ ଅଧକ୍ଷ ବ୍ରହ୍ମଜ୍ଞାନୀ ଯୋଗାଚାର୍ଯ୍ୟ ଲେଖକଶ୍ରୀ ଶଶଧର ମୁନିଜୀ ମହୋଦୟ। ମୁଖ୍ୟ ବକ୍ତା ହିସାବରେ ଯୋଗଦାନ କରିଥିଲେ ସହଦେବ ଖୁଣ୍ଟିଆ ଶିବମୁନି ଯୋଗାଶ୍ରମରୁ ଆସିଥିବା ଆତ୍ମଜ୍ଞାନୀ ମୁନିରତ୍ନ ଯୋଗୀ ତ୍ରିଲୋଚନ ମୁନିଜୀ ମହୋଦୟ। ମଞ୍ଚାସୀନ ଥିଲେ,ପରମ ପୂଜ୍ୟା ମୁନିରାଜ୍ଞୀ କନକଲତା ମହାପାତ୍ର ମହୋଦୟା,ସୁ ପୁତ୍ର ଗୋଡିଖାଳ ଶିବମୁନି ଯୋଗାଶ୍ରମର ସମ୍ପାଦକ ଆତ୍ମଜ୍ଞାନୀ ମୁନିରାଜ ଗୋପାଳକୃଷ୍ଣ ମହାପାତ୍ର ମହୋଦୟ, ହାତିଆଡିହା ଶିବମୁନି ଯୋଗାଶ୍ରମ ରୁ ଆସିଥିବା ବରିଷ୍ଠ ଯୋଗୀ ପରମାନନ୍ଦ ମୁନିଜୀ ମହୋଦୟ,ଯୋଗୀ ଲମ୍ବୋଦର ମୁନି, ଯୋଗୀ ଭିକାରି ଚରଣ ମୁନି, ଯୋଗଶିକ୍ଷୟତ୍ରୀ ଶାନ୍ତିଲତା ବେହେରା, ଯୋଗଶିକ୍ଷୟତ୍ରୀ କଳ୍ପନା ମିଶ୍ର ମହୋଦୟା, ଯୋଗଶିକ୍ଷୟତ୍ରୀ ସୁବାସିନୀ ମହାନ୍ତି, ଯୋଗଶିକ୍ଷୟତ୍ରୀ କମଳକାମିନୀ ଦେ, ଯୋଗୀ ପ୍ରଫୁଲ୍ଲ ମୁନି, ଯୋଗୀ ଅନନ୍ତ ଦେ,ଜିଲ୍ଲା ଉପ ସଭାପତି ଆତ୍ମଜ୍ଞାନୀ ଯୋଗୀ ବଳରାମ ମୁନି,ପ୍ରାନ୍ତୀୟ ସହ ସମ୍ପାଦକ ଆତ୍ମଜ୍ଞାନୀ ଯୋଗୀ ଚିତ୍ତରଞ୍ଜନ ମୁନିଜୀ ମହୋଦୟ,ମନ୍ମଥ ଶାରଙ୍କର ଅନ୍ତରଙ୍ଗ ବନ୍ଧୁ ମୁନିରାଜ ଡାକ୍ତର ଶ୍ରୀଧର ବେହେରା, ଆତ୍ମଜ୍ଞାନୀ ଯୋଗୀ ଅରୁଣ ମୁନି,ମୁନିରାଜ ରମେଶ କାମିଲା ,ଯୋଗୀ ସୁଶିଲ ମୁନି ପ୍ରମୁଖ।ଉପସ୍ଥିତ ଥିଲେ ଯୋଗୀ ହରିପଦ ସୁର,ଯୋଗୀ କୃପାସିନ୍ଧୁ ମୁନି, ଯୋଗୀ ସୃଷ୍ଟିଧର ବେହେରା, ଯୋଗୀ ଅକ୍ ବଲ, ମୁନିରାଜ ଚନ୍ଦ୍ରମୋହନ ମହାନ୍ତି ମହୋଦୟ, ମୁନିରାଜ ଶ୍ୟାମ ମାରାଣ୍ଡି ,ମୁନିମତୀ ରେବତୀ, ମିନତୀ ପ୍ରଧାନ, ବାସନ୍ତୀ, ପାର୍ବତୀ, ଶାନ୍ତିଲତା ଦାସ, ଗୁରୁବାରି ମହାନ୍ତି,ମୁନି ପ୍ରଶାନ୍ତ ସାହୁ, ନୀଳାମ୍ବର ନାୟକ, ଦିଲ୍ଲୀପ ରାଉତ, ପର୍ଶୁରାମ ବେହେରା, ସୃଷ୍ଟିଧର ଡାକୁଆ, ଉତ୍ତମ ପ୍ରଧାନ, ବୁଦ୍ଧିମାନ ମୁନି, ମୁନି ଚକ୍ରଧର ଜେନା, ମୁନିରାଜ ଗଣେଶ୍ୱର ସାହୁ, ଏବଂ ଯୋଗୀ ଧରଣୀଧର ମଣ୍ଡଳ ପ୍ରମୁଖ ବହୁ ସଂଖ୍ୟା ରେ ଶିବମୁନିଜୀ ଙ୍କ ପରିବାରର ସଦସ୍ୟ-ସଦସ୍ୟା ବୃନ୍ଦ ଉପସ୍ଥିତ ରହି ମହା ମାନବ,ମହାତ୍ମା ପୂଣ୍ୟାତ୍ମା ସାଧନା-ସିଦ୍ଧ-ସାଧକ, ଯୋଗାଚାର୍ଯ୍ୟ ମନ୍ମଥ ମୁନିଜୀଙ୍କ କୀର୍ତ୍ତିରାଜି ବର୍ଣ୍ଣନା କରିବା ସହିତ ତାଙ୍କର ସାଧୁତା,ସ୍ପଷ୍ଟବାଦିତା ଉପରେ ବହୁ ସମୟ ଧରି ଆଲୋକ ପାତ କରି ଚାଲିଥିଲେ ।ସର୍ବପ୍ରଥମେ ଗୋଡିଖାଳ ଆଶ୍ରମ ସୃଷ୍ଟି ହୋଇ ଥିବାରୁ,ସେଥିରୁ ସୃଷ୍ଟି ଯୋଗଶିକ୍ଷକ ମାନେ ଓଡ଼ିଶା ରାଜ୍ୟରେ ପ୍ରାୟ ୪୦୦ ରୁ ଅଧିକ ଆଶ୍ରମ ଆଜି ସୃଷ୍ଟି ହୋଇ ପାରିଛି ।ମୁଖ୍ୟ ନାୟକ,ପ୍ରାନ୍ତୀୟ କର୍ଣ୍ଣଧାର ଥିଲେ ସେ ।ତାଙ୍କର ଓଜସ୍ୱିନି ଭାଷଣ,ପ୍ରବଳ ଇଚ୍ଛାଶକ୍ତି ମୁନି-ମୁନିମତୀ ମାନଙ୍କୁ ତଥା ମୁନି ସମାଜକୁ ଗୋଟିଏ ସୂତ୍ରରେ ବାନ୍ଧି ରଖି ପାରିଥିଲେ ।ମହାମନ୍ତ୍ରୀ ଭାବରେ ତାଙ୍କରି ନିର୍ଦ୍ଦେଶରେ ମୁନି ସମାଜ ଆଗେଇ ଚାଲିଥିଲା ।ବର୍ତ୍ତମାନ ତାଙ୍କରି ସୁ ପୁତ୍ରଙ୍କୁ ଏହି ଗୋଡିଖାଳ ଆଶ୍ରମର ସମ୍ପାଦନା ଦାୟିତ୍ୱ ଅର୍ପଣ କରା ଯାଇଛି ।ସେ ଦକ୍ଷତାର ସହିତ ଆଗେଇ ଚାଲିଛନ୍ତି ।ଶେଷରେ ସେଇ ସମ୍ପାଦକ ସୁ ପୁତ୍ର ମୁନିରାଜ ଗୋପାଳକୃଷ୍ଣ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରି ଏକାତ୍ମ ସ୍ୱାଦିଷ୍ଟ ସୁସ୍ୱାଦୁ ବ୍ୟଞ୍ଜନରେ ଆପ୍ୟାୟିତ କରିଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

## କୋଲକତାରୁ ଓଡ଼ିଶା ....

ଇଞ୍ଜିନ ନିକଟରେ ପ୍ରଥମେ ନିଆଁ ଲାଗିଥିଲା। ପୁଷ୍ପାଞ୍ଜଳି ପାଣି ଢାଳି ନିଆଁ ଲିଭାଇବାକୁ ଚେଷ୍ଟା କରିଥିଲେ। ମାତ୍ର ତାହା ସମ୍ଭବ ହୋଇ ପାରି ନ ଥିଲା। ଗାଡ଼ିର ଡୋର ଲକ୍ ହୋଇ ଯାଇଥିଲା। ଫଳରେ ପ୍ରାଣ ବିକଳରେ ଯାତ୍ରୀମାନେ ଝରକା ଡେଇଁ ବାହାରକୁ ବାହାରିଥିଲେ । ନିଆଁଲାଗି ଯାଇଥିବା ବସଟି ଗତକାଲି ରାତିରେ କୋଲକତାର ବାବୁଘାଟ ବସଷ୍ଟାଣ୍ଡାରୁ ପାରାଦୀପ ଆସୁଥିଲା । ଅଧାବାଟରେ ହୁତୁହୁତୁ ହୋଇ ଜଳିଗଲା ଚଳନ୍ତା ବସ୍ । ଖବର ପାଇ ବାଲେଶ୍ୱର ଜିଲ୍ଲାପାଳଙ୍କ ପକ୍ଷରୁ ଆମ୍ବୁଲାନ୍ସ ସହ ଏକ ଡାକ୍ତରୀ ଟିମ୍ ଘଟଣାସ୍ଥଳକୁ ପଠାଯାଇଥିଲା । ଜଳେଶ୍ୱର ତହସିଲଦାର ମଧ ଘଟଣାସ୍ଥଳକୁ ଯାଇଥିଲେ । ଓଡିଶାର ଆହତ ମାନଙ୍କୁ ଏକ ସ୍ୱତନ୍ତ୍ର ବସରେ ଅଣାଯାଇଛି । ବିଜେପି ରାଷ୍ଟ୍ରୀୟ ଉପାଧକ୍ଷ ବୈଜୟନ୍ତ ପଣ୍ଡା ଏହି ଦୁର୍ଘଟଣା ଖବର ପାଇ ଅତ୍ୟନ୍ତ ମର୍ମାହତ ହୋଇ ପଡ଼ିଛନ୍ତି। ଏଥିସହ ସେ ଶୋକସନ୍ତପ୍ତ ଓ ଆହତଙ୍କ ପରିବାର ପ୍ରତି ଗଭୀର ସମବେଦନା ଜଣାଇଛନ୍ତି ।

## ଅଯୋଧ୍ୟାର ୫୧ ଘାଟରେ ଜଳିଲା ...

ଓ ରାଜ୍ୟ ସରକାର ପକ୍ଷରୁ ସବୁ ବ୍ୟବସ୍ଥା କରାଯାଇଛି । ପ୍ରଭୁ ଶ୍ରୀରାମଙ୍କ ବାଲ୍ୟବସ୍ଥାରୁ ବନବାସ ଲେଉଟାଣୀ ପର୍ଯ୍ୟନ୍ତର କଥାକୁ ପ୍ରଜ୍ଞାପନ ମେଢ ଓ ରାମଲୀଳାରେ ଉପସ୍ଥାପନ କରାଯାଇଛି । ସେପଟେ ରାଜ୍ୟ ଓ ରାଜ୍ୟ ବାହାର କଳାକାରଙ୍କ ଦ୍ୱାରା ସ୍ୱତନ୍ତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଉଛି । ଅନ୍ୟପଟେ ଦେଶର ପ୍ରସିଦ୍ଧ ବାଲୁକା ଶିଳ୍ପୀ ବାଲୁକା କଳା ମାଧ୍ୟମରେ ପ୍ରଭୁ ଶ୍ରୀରାମଙ୍କ ଜୀବନୀକୁ ବର୍ଣ୍ଣନା କରିଛନ୍ତି । ସରାୟୁ ନଦୀ କୂଳରେ ଲେଜର ଲାଇଟ ଶୋ, ଲୋକନୃତ୍ୟ, ରାମଲୀଳା, ୨୨ ରାଜ୍ୟ ଓ ୪ଦେଶର ୨୫ଶହରୁ ଅଧିକ କଳାକାର ଅଯୋଧ୍ୟାରେ କଳା ପ୍ରଦର୍ଶନ କରିଛନ୍ତି । ୨୦୧୭ ମସିହାରେ ଯୋଗୀ ଆଦିତ୍ୟନାଥ ଉତ୍ତରପ୍ରଦେଶର ମୁଖ୍ୟମନ୍ତ୍ରୀ ହେବା ପରେ ଅଯୋଧ୍ୟାରେ ଦୀପୋତ୍ସବ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ୨୦୧୭ ମସିହାରେ ଏକ ଲକ୍ଷ ୭୧ ହଜାର, ୨୦୧୮ରେ ୩ଲକ୍ଷ ଏକ ହଜାର, ୨୦୧୯ରେ ୪ଲକ୍ଷ ୪ହଜାର, ୨୦୨୦ରେ ୫ଲକ୍ଷ ୫୧ହଜାର, ୨୦୨୧ରେ ୯ଲକ୍ଷ ୪୧ ହଜାର, ୨୦୨୨ରେ ୧୫ଲକ୍ଷ ୭୬ ହଜାର, ୨୦୨୩ରେ ୨୪ ଲକ୍ଷ ଦୀପ ଜଳାଇ ଗିନିଜ ବୁକ ଅଫ ରେକର୍ଡରେ ନିଜ ସ୍ଥାନ ବନାଇଛନ୍ତି ଉତ୍ତରପ୍ରଦେଶ ସରକାର । ଜାନୁଆରୀ ମାସରେ ଅଯୋଧ୍ୟା ରାମ ମନ୍ଦିର ପ୍ରାଣ ପ୍ରତିଷ୍ଠା ଉତ୍ସବର ଆୟୋଜନ କରାଯିବ । ଏହା ପୂର୍ବରୁ ଧ୍ୟାନ ଆକର୍ଷଣ କରିଛି ଦୀପୋତ୍ସବ ।

## ଛାତ୍ରୀଙ୍କୁ ଦୁଷ୍କର୍ମ ମାମଲା: ବନ୍ଧା ...

ହାଜର କରିଥିଲା । ଜାମିନ ନାମଞ୍ଜୁର ହେବା ପରେ କୋର୍ଟ ଦୁଇ ଅଭିଯୁକ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଯାଇଥିବା ଜଣାପଡ଼ିଛି। ଏହି ମାମଲାରେ ପୀଡ଼ିତାଙ୍କ ବୟାନ ରେକର୍ଡ କରିଛି ପୁଲିସ। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ଥିବା ସଂପୃକ୍ତ ନାବାଳିକା ପାଖକୁ ଯାଇ ପୁଲିସ ସମସ୍ତ ତଥ୍ୟ ସଂଗ୍ରହ କରିଛି। ସୂଚନାଯୋଗ୍ୟ, କୁନ୍ଦେଇ ଥାନା ଅଞ୍ଚଳର ଏକ ଆଶ୍ରମ ସ୍କୁଲର ଷଷ୍ଠ ଶ୍ରେଣୀ ଛାତ୍ରୀଙ୍କୁ ଗତ ୭ ତାରିଖ ଦିନ ପ୍ରଧାନ ଶିକ୍ଷକ ସଚିତ୍ରାନନ୍ଦନ ବିଶ୍ୱାସ ଏବଂ ସହକାରୀ ଶିକ୍ଷକ କେଶବ ମାଝୀ ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଥିଲା। ଏନେଇ ସଂପୃକ୍ତ ଛାତ୍ରୀଙ୍କ ବାପା କୁନ୍ଦେଇ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ଛାତ୍ରୀଙ୍କୁ ଚିକିତ୍ସା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେପଟେ ଦୁଇ ଶିକ୍ଷକଙ୍କୁ ଥାନାକୁ ଆଣି ଅଟକ ରଖି ପଚରା ଉଚରା ଚଳାଇଥିବା କୁନ୍ଦେଇ ଥାନା ପୁଲିସ୍ ଶେଷରେ ସେମାନଙ୍କୁ ଗିରଫ କରିଛି।

# ଶାଳଗାଁ ଉଚ୍ଚ ବିଦ୍ୟାଳୟ ସମବାୟ ସପ୍ତାହରେ କୃତିତ୍ୱ



ବଡ଼ସାହି , ୧୧/୧୧ (ନି.ପ୍ର): ବଡ଼ସାହି ବ୍ଲକ ଅନ୍ତର୍ଗତ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଶାଳଗାଁ ର ଶକ୍ତି ପଦ ସାହୁ ଦଶମ ଶ୍ରେଣୀ ଛାତ୍ର ଅଖିଳ ଭାରତୀୟ ସମବାୟ ସପ୍ତାହ ଉପଲକ୍ଷେ ସହକାରୀ ନିବନ୍ଧକ ସମବାୟ ସମିତି ବାରିପଦା ଖଣ୍ଡ ବାରିପଦା କାର୍ଯ୍ୟାଳୟ ରେ ରଚନା ଓ ବକ୍ତୃତା ପ୍ରତିଯୋଗିତା ରେ ଭାଗ ନେଇ ଉଭୟ ରେ ତୃତୀୟ ସ୍ଥାନ ଅଧିକାର କରି ବିଦ୍ୟାଳୟର ଗୌରବ ଅର୍ଜନ କରିଛନ୍ତି। ବାରିପଦା ମଣ୍ଡଳ (ସଦର ସବଡ଼ିଭିଜନ ) ର ବିଭିନ୍ନ ଉଚ୍ଚ ବିଦ୍ୟାଳୟ ର ଛାତ୍ର ଛାତ୍ରୀ ମାନେ ପ୍ରତିଯୋଗିତା ରେ ଭାଗ ନେଇଥିଲେ ।ଆଗାମୀ ଦିନ ରେ ସମବାୟ ର କାର୍ଯ୍ୟକଳାପ କୁ ସଚେତନତା ସୃଷ୍ଟି କରିବା ପାଇଁ ସମବାୟ ବିଭାଗର ଏକ ଅଭିନବ ପ୍ରୟାସ । ସହକାରୀ ନିବନ୍ଧକ ପ୍ରମୋଦ ମହାପାତ୍ର କୃତି ପ୍ରତିଯୋଗୀ ମାନଙ୍କୁ ପ୍ରମାଣ ପତ୍ର ସହ ପୁରସ୍କାର ପ୍ରଦାନ କରିଥିଲେ । ଶ୍ରୀ ସାହୁ ପ୍ରତିନିଧିତ୍ୱ କରି ବଡ଼ସାହି ବ୍ଲକ ର ଗୌରବାର୍ଜନ କରିଥିବାରୁ ବିଦ୍ୟାଳୟର ପ୍ରଧାନଶିକ୍ଷକ ସନ୍ତୋଷ କୁମାର ବେହେରା ତଥା ଅନ୍ୟ ଶିକ୍ଷକ ମାନଙ୍କୁ ପ୍ରଶଂସା କରିଛନ୍ତି।

# ମୟୂରଭଞ୍ଜ ସାହିତ୍ୟ ଏକାଡେମୀର ପୁସ୍ତକ ଉନ୍ମୋଚନ ଓ କବିତା ଆବୃତ୍ତି ସମାବେଶ

ମୟୂରଭଞ୍ଜ, ୧୧/୧୧ (ନି.ପ୍ର): ମୟୂରଭଞ୍ଜ ସାହିତ୍ୟ ଏକାଡେମୀ ଓ ଉତ୍କଳମଣି ଗୋପବନ୍ଧୁ ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟର ମିଳିତ ସହଯୋଗରେ ଏକାଡେମୀର ସଭାପତି ଡକ୍ଟର ସରୋଜ ନାୟକଙ୍କ ଅଧକ୍ଷତାରେ ଏକ ଡକ୍ଟର ସଞ୍ଜୟ କୁମାର ଦେ, ମୁଖ୍ୟବକ୍ତା ଡକ୍ଟର ରାଜେନ୍ଦ୍ର ସାମଲ, ସମ୍ମାନିତ ଅତିଥି, ସହକାରୀ ପ୍ରଫେସର ଡକ୍ଟର ତ୍ରିନାଥ ମଲ୍ଲିକ, ସରୋଜ ଦାସ, ସନ୍ଦୀପ ସିଂ, ଅଧ୍ୟାପିକା ମନାଲି ପ୍ରଧାନ, ଧନେଶ୍ୱର ପଣ୍ଡା, ମିଶ୍ରଙ୍କର ଏକ ମହାକାବ୍ୟ, ତେଣୁ ତାଙ୍କୁ ଜୀବନ୍ତ କିମ୍ବଦନ୍ତୀ ଭାବେ ଗ୍ରହଣ କରି ମୟୂରଭଞ୍ଜ ସାହିତ୍ୟ ଏକାଡେମୀ ତରଫରୁ, ମାନପତ୍ର, ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। କବିତା



ପୁସ୍ତକ ଉନ୍ମୋଚନ ଓ କବିତା ଆବୃତ୍ତି ସମାବେଶ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ବରିଷ୍ଠ କବି ବୃନ୍ଦାବନ ଦାଶଙ୍କ ଲିଖିତ ପୁସ୍ତକ 'ନୀଳାଦ୍ରିସୁନ୍ଦର (କାବ୍ୟ)- ଏକ ଦୃକପାତ' ଓ ଅନ୍ୟାନ୍ୟ ପ୍ରବନ୍ଧ 'ପୁସ୍ତକଟିକୁ ମୁଖ୍ୟ ଅତିଥି ତଥା ବିଇଡି କଲେଜର ଅଧକ୍ଷ ଆଶିଷ କୁମାର ବସା, ଯତୀନ୍ଦ୍ର ମୋହନ ଶତପଥୀ ପ୍ରମୁଖ ଉନ୍ମୋଚନ କରିଥିଲେ । ଡକ୍ଟର ତ୍ରିନାଥ ମଲ୍ଲିକ ପୁସ୍ତକଟିର ସମୀକ୍ଷା କରିଥିବା ବେଳେ, ଲେଖକ ବୃନ୍ଦାବନ ଦାଶ ନିଜର ଅନୁଭୂତି ପ୍ରକାଶ କରିଥିଲେ । 'ନୀଳାଦ୍ରିସୁନ୍ଦର' ବରିଷ୍ଠ କବି ଭୂମିପୁତ୍ର ଡକ୍ଟର ନୀଳକଣ୍ଠ ଆବୃତ୍ତିରେ ସନ୍ତୋଷ କୁମାର ସାହୁ, ସରସ୍ୱତୀ କର, ଶୁଭକାନ୍ତ ମହାନ୍ତି ଯଥାକ୍ରମେ ପ୍ରଥମ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ । ଶେଷରେ ଛାତ୍ର ସଂସଦ ସମ୍ପାଦକ ଓମପ୍ରକାଶ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# 'ଜୁହାର ଆଜ୍ଞା' କବିତା ସଂକଳନ ପୁସ୍ତକ ଉନ୍ମୋଚିତ



ଗଞ୍ଜାମ, ୧୧/୧୧ (ନି.ପ୍ର): ଗଞ୍ଜାମ ଜିଲ୍ଲା ପୁରୁଷୋତ୍ତମପୁର ବ୍ଲକର ତାରାତାରିଣୀ ମନ୍ଦିର ନିକଟରେ ଥିବା ଲକ୍ଷ୍ମୀପ୍ରିୟା ହୋଟେଲ ପରିସରରେ ବରିଷ୍ଠ କବି ଅଜୟ ପ୍ରଧାନଙ୍କ 'ଜୁହାର ଆଜ୍ଞା' କବିତା ସଂକଳନ ପୁସ୍ତକ ମା' ତାରା ତାରିଣୀଙ୍କୁ ପ୍ରଥମେ ସମର୍ପଣ କରିବା ପରେ ଉନ୍ମୋଚିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ପୁରୁଷୋତ୍ତମପୁର ପୂର୍ବତନ ତହସିଲଦାର ତଥା ବର୍ତ୍ତମାନର ଗଞ୍ଜାମ ସ୍ୱତନ୍ତ୍ର କ୍ରୀଡ଼ା ଅଧିକାରୀ, ସନ୍ତୋଷ କୁମାର ସାହୁ ଯୋଗ ଦେଇ କବିତା ସଂକଳନ ପୁସ୍ତକ ଉନ୍ମୋଚନ କରିଥିଲେ । ସମାଜ, ଜୀବନ, ମଣିଷ, ସମୟ ଓ ସମ୍ପର୍କକୁ ନେଇ ଏହି କବିତା ସଂକଳନ ପୁସ୍ତକଟି ଲେଖାଯାଇଛି । ବର୍ତ୍ତମାନର ପରିସ୍ଥିତିରେ ଏହି ୫ଟି ବିଷୟ ଉପରେ ଅତିଥିମାନେ କବିତା ଏକ ସାମାଜିକ ସଂପର୍କର ଯୋଗସୂତ୍ର ବୋଲି ବକ୍ତବ୍ୟ ରଖିଥିଲେ। । ସାମାଜିକ ଚେତନା ତଥା ସମାଜରେ ଥିବା କିଛି ଚରିତ୍ରର ଜୀବନ ଧର୍ମୀସଂଘର୍ଷ ଓ ମାନବୀୟ ସମ୍ପର୍କରେ ଏହି କବିତା ସଂକଳନଟି ଓଡିଆ କବିତା କ୍ଷେତ୍ରରେ ଉଲ୍ଲେଖନୀୟ ଚିହ୍ନ ରଖିବ ଓ ପାଠକଙ୍କ ମହଲରେ ବେଶ ଆଦୃତ ହେବ ବୋଲି ଆଶା କରାଯାଏ। ଏହି କବିତା ସଂକଳନ ପୁସ୍ତକ ଉନ୍ମୋଚନ ଅବସରରେ ମା' ତାରା ତାରିଣୀଙ୍କ ମୁଖ୍ୟ ପୂଜକ ବାପୁଜୀ ରଣା କବି ଅଜୟ ପ୍ରଧାନ, ପ୍ରକାଶକ ସମରେନ୍ଦ୍ର ନାଥ ମହାପାତ୍ର ଏବଂ ବହୁ କବି, ବରିଷ୍ଠ ନାଗରିକ ମାନେ ଯୋଗ ଦେଇଥିଲେ। ଧନ୍ୟବାଦ ଅର୍ପଣ କରିଥିଲେ ପ୍ରଣବ ପାଢୀଯୋଶୀ।

# ଜିଲ୍ଲାସ୍ତରୀୟ ଅନ୍ତର୍ଜାତୀୟ ମାଣ୍ଡିଆ ଦିବସ ପାଳିତ

ବାରିପଦା , ୧୧/୧୧ (ନି.ପ୍ର): ଓଡିଶା ସରକାରଙ୍କର କୃଷି ଓ କୃଷକ ସଶକ୍ତିକରଣ ଯୋଜନା ସବୁକୁ ତ୍ୱରାନ୍ୱିତ କରାଇବାପାଇଁ ଆଜି ନଭେମ୍ବର ୧୦କୁ ଅନ୍ତର୍ଜାତୀୟ ମିଲେଟ ବର୍ଷ ଏବଂ ମାଣ୍ଡିଆ ଦିବସ ସାରା ରାଜ୍ୟରେ ପାଳନ କରାଯିବା ପରିପେକ୍ଷୀରେ ଆଜି ମୟୂରଭଞ୍ଜ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ମାଣ୍ଡିଆ ଦିବସ ପାଳିତ ହୋଇଯାଇଛି। ଉଦ୍ୟାନ କୃଷି ଉପ ନିର୍ଦ୍ଦେଶକ ଟଙ୍କଧର ସାହୁ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିବା ବେଳେ ଏ.ଡ଼ି.ଭି.ଓ ଦେବବ୍ରତ ଦାଶ, ଏ.ଡ଼ି.ଏଫ.ଓ ଆଲୋକ କୁମାର ନାଥ, ଏ.ଡ଼ି.ଏଚ. ସୁରେନ୍ଦ୍ର ସ୍ୱାଇଁ, ଅତିରିକ୍ତ ଜିଲ୍ଲା ସାମାଜିକ କଲ୍ୟାଣ ଅଧିକାରୀ ଜ୍ୟୋସ୍ନା ମହାନ୍ତି, ବୈଜ୍ଞାନିକ ଡ଼. ଜ୍ୟୋତିପ୍ରକାଶ ମିଶ୍ର, ସହକାରୀ କୃଷି ଅଧିକାରୀ ସୁଧାଂଶୁ ଶେଖର ପଣ୍ଡା ପ୍ରମୁଖ ଅତିଥି ଭାବରେ ଯୋଗଦେଇ ମାଣ୍ଡିଆ ଭଳି ଏକ ପୁଷ୍ଟିକର ଖାଦ୍ୟ ସମସ୍ତଙ୍କ ଖାଦ୍ୟ ଥାଳିରେ କିପରି ପହଞ୍ଚିବ ତାଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଓଡିଶା ମିଲେଟ ମିଶନରେ ନିୟୋଜିତ ବେସରକାରୀ ସଂସ୍ଥା ଗ୍ରାମସ୍ୱରାଜ, ଶକ୍ତିସିଖା, ସ୍ୱାରଡ଼ା ଦ୍ୱାରା ଆୟୋଜିତ ଚାରିଗୋଟି ମିଲେଟ ସଚେତନତା ରଥ ଶୁଭାରମ୍ଭ କରାଯାଇଛି। ସହକାରୀ କୃଷି ନିର୍ଦ୍ଦେଶକ ମଧୁସ୍ମିତା ଜେନା ଏବଂ ଜିଲ୍ଲା ସଂଯୋଜକ ଚରଣ କୁମାର ହାଁସଦା କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ, ରାଜାରାମ ସାହୁ, ଅଦିତି ଖାଁ, ଅଭୟ କୁମାର ବେହେରା ପ୍ରମୁଖ ସହଯୋଗ କରିଥିଲେ।

# ମଧୁସୂଦନ ଦାସ ଓ ସତ୍ୟପ୍ରିୟ ମହାନ୍ତିଙ୍କ ସ୍ମୃତିଚାରଣ ସଭା




ବାସୁଦେବପୁର, ୧୧/୧୧ (ନି.ପ୍ର): ବାସୁଦେବପୁର ମିରାକିଲ ପବ୍ଲିକ ସ୍କୁଲ ପରିସରରେ ବାସୁଦେବପୁର ବ୍ଲକର ପୂର୍ବତନ ଅଧକ୍ଷ ତଥା ଶିକ୍ଷାବିତ ମଧୁସୂଦନ ଦାସ ଏବଂ ଲୋକପ୍ରିୟ ସାମ୍ବାଦିକ ଓ କବି ସତ୍ୟପ୍ରିୟ ମହାନ୍ତିଙ୍କ ବିୟୋଗ ରେ ଏକ ସ୍ମୃତି ଚାରଣ ସଭା ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ ଶିକ୍ଷାବିତ ଦୁଃଶାସନ ରାଉତ ସଭାପତିତ୍ୱ କରି ଥିଲେ । ଶହୀଦ ତୀର୍ଥଯାତ୍ରୀ ସଂଘର ପ୍ରତିଷ୍ଠାତା ବୈଲୋଚନ ଜେନା, କୋଣାର୍କ ବରଫ କାରଖାନା ର ମାଲିକ ମହେଶ୍ୱର ଦାସ, ପୂର୍ବତନ ବ୍ଲକ ଅଧକ୍ଷ ନିର୍ମଳ ବେହେରା ଅତିଥି ଭାବେ ଯୋଗ ଦେଇ ଏହି ସଭାରେ ସ୍ମୃତି ଚାରଣ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ କବି ସୁଧାଂଶୁ ଶେଖର ମିଶ୍ର, କବି ଭାଗିରଥି ପଲେଇ, କବି ରତ୍ନାକର ବାରିକ, କବି ପ୍ରହଲ୍ଲାଦ ବାରିକ, କବି ରତ୍ନାକର ପଣ୍ଡା, ଐତିହାସିକ ଅଜୟ ପଣ୍ଡା, କବି ବନମାଳୀ କୁଅଁର, ଡ଼କ୍ଟର ପ୍ରତାପ ନାୟକ, କବି ବସନ୍ତ ଦାସ, ଆଡ଼ଭୋକେଟ ସ୍ମୃତି ରଞ୍ଜନ ପଳିତା, କବି ବିକାଶ ଶତପଥୀ, ରଙ୍ଗରାଗ ସାହିତ୍ୟ ସଂସ୍କୃତି ପରିଷଦର ସମ୍ପାଦକ କବି ପ୍ରଦୀପ୍ତ ମହାନ୍ତି, ସାମ୍ବାଦିକ ଉଦୟ ଜେନା ପ୍ରମୁଖ ସ୍ମୃତି ଚାରଣ କରିଥିଲେ । ଦୁଇ ଜଣ ସ୍ୱର୍ଗତ ଆତ୍ମାଙ୍କ ପାଇଁ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା । ଶେଷରେ ସାମ୍ବାଦିକ ନାରାୟଣ ପ୍ରସାଦ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।


O-1508

GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION-II, BALASORE

**e-procurement Notice for Road**

Bid Identyfication No e-procurement Notice No.19/ SERW-II/BLS/ 2023-24

1.Name of the work :- Road works
2.Total no.of works :- 22 Nos.
3.Estimated cost :- As specified in column 3 of Annexure
4.Class of Contrator :- As specified in column 4 of Annexure
5.Time of Completion :- As specified in column 5 of Annexure
6. Cost of Tender Paper through online :- As specified in column 6 of Annexure
7.Other Details:- :- As per DTCN

| Procurement Officer | Bid Identification No. | Availability of tender online for bidding | | Last date & time of seeking tender clarification | Date & Time of Opening of Tender in O/o Superintending Engineer, R.W.Divn-II, Balasore (Single Cover) |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Superintending Engineer, R.W. Division-II, Balasore | E-TCN No.19 of 2023-24 | 15.11.23 at 05.00 P.M. | 23.11.23 up to 5.00 PM | 22.11.23 up to 02.00 PM | 24.11.23 at 11.00 AM |

Further details can be seen from the web site www.tendersorissa.gov.in

Superintending Engineer
R.W.Division-II,Balasore.

OIPR: 25052/11/0024/2324


# ଦୁଇ ସାମ୍ବାଦିକଙ୍କ ଅକାଳ ବିୟୋଗରେ ବସ୍ତା ପ୍ରେସ କ୍ଲବର ଶୋକ

ବସ୍ତା,୧୦।୧୧(ନିପ୍ର): ବାଲେଶ୍ୱର ଜିଲ୍ଲା ର ଦୁଇ ପ୍ରମୁଖ ସାମ୍ବାଦିକ ରାଧାକୃଷ୍ଣ ସାହୁ ଏବଂ ସତ୍ୟପ୍ରିୟ ମହାନ୍ତି ଙ୍କ ଅକାଳ ବିୟୋଗ ରେ ବସ୍ତା ପ୍ରେସ କ୍ଲବ ପକ୍ଷରୁ ଶୋକ ପ୍ରକାଶ ପାଇଛି ।କ୍ଲବର ସଭାପତି ରାମଚନ୍ଦ୍ର ଦେବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶୋକ ସଭାରେ ଦୀପକ କୁମାର ପରିଡା, ସୁଶାନ୍ତ କୁମାର ପ୍ରଧାନ, ହରିଶଙ୍କର ପାଢ଼ୀ,ବିଷ୍ଣୁପଦ ପତି, ସେକ ଜଗୁରୁଦ୍ଦିନ, ଦେବାଶିଷ ସେଠୀ, ଭାରତ କୁମାର ଦାସ, ରାଜେଶ କୁମାର ଗିରି,ପ୍ରମୋଦ କୁମାର ଜେନା ପ୍ରମୁଖ ସ୍ୱର୍ଗତ ସାହୁ ଓ ମହାନ୍ତି ଙ୍କ ସ୍ମୃତି ଚାରଣ କରିଥିଲେ ।ଏଥି ପୂର୍ବରୁ ସେମାନଙ୍କ ଉଦ୍ଦେଶ୍ୟରେ ଦୁଇ ମିନିଟ ନିରବ ପ୍ରାର୍ଥନା କରିବା ସହିତ ତାଙ୍କର ଶୋକ ସନ୍ତପତ ପରିବାରକୁ ସମବେଦନା ଜ୍ଞାପନ କରିଥିଲେ ।

ରବିବାର, ନଭେମ୍ବର ୧୨, ୨୦୨୩

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ମହାରାଜା କୃଷ୍ଣଚନ୍ଦ୍ର ଉଚ୍ଚବିଦ୍ୟାଳୟରେ ବିଦ୍ୟାଳୟ ସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ

ମୟୂରଭଂଜ, ୧୧/୧୧ (ନି.ପ୍ର): ମହାରାଜା କୃଷ୍ଣଚନ୍ଦ୍ର ଉଚ୍ଚବିଦ୍ୟାଳୟରେ ବିଦ୍ୟାଳୟ ସ୍ତରୀୟ ବିଜ୍ଞାନ ମେଳ ପ୍ରଧାନ ଶିକ୍ଷକ ବାସନ୍ତି ଟୁଡୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଉଦ୍‌ଘାଟନୀ ଉସବରେ ଅତିରିକ୍ତ ଜିଲ୍ଲାଶିକ୍ଷାଧିକାରୀ ଶ୍ରୀମତୀ ଦିପ୍ତି ନାଏକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପିଲାମାନଙ୍କ ମଧ୍ୟରେ ବୈଜ୍ଞାନିକ ମନବର୍ତ୍ତି ସୃଷ୍ଟି କରିବା ଉଦ୍ଦେଶ୍ୟରେ କ୍ଷୁଦ୍ର ଗଳ୍ପର ଅବତାରଣା କରିଥିଲେ । ଉଦ୍‌ଘାଟନୀ ସଭା, ତଥା ବିଦ୍ୟାଳୟ ସ୍ତରୀୟ ବିଜ୍ଞାନ ମେଳାକୁ ସଫଳ ରୂପାୟନ କରିବା ଦିଗରେ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, ଶିକ୍ଷାକର୍ମଚାରୀ ପୂର୍ଣ୍ଣ ସହଯୋଗ କରିଥିଲେ । ଏଥିରେ ମୋଟ ୭୩ ଟି ପ୍ରକଳ୍ପ ବିଦ୍ୟାର୍ଥୀ ମାନଙ୍କ ଦ୍ୱାରା ପ୍ରସ୍ତୁତ ହୋଇଥିଲେ । ସେଥିମଧ୍ୟରୁ ସିନିଅର ଜୁନିୟର, ସବଜୁନିଅର ବିଭାଗରୁ ୫ଟି ଲେଖାଏଁ ମୋଟ ୧୫ ଟି ଶ୍ରେଷ୍ଠ ପ୍ରକଳ୍ପ ଚୟନ କରାଯାଇଥିଲା । ଏହି ପିଲାମାନେ ହେଲେ ଲଳିତ କୁମାର ନାୟକ, ଆଦ୍ୟାଶା ଶିଙ୍ଗରାୟ, ମନିଷ କୁମାର ବେହେରା, ଜୟଦେବ ଦେ, ସଙ୍କେତ ତ୍ରିପାଠୀ, ଦିବ୍ୟାଶୁ ବାରିକ୍, ସିଦ୍ଧାର୍ଥ ବେହେରା, ଗୀତା ହେମ୍ବ୍ରମ, ସୂୟଂ ପ୍ରଭା ଟୁଡୁ, କାବ୍ୟ



ଶର୍ମା, ଆର୍ଚ୍ୟାସ୍ମାନ ଦାସ, ବିଶ୍ୱନାଥ ବେହେରା, ଆଶ୍ୟା ଖାନ, ଚିନ୍ମୟ ମହାନ୍ତ, ଶୁଭଶ୍ରୀ ଦାସ । 'ଇନ୍‌ସ୍ପାୟାର ମାନକ' ତରଫରୁ ଅଶୁତୋଷ ଗିରି ପ୍ରକଳ୍ପ ପ୍ରଦର୍ଶନ କରିଥିଲେ ।

# ନୀଳଗିରିରେ ଶୁଭାରମ୍ଭ ହେଲା ସଂକ୍ଷିପ୍ତ ଭୋଟରତାଲିକା ସଂଶୋଧନ ସଚେତନତା ରଥ

ନୀଳଗିରି, ୧୧/୧୧ (ନି.ପ୍ର): ମୁଖ୍ୟ ନିର୍ବାଚନ ଆୟୁକ୍ତଙ୍କ ନିର୍ଦ୍ଦେଶକ୍ରମେ ସାରା ରାଜ୍ୟରେ ଅକ୍ଟୋବର ୨୭ତାରିଖ ଠାରୁ ଡିସେମ୍ବର ୯ତାରିଖ ପର୍ଯ୍ୟନ୍ତ ସଂକ୍ଷିପ୍ତ ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା ଜାରି ରହିଛି। ୨୦୨୪ସଂକ୍ଷିପ୍ତ ଭୋଟର ତାଲିକା ସଂଶୋଧନ କରାଯାଇ ଏକ ଚୁଡାନ୍ତ ତଥା ସୁସ୍ଥ ଭୋଟର ତାଲିକା ପ୍ରକାଶନ ଏହାର ମୁଖ୍ୟ ଲକ୍ଷ୍ୟ। ଡିସେମ୍ବର ୯ତାରିଖ ପର୍ଯ୍ୟନ୍ତ ଜାରିଥିବା ପ୍ରକ୍ରିୟା ସମ୍ବନ୍ଧରେ ଜନସଚେତନତା ନିମନ୍ତେ ବିଶେଷ କରି ୧୭ବର୍ଷରୁ ୧୮ବର୍ଷ ବୟସର ସମସ୍ତ ଯୁବବର୍ଗଙ୍କୁ ନୂତନ ଭୋଟର ଭାବେ ନାମପଞ୍ଜିକରଣ ପାଇଁ ସଚେତନ କରିବା ଉଦ୍ଦେଶ୍ୟରେ ନୀଳଗିରି ଉପଖଣ୍ଡ ପ୍ରଶାସନ ପକ୍ଷରୁ ଏକ ସଚେତନତା ରଥକୁ ଭୋଟର ପଞ୍ଜିକରଣ ଅଧିକାରୀ ତଥା ନୀଳଗିରି ଉପଜିଲ୍ଲାପାଳ ମନ୍ଦରଧର ମହାଳିକ ପତାକା ପ୍ରଦର୍ଶନ କରି



ଶୁଭ ଉଦ୍ଘାଟନ କରିଥିଲା ବେଳେ ଡେପୁଟି କଲେକ୍ଟର ପରୀକ୍ଷିତ ଜେନା, ସହକାରୀ ଜିଲ୍ଲାପାଳ ଇଶ୍ୱର ଚନ୍ଦ୍ର ରଣା ବିଡ଼ିଓ ରାହୁଲ ମଣ୍ଡଳ, ଏନଏସି ନିର୍ବାହୀ ଅଧିକାରୀ ଅକ୍ଷୟ କୁମାର ବଡ୍ଡ, ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଗୋବର୍ଦ୍ଧନ ବିଶ୍ୱାଳ ବୈକୁଣ୍ଠ ରାୟ, ନିର୍ବାଚନ ବିଭାଗୀୟ କର୍ମକର୍ତ୍ତା ଲକ୍ଷ୍ମୀକାନ୍ତ ମହାପାତ୍ର ସମେତ ଗଣମାଧ୍ୟମ ପ୍ରତିନିଧିଗଣ କାର୍ଯ୍ୟକ୍ରମରେ ସାମିଲ ଥିଲେ। ନୂତନ ଭୋଟର ମାନଙ୍କ ନାମ ପଞ୍ଜିକରଣ ନିମନ୍ତେ ଉଭୟ ଅଫଲାଇନ୍ ଏବଂ ଅନଲାଇନର ବ୍ୟବସ୍ଥା ସହିତ ଚଳିତ ନଭେମ୍ବର ୫,୧୧,୧୯, ୨୫ତାରିଖ ସ୍ୱତନ୍ତ୍ର ଅଭିଯାନ ଦିବସ ମାନଙ୍କରେ ବୁଥ ଖୋଲା ରହିବା ସଙ୍ଗେ ସଙ୍ଗେ ସମସ୍ତ ସୁବିଧା ସୁଯୋଗ ସମ୍ବନ୍ଧରେ ରଥ ଜରିଆରେ ବାର୍ତ୍ତା ପ୍ରଦାନ କରାଯାଇଛି। ନୂତନ ଭାବେ ଯେଉଁ ଭୋଟର ନାମ ପଞ୍ଜିକରଣ, ସଂକ୍ଷିପ୍ତ ସଂଶୋଧନର ପ୍ରକ୍ରିୟା ସମ୍ବନ୍ଧରେ ପ୍ରଚାର ପତ୍ର ବଣ୍ଟନ, ଡ଼ାକବାଜି ଯନ୍ତ୍ର ଯୋଗେ ସଙ୍ଗୀତ ପରିବେଷଣ ସହିତ ରାଜ୍ୟ ମୁଖ୍ୟ ନିର୍ବାଚନ ଆୟୋଗ ଦ୍ୱାରା ଜାରି ବିଭିନ୍ନ ବାର୍ତ୍ତା ମାନ ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଏହି ରଥ ଜରିଆରେ ପ୍ରଚାର କରାଯାଇଛି।

# ଜୀ-ସାର୍ଥକର ସୁପରହିଟ୍ ମେଗା ଧାରାବାହିକ 'ସନ୍ଧ୍ୟା ରାଗିଣୀ' ଦେଖନ୍ତୁ ସଂଧ୍ୟା ୬ଟା ୩୦ମିନିଟ୍‌ରେ

ଭୁବନେଶ୍ୱର, ୧୧/୧୧ (ନି.ପ୍ର): ଜୀ-ସାର୍ଥକ ସବୁବେଳେ ଭିନ୍ନ ଭିନ୍ନ କାହାଣୀ ଓ ଓଡ଼ିଶା ନାରୀର ଅଦମ୍ୟ ମନୋବଳ ପ୍ରତିଫଳିତ କରିଛନ୍ତି ନିଜର ମେଗା ଧାରାବାହିକ ହେଉ କି ରିୟଲିଟି ସୋ ମାଧ୍ୟମରେ । ସେହିପରି ନାରୀ ସାହସର ଏକ ଅଦମ୍ୟ କାହାଣୀକୁ ନେଇ ଅକ୍ଟୋବର ୨ ରୁ ଜୀ-ସାର୍ଥକରେ ପ୍ରସାରିତ 'ସନ୍ଧ୍ୟା ରାଗିଣୀ' ଦର୍ଶକଙ୍କ ମନ ଜିତିବାରେ ସଫଳ ହୋଇଛି । ସମ୍ପୂର୍ଣ୍ଣ ଓଡିଆ ଘରର କାହାଣୀ ଓ ପରମ୍ପରାକୁ ନେଇ ଓଡ଼ିଶାର ଲୋକପ୍ରିୟ ପ୍ରଯୋଜକ ବିଜୟ କାଣ୍ଡୋଇଙ୍କ ଧାରାବାହିକ 'ସନ୍ଧ୍ୟା ରାଗିଣୀ' ସବୁ ସପ୍ତାହରେ ଅଧିକରୁ ଅଧିକ ଦର୍ଶକଙ୍କ ଭଲ ପାଇବା ସାଉଁଟିଛି ।ଓଡିଶାର ଏକ ଛୋଟ ଗାଁରେ ଦୁଇ ଭଉଣୀ ଯଶୋଦା ଓ ଦେବକୀ ଏକ ଭୁଲ ବୁଝାମଣା ପାଇଁ ଅଲଗା ହୋଇଯାଇଥିଲେ..ଏହା ମଧ୍ୟରେ



ବହୁତ ବର୍ଷ ବିତି ଯାଇଛି । ଗୋଟେ ପଟେ ଦେବକୀର ଝିଅ ରାଗିଣୀ, ଲଣ୍ଡନରେ ପାଠ ପଢିଥିବା ଆଧୁନିକ ତଥା ସ୍ୱାଧୀନ ଚିନ୍ତାଧାରା ରଖୁଥିବା ଝିଅ । ଆଉ ଅନ୍ୟ ପଟେ ପାରମ୍ପରିକ ଚଳଣି ସହ ଘରର ବଡ଼ମାନଙ୍କୁ ସମ୍ମାନ କରୁଥିବା ଯଶୋଦାର ଝିଅ 'ସନ୍ଧ୍ୟା' ଏବଂ ତା ସ୍ୱପ୍ନ ଭାରତ ପାଇଁ ହକି ଖେଳିବାକୁ। ଦେବକୀର ମୃତ୍ୟୁ ପରେ ଯଶୋଦା ରାଗିଣୀକୁ ନିଜ ସାଙ୍ଗରେ ଘରକୁ ନେଇ ଆସିଛି । ଆଧୁନିକ ଚିନ୍ତାଧାରା ରଖୁଥିବା ଝିଅ କଣ ଚୌଧୁରୀ ପରିବାରରେ ନିଜକୁ ଖାପଖୁଆଇ ଚଳି ପାରିବ ଯେଉଠି ସିଦ୍ଧାନ୍ତ ଓ ନୈତିକତା ସୀମା ରେଖା ବାହାରେ କିଛି ବି ସମ୍ଭବ ନୁହଁ। ଯଶୋଦା ଦୁଇ ଝିଅ ସନ୍ଧ୍ୟା ଓ ରାଗିଣୀଙ୍କ ସ୍ୱପ୍ନ ପୁରା କରିବାକୁ ଯାଇ କଣ କିଛି ପରିସ୍ଥିତିର ସାମ୍ନା କରିବାକୁ ପଡ଼ିବ, ରାଗିଣୀର ଚାଲିଚଲଣ ପାଇଁ ଆଗକୁ ଯାଇ ଯଶୋଦା-ରଘୁରାଜ ସମ୍ପର୍କରେ କଣ ଫାଟ ସୃଷ୍ଟି ହେଇଯିବ, ଏଇ ସବୁକୁ ନେଇ ଆମ ଧାରାବାହିକ ସନ୍ଧ୍ୟା-ରାଗିଣୀ । ଧାରାବାହିକ ର ମୁଖ୍ୟ ଚରିତ୍ରରେ ଅଛନ୍ତି ନିତୁ ମିଶ୍ର, ହିତେସା, ପ୍ରିୟଙ୍କା, ଦୀପ୍ତି ରେଖା, ଜ୍ୟୋତି ଓ କେକେ । ଜୀ-ସାର୍ଥକର ସଦା ସର୍ବଦା ଓଡ଼ିଶାର ମହିଳାମାନଙ୍କ ଆତ୍ମବିଶ୍ୱାସ ବଢାଇବା ସହିତ ଓଡିଆ ଘରର କାହାଣୀକୁ ନେଇ ରାଜ୍ୟର ଦର୍ଶକଙ୍କ ମନୋରଞ୍ଜନ କରିଆସିଛି ଯେଉଁଥିପାଇଁ ଆପଣ ମାନେ ଏହି ଚ୍ୟାନେଲ କୁ ସବୁବେଳେ ଏକ ନମ୍ବର ଚ୍ୟାନେଲ କରି ରଖିଛନ୍ତି । ଆଗକୁ ମଧ୍ୟ ଏହି ମେଗା ଧାରାବାହିକରେ ନୂଆ ନୂଆ ଅପ୍ରତ୍ୟାଶିତ ମୋଡ ଆସିବ ଯାହା ନିଶ୍ଚିତ ଭାବରେ ଆମ ଦର୍ଶକଙ୍କୁ ଭଲ ଲାଗିବା ବୋଲି ଜୀ-ସାର୍ଥକ ଚିଫ୍ ଚ୍ୟାନେଲ ଅଫିସର ପ୍ରତୀକ ସିଲ୍ ଆଶା ବ୍ୟକ୍ତ କରିଛନ୍ତି ।

# ଉଦଳା ମହାବିଦ୍ୟାଳୟରେ ଗଣିତ ବିଭାଗର ପାଠଚକ୍ର




ଉଦଳା, ୧୧/୧୧ (ନି.ପ୍ର): ବିଶ୍ୱଶିକ୍ଷା ଦିବସ ଅବସରରେ ଗଣିତ ବିଭାଗର ଅଧ୍ୟାପିକା ଡ଼କ୍ଟର ମିନାକ୍ଷୀ ପରିଡ଼ାଙ୍କ ଆବାହକତ୍ୱରେ 'ବହୁବିଧି ପରିବର୍ତନିୟ ଗଣନା' ବିଷୟବସ୍ତୁ ଉପରେ ଏକ ପାଠଚକ୍ର ଅନୁଷ୍ଠିତ ହୋଇଥିଲା । ମହାବିଦ୍ୟାଳୟର ଅଧକ୍ଷ ଡ଼କ୍ଟର ଯତିନ କୁମାର ମହାକୁଡ଼ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ମହାପ୍ରଭୁଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ ସହ ପାଠ୍ୟଚକ୍ରକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ବିଷୟବସ୍ତୁ ବିଷାରଦ ଭାବରେ ରସାୟନ ବିଭାଗର ମୁଖ୍ୟ ତଥା ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ଡ଼କ୍ଟର ଆଲୋକ ରଂଜନ ପ୍ରଧାନ ଯୋଗ ଦେଇ ଗଣିତର ପ୍ରୟୋଗାତ୍ମକ ଦିଗ ଉପରେ ସବିଶେଷ ଆଲୋଚନା କରିଥିଲେ । ଗଣିତ ବିଭାଗର ଛାତ୍ର/ ଛାତ୍ରୀ ପ୍ରତୀକ୍ଷା, ଜ୍ୟୋତି, ଦିପାଳି, ବିଶାଳ ଇତ୍ୟାଦି ସ୍ୱଲିଖିତ ସନ୍ଦର୍ଭ ପାଠ କରିଥିଲେ । ବିଭାଗୀୟ ଅଧ୍ୟାପକ ବନମାଳି ସିଂ ପ୍ରଶ୍ନଉତୋର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଓ ଶେଷରେ ସମସ୍ତଙ୍କ ସହଯୋଗ ପାଇଁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଜିଲ୍ଲା ବିଜେପି ଯୁବମୋର୍ଚ୍ଚାର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ



ବାଲେଶ୍ୱର, ୧୧/୧୧ (ନି.ପ୍ର): ଆଜି ଖାନନଗର ସ୍ଥିତ ନୂତନ ବିଜେପି କାର୍ଯ୍ୟାଳୟର ବୈଠକ ଗୃହରେ ବାଲେଶ୍ୱର ଜିଲ୍ଲା ବିଜେପି ଯୁବମୋର୍ଚ୍ଚା ର ଜିଲ୍ଲା ର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି, ଜିଲ୍ଲା ଯୁବ ମୋର୍ଚ୍ଚା ସଭାପତି ତଥା ରାଜ୍ୟ କ୍ରୀଡା ସଂଯୋଜକ ରାଜେଶ ମହାପାତ୍ର ଙ୍କ ଅଧକ୍ଷତା ରେ ଅନୁଷ୍ଠିତ ଏହି ବୈଠକରେ ଜିଲ୍ଲା ବିଜେପି ସଭାପତି ଉମାକାନ୍ତ ମହାପାତ୍ର, ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଉପ ସ୍ଥିତ ରହି ତାଙ୍କ ବକ୍ତବ୍ୟ ମାଧ୍ୟମରେ ଯୁବ କାର୍ଯ୍ୟକର୍ତ୍ତା ଙ୍କୁ ଉତ୍ସାହିତ କରିଥିଲେ । ମୁଖ୍ୟ ଅତିଥି ଭାବରେ ରାଜ୍ୟ ଯୁବମୋର୍ଚ୍ଚା ସଂଯୋଜକ ତଥା ଜିଲ୍ଲା ଯୁବମୋର୍ଚ୍ଚା ପ୍ରଭାରୀ ସ୍ମୃତି ରଞ୍ଜନ ଦାସ, ରାଜ୍ୟ କୋଷାଧକ୍ଷ ରାଜେଶ ମହାକୁଡ଼, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶଶୀକାନ୍ତ ମିଶ୍ର, ଖଇରା ବ୍ଲକ ଅଧକ୍ଷା ଅଭିଲିପ୍ସା ସାହୁ ଙ୍କ ସମେତ ଜିଲ୍ଲା ସାଧାରଣ ସମ୍ପାଦକ ଖଗେନ୍ଦ୍ର ନାୟକ, ସ୍ୱାଧୀନ ପଣ୍ଡା ପ୍ରମୁଖ ପ୍ରଥମ ସତ୍ର ରେ ଉପସ୍ଥିତ ଥିଲେ, ଏହିପରି ଭାବରେ ଚାରି ଗୋଟି ସତ୍ର ରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା, ଏହି କାର୍ଯ୍ୟକ୍ରମ ରେ ସମସ୍ତ ଜିଲ୍ଲା ଯୁବମୋର୍ଚ୍ଚା ପଦାଧିକାରୀ, ଓ ସମସ୍ତ ମଣ୍ଡଳ ସ୍ତର ର ସଭାପତି ଓ ସାଧାରଣ ସମ୍ପାଦକ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଉପସଭାପତି ନାରାୟଣ ମହନ୍ତ, ରୁଦ୍ରଶ୍ରୀ ସଂଜୀବ ରାଉଳ, ଦେବାଶିଷ ଆଚାର୍ଯ୍ୟ, ରାଜେନ ପରିଡା, ଅକ୍ଷୟ ବିଶ୍ୱାଳ, ଅରୂପ ଜେନା,ସମ୍ପାଦକ ବିକ୍ରମ ପାତ୍ର,ତନ୍ମୟ ଚାନ୍ଦ, ସୌମ୍ୟଜିତ ଦାସ ମହାପାତ୍ର, ଦିବ୍ୟ ସୁନ୍ଦର ଦାସ, କୋଷାଧକ୍ଷ ସୁରଝଙ୍କାର ସେଠି ପ୍ରମୁଖ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭ ରେ ପ୍ରଦୀପ ପ୍ରଜ୍ୱଳନ ସହ ଭାରତ ମାତା, ପଣ୍ଡିତ ଦିନ ଦୟାଲ ଉପାଧ୍ୟାୟ ଓ ଶ୍ୟାମା ପ୍ରସାଦ ମୁଖାର୍ଜୀ ଙ୍କ ଫଟ ଚିତ୍ରରେ ପୁଷ୍ପ ପ୍ରଦାନ କରାଯାଇଥିଲା ଜିଲ୍ଲା କୃଷକ ମୋର୍ଚ୍ଚା ଉପ ସଭାପତି କୌଶିକ ଚାନ୍ଦ, ଯୁବ ନେତା ମନୋଜ ପଦ୍ମାର ଓ ସୁବୋଧ ଚନ୍ଦ୍ର ପଣ୍ଡା ଙ୍କୁ ଜିଲ୍ଲା ଯୁବ ମୋର୍ଚ୍ଚା ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଥିଲା,ଆଗାମୀ ସାଧାରଣ ନିର୍ବାଚନ ରେ ଯୁବ ମୋର୍ଚ୍ଚାର ମୁଖ୍ୟ ଭୂମିକା ଉପରେ ବୈଠକରେ ଆଲୋଚନା କରାଯାଇଥିଲା, ନୀଳଗିରି ବିଧାୟକ ସୁକାନ୍ତ ନାୟକ, ପୂର୍ବତନ ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ଜୀବନ ପ୍ରଦୀପ ଦାଶ,ବିଜେପି ରାଜ୍ୟ କାର୍ଯ୍ୟ କାରିଣୀ ସଦସ୍ୟ ଶୁଭଙ୍କର ମହାପାତ୍ର, ଶୋଭନା ମହାନ୍ତି,ଜିଲ୍ଲା ମିଡ଼ିଆ ସହ ସଂଯଜକ ରଣଜିତ ପୃଷ୍ଟି,ଜିଲ୍ଲା ବିଜେପି ସାଧାରଣ ସମ୍ପାଦକ ପର୍ଶୁରାମ ପରିଡା, ସମ୍ପାଦକ ବିଭୂପଦ ଦାସ, ବିଜୟ ସାହୁ, ଜିଲ୍ଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ସିପ୍ରା ରେଖା ମହାପାତ୍ର, ଉପ ସଭାନେତ୍ରୀ ମମତା ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ଯୁବ କାର୍ଯ୍ୟକର୍ତା ଙ୍କୁ ଉତ୍ସାହିତ କରିଥିଲେ।

# ବସ୍ତାରେ ଧନ୍ୱନ୍ତରୀ ଜୟନ୍ତୀ

ବସ୍ତା,୧୧।୧୧(ନିପ୍ର): ଭଗବାନ ଶ୍ରୀ ଧନ୍ୱନ୍ତରୀ ଜୟନ୍ତୀ ଉତ୍ସବ ବସ୍ତାସ୍ଥିତ ଦୀପ୍ତି ସେବା ସଦନ ପରିସରରେ ଶନିବାର ଅନୁଷ୍ଠିତ ହୋଇଯାଇଛି ।ଡାକ୍ତର ସୁନୀଲ



କୁମାର ବାରିକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଜୟନ୍ତୀ ଉତ୍ସବରେ ସରକାରୀ ଆୟୁର୍ବେଦିକ ଡାକ୍ତର ପଞ୍ଚାନନ ପାଣିଗ୍ରାହୀ ମୁଖ୍ୟ ଅତିଥି, ଅବସରପ୍ରାପ୍ତ ଆୟୁର୍ବେଦିକ ଡାକ୍ତର ଦିଲୀପ କୁମାର ଚକ୍ରବର୍ତ୍ତୀ ମୁଖ୍ୟ ବକ୍ତା,ସମାଜସେବୀ ଶ୍ୟାମାପ୍ରସାଦ ବେହେରା ସମ୍ମାନିତ ବକ୍ତା ଭାବେ ଯୋଗଦେଇ ଧନ୍ୱନ୍ତରୀଙ୍କ ଆବିର୍ଭାବ ଓ ରୋଗ ଚିକିତ୍ସା ପାଇଁ ତାଙ୍କର ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାମ୍ବାଦିକ ରାମଚନ୍ଦ୍ର ଦେବ, ସୁଶାନ୍ତ କୁମାର ପ୍ରଧାନ, ଶିକ୍ଷକ ବିଶ୍ୱରଂଜନ ପାଣି ପ୍ରମୁଖ ଆଲୋଚନା ରେ ଭାଗ ନେଇଥିଲେ। ଶେଷରେ ଆଡଭୋକେଟ ପରେଶ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।


## ରାଇରଙ୍ଗପୁର ଆଇଟିଆଇ

### ରାଇରଙ୍ଗପୁର, ମୟୂରଭଞ୍ଜ

(ରାଷ୍ଟ୍ରୀୟ ବୈଷୟିକ ପ୍ରଶିକ୍ଷଣ ପରିଷଦ (NCVT) ଭାରତ ସରକାର ଏବଂ ନିର୍ଦ୍ଦେଶକ, ବୈଷୟିକ ଶିକ୍ଷା ଓ ତାଲିମ୍, ଓଡ଼ିଶା ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ ଅନୁଷ୍ଠାନ)




ଆଲୋକର ପର୍ବ ଶୁଭ ଦୀପାବଳୀରେ ସମସ୍ତ ଭାଇଭଉଣୀ ଓ ଗୁରୁଜନମାନଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଶୁଭକାମନା । ଏହି ପର୍ବ ପର୍ବାଣୀରେ ମା' ସମସ୍ତଙ୍କର ଦୁଃଖ କଷ୍ଟକୁ ଦୂରକରି ସଭିଁଙ୍କ ମନରେ ଭରିଦିଅନ୍ତୁ ସୁଖ ଓ ଆନନ୍ଦ, ଏତିକି କାମନା । ଏଥିସହିତ ରାଇରଙ୍ଗପୁର ଆଇଟିଆଇର ସମସ୍ତ ଅଧ୍ୟାପକ ଅଧ୍ୟାପିକା, ଛାତ୍ରଛାତ୍ରୀ ଓ ପରିଚାଳନା କମିଟିର ସଦସ୍ୟ ସଦସ୍ୟା ଓ ଜନସାଧାରଣଙ୍କୁ ଶୁଭେଚ୍ଛା ଓ ଆମର ଅଭିନନ୍ଦନ ।

Mob-9437161240/9437615650/9777948962

ସାଇସାଧନା ବୈଷୟିକ ଶିକ୍ଷାନୁଷ୍ଠାନ ତରଫରୁ ଆଲୋକର ପର୍ବ ଶୁଭ ଦୀପାବଳୀ ଉପଲକ୍ଷେ ସମସ୍ତ ଅଭିଭାବକ ଓ ଛାତ୍ରଛାତ୍ରୀଙ୍କୁ ମୋର ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ । ମା'ଙ୍କ କୃପାରୁ ସମସ୍ତଙ୍କର ଜୀବନ ହେଉ ସରସ ସୁନ୍ଦର, ଏହାହିଁ ମା'ଙ୍କଠାରେ ପ୍ରାର୍ଥନା ।

ମୟୂରଭଂଜ ଜିଲ୍ଲାର ଏହା ଏକ ଆଦର୍ଶ ଇଂଜିନିୟରିଂ ଶିକ୍ଷାନୁଷ୍ଠାନ ଭାବେ ସମସ୍ତଙ୍କଠାରେ ଆଦୃତ ଓ ପରିଚିତ ।



ମା'ଙ୍କ ଆଗମନ ଅବସରରେ ଉତ୍ତମ ଛାତ୍ର ଗଠନ କରିବାପାଇଁ ଆମେ ପ୍ରତିଶ୍ରୁତିବଦ୍ଧ । ଅଭିଭାବକମାନଙ୍କର ମଧ୍ୟ ଏକାନ୍ତ ସହଯୋଗ ଆମର କାମ୍ୟ ।

PURNA CHANDRA BINDHANI ( CHAIRMAN)

SAI SADHANA COLLEGE OF BASIC SCIENCE (+3) (Residental),
SAI SADHANA SCIENCE HIGHER SECONDARY SCHOOL (+2) (Residential)
SAI SADHANA ITI (TRADE : Fitter & Electrician &
SAI SADHANA SISHU VIDYA MANDIR (CBSE PATTERN ODIA MEDIUM)
At: Dibyasinghpur, Udala, Dist:- Mayurbhanj, PIN-757041
Contact No : 9437294587, 9437443950, 9937557158, 9438232419


❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo